

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-132 ♦SATURDAY ♦8 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୨ ♦ଶନିବାର ♦୮ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ରଙ୍ଗ ମାରିଲେ ବିକାଶ ହୁଏନି: ନବୀନ

## ୧୧ରେ ନୂଆପଡ଼ାବାସୀ ଦେବେ 'ବେଇମାନୀ'ର ଜବାବ୍





**ସାଧାରଣ ଲୋକଙ୍କୁ ନବୀନଙ୍କ ପ୍ରଶ୍ନ**

- ଆପଣମାନଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ମିଳିଛି କି ?
- ବୁଢ଼ାବୁଢ଼ୀମାନଙ୍କୁ ୩୫୦୦ ଟଙ୍କା ପେନ୍‌ସନ ମିଳିଛି କି ?
- ଚାଷୀଭାଇଙ୍କୁ ୟୁରିଆ ସାର ସରକାର ଦେଇପାରିଛନ୍ତି କି ?
- ଧାନ ବିକ୍ରିରେ କଟ୍‌ନୀଛଟ୍‌ନୀ ବନ୍ଦ ହୋଇପାରିଛି କି ?
- ଯୁବବର୍ଗଙ୍କୁ ସରକାରୀ ଚାକିରି ପ୍ରତିଶ୍ରୁତି ପୂରଣ ହୋଇଛି କି?

- ଅଟକିଛି ବିକାଶ କାର୍ଯ୍ୟ, ମିଛ ପ୍ରତିଶ୍ରୁତିରେ ଚାଲେ ନାହିଁ ସରକାର
- ୫୦୦ ଦିନରେ ଡବଲ୍ ଧୋକା ଦେଇଛି ଡବଲ୍ ଇଞ୍ଜିନ୍ ସରକାର
- ପ୍ରାର୍ଥୀ ଚୋରି କରିପାରନ୍ତି; କିନ୍ତୁ ଲୋକଙ୍କ ହୃଦୟ ଜିତିପାରିବେ ନାହିଁ

■ **ନୂଆପଡ଼ା/ଭୁବନେଶ୍ୱର,୭।୧୧ (ସମିସ):** ଖାଲି ରଙ୍ଗ ମାରି ଦେଲେ ବିକାଶ ହୁଏ ନାହିଁ; ମିଛ ପ୍ରତିଶ୍ରୁତିରେ ସରକାର ଚାଲେ ନାହିଁ। ମିଛ କହି ସରକାର ଗଠନ କରିପାରନ୍ତି, ପ୍ରାର୍ଥୀ ଚୋରି କରିପାରନ୍ତି; କିନ୍ତୁ ଲୋକଙ୍କ ହୃଦୟକୁ ଜିତି ପାରିବେ ନାହିଁ। ଶାସନ କରିବାର ୫୦୦ ଦିନ ମଧ୍ୟରେ ଡବଲ ଇଞ୍ଜିନ୍ ସରକାର ଲୋକଙ୍କୁ କେବଳ ଦେଇଛି ଧୋକା, ଧୋକା, ଡବଲ ଧୋକା। ଲୋକଙ୍କ ସହିତ, ବିଜେଡି ସହିତ ଓ ତାଙ୍କ ସହିତ କିପରି ବେଇମାନି କରାଯାଇଛି, ତାହା ନୂଆପଡ଼ାବାସୀ ଭଲ ଭାବେ ଜାଣନ୍ତି। ନୂଆପଡ଼ାର ଭୋଟରମାନେ ୧୧ ତାରିଖ ଦିନ ଏହାର ଜବାବ ଭୋଟରେ ଦେବେ। ଆଜି ନୂଆପଡ଼ାରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ଅବସରରେ ଶାସକ ବିଜେପିକୁ ଏପରି କଟାକ୍ଷ କରିଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ଖରିଆରରୋଡ଼ ଓ ନୂଆପଡ଼ା ଏନ୍‌ଏସିରେ ଆୟୋଜିତ ରୋଡ ଶୋ' ଓ ଜନସଭାରେ ବିଜୁ ଜନତା ଦଳ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଶ୍ରୀ ପଟ୍ଟନାୟକ ଆଜି ଦିନିକିଆ ନୂଆପଡ଼ା ଗସ୍ତରେ ଯାଇ ସେଠାରେ ମାରାଥନ୍ ନିର୍ବାଚନ ପ୍ରଚାର କରିଥିଲେ। ଖରିଆର ରୋଡ୍ ଓ ନୂଆପଡ଼ାରେ ବିଶାଳ ରୋଡ ଶୋ'ରେ ଯୋଗଦେଇ ବିଜେଡି ▶ପୃଷ୍ଠା-୭

### ଏଟିସିରେ ବୈଷୟିକ ସମସ୍ୟା

# ଦିଲ୍ଲୀରେ ୮୦୦ ବିମାନ ଉଡ଼ାଣ ବିଳମ୍ବିତ



**ବିମାନ ଲ୍ୟାଣ୍ଡିଂ-ଟେକ୍‌ଅଫ୍‌ର କାର୍ଯ୍ୟସୂଚୀ ମିଳୁନି**

**ଭୋପାଳ, ଚଣ୍ଡିଗଡ଼, ଅହମଦାବାଦରେ ମଧ ସମସ୍ୟା**

■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଦିଲ୍ଲୀ ବିମାନ ବନ୍ଦରରେ ଶୁକ୍ରବାର ୮୦୦ରୁ ଅଧିକ ଉଡ଼ାଣ ବିଳମ୍ବିତ ହୋଇଛି। ବିମାନ ବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପ୍ରଣାଳୀରେ ବୈଷୟିକ ତ୍ରୁଟି ଦେଖା ଦେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ବୈଷୟିକ ତ୍ରୁଟି କାରଣରୁ ଏଟିସିର ବିମାନ ଅବତରଣ ଓ ଉଡ଼ାଣ ନେଇ କାର୍ଯ୍ୟସୂଚୀ ମିଳିପାରୁନାହିଁ। ଗଣମାଧ୍ୟମଗୁଡ଼ିକର ସୂଚନା ଅନୁଯାୟୀ, ଏଟିସିର ଅଟୋମେଟିକ୍ ମେସେଜ ସୁଇଚ୍ ସିଷ୍ଟମ (ଏଏମ୍‌ଏସ୍‌ଏସ)ରେ ତ୍ରୁଟି ଦେଖିବାକୁ ମିଳିଛି। ଏଏମ୍‌ଏସ୍‌ଏସ୍ ବିମାନଗୁଡ଼ିକର ଟେକ୍‌ଅଫ୍ ଓ ଲ୍ୟାଣ୍ଡିଂ ନେଇ ସୂଚନା ପ୍ରଦାନ କରିଥାଏ। ଏଟିସି ଅଧିକାରୀମାନେ ପୂର୍ବରୁ ଉପଲବ୍ଧ ତଥ୍ୟକୁ ଆଧାର କରି ବିମାନଗୁଡ଼ିକର ଉଡ଼ାଣ ଓ ଅବତରଣ କାର୍ଯ୍ୟସୂଚୀ ସ୍ଥିର କରୁଛନ୍ତି। ଦିଲ୍ଲୀ ବିମାନ ବନ୍ଦରର ଏହି ସମସ୍ୟା ଦ୍ୱାର ଅନ୍ୟ ବିମାନ ବନ୍ଦରଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଦିଲ୍ଲୀରୁ ଅନ୍ୟ ବିମାନ ବନ୍ଦରକୁ ଯିବା ▶ପୃଷ୍ଠା-୭

# ୪୨ ଦିନରେ ୫୨ ଲକ୍ଷ ଗାଡ଼ି ବିକ୍ରି



■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଚଳିତବର୍ଷର ପାର୍ବଣ ଋତୁରେ ସାରା ଦେଶରେ ଯାନବାହାନ ବିକ୍ରିରେ ପ୍ରତିଷ୍ଠା ହୋଇଛି ନୂଆ ରେକର୍ଡ। ଏହି ୪୨ ଦିନର ପାର୍ବଣରେ ୫୨ ଲକ୍ଷ ଗାଡ଼ି ବିକ୍ରି ହୋଇଛି। ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା)ର ତଥ୍ୟ ଅନୁଯାୟୀ, ଏଥର ପାର୍ବଣ ଋତୁରେ ଖୁଚୁରା ଗାଡ଼ି ବିକ୍ରି ୨୧% ବୃଦ୍ଧି ପାଇ ୫୨, ୩୮, ୪୦୧ ୟୁନିଟ୍ ହୋଇଛି, ଯାହା ଗତ ବର୍ଷର ୪୩,୨୫,୬୩୨ ୟୁନିଟ୍ ତୁଳନାରେ ବହୁତ ଅଧିକ। ଅପରପକ୍ଷେ ଏହି ସମୟ ମଧ୍ୟରେ, ପାସେଞ୍ଜର ଗାଡ଼ି କ୍ଷେତ୍ରରେ ବିକ୍ରି ୨୩% ବୃଦ୍ଧି ପାଇ ୭,୬୬,୯୧୮ ୟୁନିଟ୍ ରହିଛି। ସେହିଭଳି ଦୁଇଚକିଆ ବିକ୍ରି ୨୨% ବୃଦ୍ଧି ପାଇ ୪୦,୫୨,୫୦୩ ୟୁନିଟ୍‌ରେ ପହଞ୍ଚିଛି। ▶ପୃଷ୍ଠା-୭

## ପୁଲିସ ଏସ୍‌ଆଇ ଚାକିରି ବିକ୍ରି କେଳେଙ୍କାରୀ

# ଏସ୍‌ଆଇଟି ବୈଠକରେ ଉଦ୍‌ବେଗ

### ଅର୍ଥ କାରବାର ଉପରେ ଇଡି ନଜର ରଖିଛି: ଜଷ୍ଟିସ୍ ପଶାୟତ



■ **କଟକ, ୭।୧୧ (ସମିସ):** ଓଡ଼ିଶାରେ ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ସମେତ ଆଉ କେତେକ ପ୍ରସଙ୍ଗକୁ ନେଇ କଳାଟଙ୍କା କାରବାର ସଂପର୍କରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା(ଏସ୍‌ଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇଟି ଉପାଧକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ଏଥିରେ ଅଧ୍ୟକ୍ଷତା କରି ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି ଏହି କେଳେଙ୍କାରୀରେ ବିପୁଳ ଅର୍ଥ କାରବାର ହୋଇଥିବା ନେଇ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅବଗତ କରାଯାଇଛି। ଏଣୁ ଏହା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନଜର ରଖିଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ଏହା ସମେତ ଆଉ କେତେକ ପରୀକ୍ଷା କେଳେଙ୍କାରୀ ତଥା ଓଟିଇଟି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ଅଦ୍ୟାବଧି କ୍ରାଇମବ୍ରାଞ୍ଚ କରିଥିବା ତଦନ୍ତର ଷ୍ଟାଟସ୍ ରିପୋର୍ଟକୁ ▶ପୃଷ୍ଠା-୭

# ଶଙ୍କର, ସୁରେଶଙ୍କର ହେବ ମିଛଧରା ପରୀକ୍ଷା

■ **କଟକ, ୭।୧୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀର ମୁଖ୍ୟ ଅଭିଯୁକ୍ତ ତଥା ପଞ୍ଚସଫ୍ଟ ଟେକ୍ନୋଲୋଜିର ମାଲିକ ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରୁଛି। କିନ୍ତୁ ସେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରୁନଥିବା ଜଣାଯାଇଛି। ବାରମ୍ବାର ବୟାନ ବଦଳାଇ ତଦନ୍ତକାରୀ ଅଧିକାରୀଙ୍କୁ ବିଭ୍ରାନ୍ତ କରୁଛି। ଏହାକୁ ନେଇ କ୍ରାଇମବ୍ରାଞ୍ଚର ଚିନ୍ତା ବଢ଼ିଛି। ତେଣୁ ତା'ର ମିଛଧରା (ପଲିଗ୍ରାଫ୍) ପରୀକ୍ଷା କରି ସତ ପଦାକୁ ଆଣିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରିଛି। ଏନେଇ ଅନୁମତି ପ୍ରଦାନ ପାଇଁ ଖୁବ୍‌ଶୀଘ୍ର ଅଦାଲତଙ୍କୁ ଆବେଦନ କରାଯିବ ବୋଲି ଜଣାଯାଇଛି। କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି ଯେ ▶ପୃଷ୍ଠା-୭

**ପୀତବାସ ହତ୍ୟା ମାମଲା: ବଢ଼ିଲା ବ୍ରହ୍ମପୁର ଏସ୍‌ପିଙ୍କ ଅଡୁଆ**

# ହାଇକୋର୍ଟରେ ସତ୍ୟପାଠ ସହ ହାଜର ନିର୍ଦ୍ଦେଶ



■ **କଟକ, ୭।୧୧ (ସମିସ):** ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଶୁଣାଣି କରୁଛନ୍ତି। ଏହି ମାମଲାରେ ଆଜି ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କ ପକ୍ଷରୁ ଲିଖିତ ଜବାବ ଦାଖଲ କରାଯାଇଛି। କିନ୍ତୁ, ସତ୍ୟପାଠ ଜରିଆରେ ଆସନ୍ତା ୧୦ ତାରିଖ ସୁଦ୍ଧା ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ରହ୍ମପୁର ଏସ୍‌ପିଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଅଦାଲତରେ ବ୍ୟକ୍ତିଗତ ହାଜର ହେବା ପାଇଁ କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ ▶ପୃଷ୍ଠା-୭

## ଅନାହାର ମୃତ୍ୟୁକୁ ନେଇ ୩ ସଂଗଠନର ତଥ୍ୟ ଅନୁସନ୍ଧାନ ରିପୋର୍ଟ

# ଇ-କେୱାଇସି ନେଇଛି ରିସା ମାଙ୍କଡ଼ିଆଙ୍କ ଜୀବନ

- ଇ-କେୱାଇସି ହୋଇ ନ ଥିବାରୁ ମିଳି ନ ଥିଲା ଚାଉଳ
- ଆଧାର କାର୍ଡ ନ ଥିବାରୁ ହୋଇପାରି ନ ଥିଲା ଇ-କେୱାଇସି
- ବୟସ ହୋଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିଲେ ରିସା
- ଏପ୍ରିଲ୍‌ରୁ ମିଳି ନ ଥିଲା ଚାଉଳ, ସନ୍ଦେହରେ ଶେଷ ଦୁଇ କିସ୍ତି

■ **ଭୁବନେଶ୍ୱର,୭।୧୧(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକରେ ଅନାହାରରେ ମୃତ୍ୟୁବରଣ କରିଥିବା ଆଦିମ ଜନଜାତି ସମ୍ପ୍ରଦାୟର (ପିଭିଟିଜି ) ୭୦ ବର୍ଷ ବୟସ୍କ ରିସା ମାଙ୍କିଡିଆ ମୃତ୍ୟୁ କେବଳ ରାଜ୍ୟ ସରକାରଙ୍କ ଇ-କେୱାସି ଯୋଗୁଁ ହିଁ ହୋଇଛି। ରିସା ମାଙ୍କିଡ଼ିଆଙ୍କର ଆଧାର କାର୍ଡ ନ ଥିବାରୁ ସେ ଇ-କେୱାଇସି କରିପାରି ନ ଥିଲେ। ତେଣୁ ତାଙ୍କୁ ଗତ ଏପ୍ରିଲ୍ ମାସଠାରୁ ଆଉ ଚାଉଳ ମିଳି ନଥିଲା। ତେଣୁ ସେ ଭିକମାଗି ବା ଅନ୍ୟର ଦୟାରେ ଚଳୁଥିଲେ। ମାତ୍ର ଖାଦ୍ୟାଭାବ ଯୋଗୁଁ ଗତ ୨୧ ଅକ୍ଟୋବରରେ ତାଙ୍କର ଜୀବନ ଯାଇଥିଲା। ଏହି ଅନାହାରରେ ମୃତ୍ୟୁ ପରେ ସିଭିଲ ସୋସାଇଟି ଫୋରମ୍ ଫର ହ୍ୟୁମାନ୍ ରାଇଟ୍ସ (ସିଏସଏଫଏଚଆର), ଓଡିଶା ଖାଦ୍ୟ ଅଧିକାର ଅଭିଯାନ (ଆରଟିଏଫ) ଓ ଜନସ୍ୱାସ୍ଥ୍ୟ ଅଭିଯାନ (ଜେଏସଏ) ଆଦି ୩ ଟି ସଂଗଠନର କର୍ମକର୍ତ୍ତାମାନେ ଘଟଣା ସ୍ଥଳକୁ ଯାଇ ତଥ୍ୟ ଅନୁଧ୍ୟାନ କରିଛନ୍ତି। ପରେ ଏହି ସଂଗଠନଗୁଡ଼ିକ ଶୁକ୍ରବାର ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସଂଗଠନ ପକ୍ଷରୁ ଦିଆଯାଇଥିବା ତଥ୍ୟ ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି ?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର **99990 41935**

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

## ବନ୍ଦେ ମାତରମ୍ ଗାନ ନେଇ ମହାରାଷ୍ଟ୍ରରେ ବିବାଦ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂରଣ ନେଇ ଆୟୋଜିତ ହୋଇଥିବା ସରକାରୀ କାର୍ଯ୍ୟକ୍ରମକୁ ନେଇ ବିବାଦ ସୃଷ୍ଟି ହୋଇଛି । ସମାଜବାଦୀ ପାର୍ଟି ବିଧାୟକ ଆବୁ ଆଜମି ମୁମ୍ବଇ ବିଜେପି ଅଧ୍ୟକ୍ଷ ଅମିତ ସାଟମଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖାନ କରିଛନ୍ତି । ଅମିତ ବନ୍ଦେ ମାତରମ୍‌ର ସାମୁହିକ ଗାନ ପାଇଁ ଆଜମୀଙ୍କୁ ନିମନ୍ତ୍ରଣ କରିଥିଲେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତୀ ପାଳନ ପାଇଁ ମହାରାଷ୍ଟ୍ର ସରକାର ସପ୍ତାହବ୍ୟାପୀ ଉତ୍ସବ ପାଳନ କରୁଛନ୍ତି । ଏଥିପାଇଁ ରାଜ୍ୟସାରା ଏକାଧିକ କାର୍ଯ୍ୟକ୍ରମର ଆୟୋଜନ ହେଉଛି । ବନ୍ଦେ ମାତରମ୍ ଗାନ କରିବା ବେଳେ ଏହାର କିଛି ଶ୍ଳୋକ ପୂଜା ଓ ଆରାଧନା ସହିତ ଜଡିତ ରହିଛି । ହିନ୍ଦୁମାନେ ଯେଉଁଭଳି ନମାଜ ପଢ଼ିବେ ନାହିଁ, ଠିକ୍ ସେହିପରି ମୁସଲମାନ ବନ୍ଦେ ମାତରମ୍ ଗାନ କରିପାରିବେ ନାହିଁ ବୋଲି ଆଜମୀ ସ୍ପଷ୍ଟ କରିଛନ୍ତି । ପୁଣି ଏହାକୁ ଗାନ କରିବା ପାଇଁ କାହାକୁ ବାଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି । ଏଥିପାଇଁ ଆଜମୀଙ୍କୁ ବିଜେପି ତରଫରୁ ସମାଲୋଚନା କରାଯାଇଛି ।

## ବେଙ୍ଗଡୁବି ସେନା ଠିକଣାରୁ ବାଂଲାଦେଶୀ ଗିରଫ

କୋଲକାତା, ୭ ।୧୧(ଏଜେନ୍ସି): ଉତ୍ତର ବେଙ୍ଗଲର ବେଙ୍ଗଡୁବ ସେନା ଠିକଣାରେ ଜଣେ ବାଂଲାଦେଶ ନାଗରିକଙ୍କୁ ଗିରଫ କରାଯାଇଛି । ସେ ଜଣେ ଶ୍ରମିକ ଭାବେ ଏଠାରେ କାର୍ଯ୍ୟ କରୁଥିଲା । ସିଲିଗୁଡ଼ି କରିଡର ଓ ଚିକେନ ନେକ ନିକଟରେ ଏହି ସେନା ଠିକଣା ଅବସ୍ଥିତ ଥିବାରୁ ଏହାକୁ ବେଶ ସମ୍ବେଦନଶୀଳ ମନେ କରାଯାଉଛି । ତାଙ୍କଠାରୁ ନକଲି ଆଧାର, ପାନ ଓ ଭୋଟର ପରିଚୟ ପତ୍ର ଜବତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ସେନା ଠିକଣାର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସବୁ କର୍ମଚାରୀଙ୍କର ପୁନଃ ସଂସ୍ଥାପନ ଅଭିଯାନ କରାଯାଇଥିଲା । ଶ୍ରମିକମାନଙ୍କ ଦସ୍ତାବିଜ ଯାଞ୍ଚ କରିବା ବେଳେ ଏହି ବାଂଲାଦେଶ ନାଗରିକଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତାଙ୍କଠାରୁ ବାଂଲାଦେଶର ପରିଚୟ ପତ୍ର ମିଳିଥିଲା । ଏହାପରେ ପରବର୍ତ୍ତୀ ଯାଞ୍ଚ ପାଇଁ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା । ତାଙ୍କଠାରୁ ନକଲି ପରିଚୟ ପତ୍ର ମିଳିଥିଲା । ରୋଜଗାର ପାଇଁ ବାଂଲାଦେଶ ନାଗରିକମାନେ ବହୁ ସଂଖ୍ୟାରେ ନକଲି ପରିଚୟପତ୍ର ବାହାର କରି ଭାରତ ଆସୁଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି ।

## ରୁଷ ସେନାରେ ୪୪ଜଣ ଭାରତୀୟ ଅଛନ୍ତି

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ରୁଷ୍ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉନାହିଁ । ଏହି ଯୁଦ୍ଧରେ ଭାରତୀୟ ମାନେ ସାମିଲ ଅଛନ୍ତି ବୋଲି ଜଣାପଡ଼ିଛି । ରୁଷ ସୈନ୍ୟବାହିନୀରେ ୪୪ ଜଣ ଭାରତୀୟ ସାମିଲ ଅଛନ୍ତି ଭାରତୀୟ ବୈଦେଶକିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ଏ ନେଇ ଭାରତ ରୁଷ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛି । ଏହି ସୈନକଙ୍କ ପରିବାର ସହ ସମ୍ପର୍କ ସ୍ଥାପନ କରାଯାଇଛି ବୋଲି ସେ କହିଛନ୍ତି । ଭାରତୀୟ ଯୁବକମାନେ ରୁଷ ସେନାରେ ଭର୍ତ୍ତି ହେଉଥିବାର ସୂଚନା ଆମର ହସ୍ତଗତ ହୋଇଥିଲା । ତୁରନ୍ତ ସେମାନଙ୍କୁ ସୁରକ୍ଷିତ ଭାବେ ଛାଡି ଦେବାକୁ ରୁଷିଆକୁ କୁହାଯାଇଛି ବୋଲି ଜୟସ୍ୱାଲ ସାପ୍ତାହିକ ପ୍ରେସ୍ ବ୍ରିଫିଙ୍ଗରେ କହିଛନ୍ତି । ଭାରତୀୟ ଯୁବକଙ୍କୁ ରୁଷ୍ ସେନାରେ ଭର୍ତ୍ତି କରାଯିବା ପଛରେ ଏଜେଣ୍ଟମାନଙ୍କ ହାତ ରହିଛି । ଏହି ଏଜେଣ୍ଟମାନଙ୍କୁ ଚିହ୍ନଟ କରିବାର ଆବଶ୍ୟକତା ରହଛି । ଏଥିସହ ସେନାରେ ଭର୍ତ୍ତି ହେବା ପାଇଁ ରୁଷ୍‌ର ପ୍ରସ୍ତାବକୁ ଗ୍ରହଣ ନ କରିବାକୁ ବିଦେଶ ମନ୍ତ୍ରଣାଳୟ ତରଫରୁ ସତର୍କ କରାଯାଇଛି ।

## ନମାଜବେଳେ ଇଣ୍ଡୋନେସିଆରେ ବିସ୍ଫୋରଣ; ୫୪ ଆହତ

ଡାକର୍ତ୍ତା, ୭ ।୧୧(ଏଜେନ୍ସି): ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଶୁକ୍ରବାର ନମାଜ ପାଠ ବେଳେ ଏକ ମସଜିଦ୍‌ରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏଥିରେ ୫୪ ଜଣ ଲୋକ ଆହତ ହୋଇଛନ୍ତି । ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉତ୍ତର ଜାକର୍ତ୍ତାର କେଲାପ ଗାଣ୍ଡିଙ୍ଗ ଅଞ୍ଚଳରେ ସ୍କୁଲ ପରିସରରେ ଥିବା ଏକ ମସଜିଦ୍‌ରେ ଏହି ବିସ୍ଫୋରଣ ହୋଇଥିଲା । ଏବେ ପୁଲିସ ଏହି ଘଟଣା ଯାଞ୍ଚ କରୁଛି । ଯାଞ୍ଚ୍ ଅବସରରେ ପୁଲିସକୁ ଘଟଣାସ୍ଥଳରେ କିଛି ସଂଦିଗ୍ଧ ଜନିଷ ମିଳିଛି । ପୁଲିସ ହାତରେ ତିଆର ବିସ୍ଫୋଟକ ଉପକରଣ (ଆଇଇଡି)ର ଅଂଶ, ଏକ ରିମୋଟ କଣ୍ଟ୍ରୋଲ, ଏୟାର ସଫ୍ଟ ଓ ରିଭଲଭର ଭଳି ବନ୍ଧୁକ ଜବତ କରିଛି । କାଚ ଖଣ୍ଡ ଓ ଦ୍ରୁତ ଗତିରେ ଆସିଥିବା ପବନ ଯୋଗୁଁ ଲୋକେ ଆହତ ହୋଇଥିଲେ ।



## ଅଭିନେତ୍ରୀ-ଗାୟିକା ସୁଲକ୍ଷଣାଙ୍କ ପରଲୋକ

ମୁମ୍ବଇ, ୭ ।୧୧(ଏଜେନ୍ସି): ଜଣାଶୁଣା ବଲିଉଡ ଅଭିନେତ୍ରୀ ତଥା ଗାୟିକା ସୁଲକ୍ଷଣା ପଣ୍ଡିତ ୭୧ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ଗୁରବାର ସନ୍ଧ୍ୟା ୭ଟାରେ ହୃଦ୍‌ଘାତ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି । ଗତ କିଛିଦିନ ହେବ ସେ ଅସୁସ୍ଥ ରହି ଆସୁଥିଲେ । ମୁମ୍ବଇର ନାନାବତୀ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସ୍ଥାନୀୟ ବିଲେ ପାର୍ଲେ ପବନ ହଂସ ଶ୍ମସାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏହି ଅବସରରେ ଅଭିନେତ୍ରୀ ଶବାନା ଆଜମି, ପୁନମ ଧିଲନ ଓ ଅନ୍ୟ ବଲିଉଡ୍ ତାରକା ଉପସ୍ଥିତ ଥିଲେ । ସେ ଜଣାଶୁଣା ସଙ୍ଗୀତକାର ଯତିନ ଓ ଲଳିତ ପଣ୍ଡିତଙ୍କ ଭଉଣୀ । ଜଣାଶୁଣା ଅଭିନେତ୍ରୀ ବିଜେତା ପଣ୍ଡିତ ମଧ୍ୟ ତାଙ୍କର ଭଉଣୀ ଥିଲେ । ସେ ଅଭିନେତା ସଞ୍ଜୀବ କୁମାରଙ୍କୁ ବିବାହ କରିବାକୁ ଚାହୁଁଥିଲେ । କିନ୍ତୁ ସଞ୍ଜୀବ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କରିବା ପରେ ସେ ମାନସିକ ଭାବେ ଗଭୀର ଆଘାତ ପାଇଥିଲେ । ସେ ସାରା ଜୀବନ ବିବାହ ମଧ୍ୟ କରିନଥିଲେ । ସେ ୧୯୫୪ରେ ଏକ ସଙ୍ଗୀତ ସହିତ ଜଡିତ ଥିବା ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଓ ମାତ୍ର ୯ ବର୍ଷରେ ସେ ଗୀତ ଗାଇବା ଆରମ୍ଭ କରିଥିଲେ । ୧୯୭୫ରେ 'ଉଲଝନ' ଓ ୧୯୭୬ରେ 'ସଂକଳ୍ପ' ସିନେମାରେ ଗୀତ ଗାଇ ସେ ଲୋକପ୍ରିୟତା ହାସଲ କରିଥିଲେ । ୧୯୭୦ ଓ ୮୦ ଦଶକରେ ସେ ଉଭୟ ଅଭିନେତ୍ରୀ ଓ ଗାୟିକା ଭାବେ ସଫଳତା ହାସଲ କରିଥିଲେ ମଧ୍ୟ ପରେ ବ୍ୟକ୍ତିଗତ ଓ ପେସାଦାର ଭାବେ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଥିଲେ । ସେ ଜିତେନ୍ଦ୍ର, ସଞ୍ଜୀବ କୁମାର, ରାଜେଶ ଖାନ୍ନା, ବିନୋଦ ଖାନ୍ନା, ଶଶି କପୁର ଓ ଶତ୍ରୁଘ୍ନ ସିହ୍ନାଙ୍କ ସହ ଏକାଧିକ ସିନେମାରେ ଅଭିନୟ କରି ସଫଳତା ହାସଲ କରିଥିଲେ ।

## ତୃଣମୂଳ ସାଂସଦଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ



କୋଲକାତା, ୭ ।୧୧(ଏଜେନ୍ସି): ତୃଣମୂଳ ସାଂସଦ କଲ୍ୟାଣ ବାନାର୍ଜୀ ସାଇବର ଠକେଇର ଶିକାର ହୋଇଛନ୍ତି । ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ ହୋଇଛି । ଗତ ଅକ୍ଟୋବର ୨୮ ରେ ସାଇବର ଠକମାନେ ନକଲି ପାନ ଓ ଆଧାର କାର୍ଡ ବ୍ୟବହାର କରି କେୱାଇସି ଅପଡେଟ୍ କରିବା ବାହାନାରେ ପଞ୍ଜୀକୃତ ମୋବାଇଲ ନମ୍ବରର ଲିଙ୍କ ବଦଳାଇ ଏହି କାଣ୍ଡ ଘଟାଇଛନ୍ତି ବୋଲି ପୁଲିସ କହିଛି । ପର୍ଯ୍ୟାୟକ୍ରମେ ଠକମାନେ ମୋଟ୍ ୫୬ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି । ଏନେଇ କୋଲକାତା ପୋଲିସ ସାଇବର କ୍ରାଇମ ବ୍ରାଞ୍ଚ୍ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଭିଯୋଗ କରିଛି । ୨୦୦୧ରୁ ୨୦୦୬ ମଧ୍ୟରେ ଦକ୍ଷିଣ ଆସାନସୋଲରେ ବିଧାୟକ ଥିବା ବେଳେ କଲ୍ୟାଣ ଏସ୍‌ବିଆଇ ଉପଶାଖାରେ ଏହି ଆକାଉଣ୍ଟ ଖୋଲିଥିଲେ । କଲ୍ୟାଣ ଏବେ ଶ୍ରୀରାମପୁରରେ ସାଂସଦ ଅଛନ୍ତି । ଏହା ଏକ ପୁରୁଣା ଆକାଉଣ୍ଟ ଓ ଦୀର୍ଘ ସମୟଧରି ଏଥିରେ ନେଣଦେଣ ହୋଇନାହିଁ ବୋଲି ସେ କହିଛନ୍ତି । ଏନେଇ ଯାଞ୍ଚ ଜାରି ରହିଛି । ଟଙ୍କା ଏକାଧିକ ଭିନ୍ନ ଏକାଉଣ୍ଟକୁ ପଠାଯାଇଛି । ଏହି ଅର୍ଥରେ ଗହଣା କ୍ରୟ କରାଯାଇଛି ଓ ଏଟିଏମ୍‌ରୁ ପଇସା ମଧ୍ୟ ଉଠାଯାଇଛି ବୋଲି ପୁଲିସ କହିଛି ।

### ଟ୍ରମ୍ପଙ୍କ ସଟ୍‌ଡାଉନ୍ ପାଇଁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ

# ଆମେରିକାରେ ୭୦୦ ବିମାନ ଉଡ଼ାଣ ବାତିଲ

ୱାଶିଂଟନ, ୭ ।୧୧(ଏଜେନ୍ସି): ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଏହା ଦ୍ୱାରା ବିମାନ ଯାତ୍ରା ସବୁଠାରୁ ନକାରାତ୍ମକ ଭାବେ ପ୍ରଭାବିତ ହୋଇଛି । ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍‌ଏଏ) ଗୁରୁବାର ଦେଶର ୪୦ଟି ବୃହତ୍ ବିମାନ ବନ୍ଦରରେ ଉଡ଼ାଣ ସଂଖ୍ୟାକୁ ହ୍ରାସ କରିଛି । ଶୁକ୍ରବାର ଏହି ପ୍ରକ୍ରିୟାକୁ ଆରମ୍ଭ କରାଯାଇଛି । ଏଥିରେ ନ୍ୟୁୟର୍କ ଓ ୱାସିଂଟନର ବଡ଼ ବିମାନ ବନ୍ଦରଗୁଡିକ ସାମିଲ ରହିଛି । ଏହି ୪୦ଟି ବିମାନ ବନ୍ଦର ଦେଶର ସବୁଠାରୁ ବ୍ୟସ୍ତ ବହୁଳ ରହିଆସିଛି । ଏଥିପାଇଁ 'ଥ୍ୟାଙ୍କସ ଗିଭିଂ ୱିକ୍' ପୂର୍ବରୁ ଛୁଟି ଥିବାରୁ ଯାତ୍ରା କରିବାକୁ ଥିବା ଲୋକଙ୍କ ଚିନ୍ତା ବଢ଼ିଯାଇଛି । ଏକ ଜଣାଶୁଣା ନ୍ୟୁଜ୍ ଏଜେନ୍ସିର ସୂଚନା ଅନୁସାରେ କେତେକ ବଡ଼ ଏୟାର ଲାଇନ୍ସ ଆଗୁଆ ନିଜର ଉଡାଣକୁ ବାତିଲ କରିସାରିଛନ୍ତି । ଏପର୍ଯ୍ୟନ୍ତ ମୋଟ୍ ଉପରେ ୭୦୦ରୁ ଉର୍ଦ୍ଧ୍ୱ ଉଡାଣ ବାତିଲ ହୋଇ ସାରିଛି । ଏଥିରେ ଆଞ୍ଚଳିକ ଓ ମୁଖ୍ୟ ଉଡାଣ ମଧ୍ୟ ସାମିଲ ରହିଛି । କିନ୍ତୁ ଅନ୍ତର୍ଜାତୀୟ ଉଡାଣ ଏହା ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି କୁହାଯାଇଛି । ଏୟାର ଟ୍ରାଫିକ୍ କଣ୍ଟ୍ରୋଲର୍ସଙ୍କ ଅଭାବକୁ କମ୍ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଏଫ୍‌ଏଏ



ତରଫରୁ କୁହାଯାଇଛି । କଣ୍ଟ୍ରୋଲରମାନେ ଗତ ଗୋଟିଏ ମାସ ହେବ ବିନା ଦରମାରେ କାର୍ଯ୍ୟ କରୁଛନ୍ତି ।

ଏହି ପ୍ରକ୍ରିୟା ଧୀରେ ଧୀରେ ଆଗକୁ ବଢ଼ିବ । ଶୁକ୍ରବାରଠାରୁ ୪ ପ୍ରତିଶତ ଉଡାଣ କମ୍ ହୋଇଛି । ନଭେମ୍ବର ୧୪ ବେଳକୁ ଏହା ୧୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିବ । ଉଡାଣ ବାତିଲ ପ୍ରକ୍ରିୟା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହା ଦ୍ୱାରା ଘରୋଇ ଉଡାଣ ପ୍ରଭାବିତ ହେବ । ଏହା ଦ୍ୱାରା ପ୍ରତିଦିନ ୧, ୮୦୦ ଉଡାଣ ବାତିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଫଳରେ ୨.୬୮ ଲୋକ ଏହା ଦ୍ୱାରା ପ୍ରଭାବିତ ହେବେ । ଡେଲ୍ଟା ଏୟାର ଲାଇନ୍ସ ଶୁକ୍ରବାର ୧୭୦ ଉଡାଣ ବାତିଲ କରିଛି । ସେହିପରି ୟୁନାଇଟେଡ ଏୟାର ଲାଇନ୍ସର ୨୦୦ ଉଡାଣ ଓ ଆମେରିକାନ ଏୟାର ଲାଇନ୍ସର ୨୨୦ ଉଡାଣ ବାତିଲ ହୋଇଛି । ସାଉଥୱେଷ୍ଟ ଏୟାର ଲାଇନ୍ସ ୧୦୦ଟି ଉଡାଣକୁ ବାତିଲ କରିଛି । ଏୟାର ଲାଇନ୍ସ ଫର ଆମେରିକା କହିଛି ଯେ, ଆମେ ସରକାରଙ୍କ ସହ ସାଥି ହୋଇ ଯାତ୍ରୀଙ୍କ ସମସ୍ୟା କମ୍ କରିବାକୁ ପ୍ରୟାସ କରୁଛୁ । କେଉଁ ଉଡାଣକୁ ବାତିଲ କରାଯିବ ଏୟାର ଲାଇନ୍ସ ନିଜେ ସ୍ଥିର କରିବେ ବୋଲି ଏଫ୍‌ଏଏ କହିଛି । ଏହି ସସମ୍ୟାକୁ ଦୃଷ୍ଟିରେ ରଖି ଏୟାରଲାଇନ୍ସଗୁଡିକର ମାର୍ଗ ଦର୍ଶିକା ଜାରି ରହିଛି । ବ୍ୟାକ୍‌ଅପ୍ ଟିକଟ୍ ବୁକ୍ କରିବାକୁ ପରାମର୍ଶ ଦିଆଯାଇଛି । ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ କାରଣରୁ ୧୩,୦୦୦ କଣ୍ଟ୍ରୋଲର୍ସ ଓ ୫୦,୦୦୦ ପରିବହନ ସୁରକ୍ଷା ଏଜେଣ୍ଟ (ଟିଏସ୍‌ଏ) ବିନା ପାଉଣାରେ କାର୍ଯ୍ୟ କରୁଛନ୍ତି । ଉଲ୍ଲେଖଥାଉ କି, ଅକ୍ଟୋବର ପହିଲାରୁ ଲାଗୁ ହୋଇଥିବା ଏହି ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଆମେରିକା ଇତିହାସର ଏହା ସବୁଠାରୁ ବଡ଼ ସଟ୍‌ଡାଉନ୍ । ଏହାପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ୩୫ ଦିନ ସଟ୍‌ଡାଉନ ଜାରି ହୋଇଥିଲା । ଏହି କାରଣରୁ ୬.୭ ଲକ୍ଷ ସରକାରୀ କର୍ମଚାରୀ ଛୁଟିରେ ଯାଇସାରିଛନ୍ତି । ୭.୩ ଲକ୍ଷ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ୧୪ ଲକ୍ଷ ଲୋକ ଧାରଉଧାର କରି ଘର ଚଳାଉଛନ୍ତି । ଟ୍ରମ୍ପ ହେଲ୍‌ଥ କେୟାର ପ୍ରୋଗ୍ରାମ୍‌ର ସବସିଡି ବଢ଼ାଇବାକୁ ପ୍ରସ୍ତୁତ ନାହାନ୍ତି । ଏହି କାରଣରୁ ଆମେରିକା ସଂସଦର ଉପର ଗୃହରେ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାସ୍ ହୋଇପାରୁନାହିଁ । ଏହି ବିଲ୍‌କୁ ନେଇ ଏପର୍ଯ୍ୟନ୍ତ ୧୪ଥର ଭୋଟିଂ ହୋଇ ସାରିଲାଣି । କିନ୍ତୁ ପ୍ରତ୍ୟେକଥର ବହୁମତ ପାଇଁ ୬୦ଟି ଭୋଟ ମିଳିପାରି ନାହିଁ । ପ୍ରତ୍ୟେକ ଦିନ ୩୩୦୦ କୋଟି ଟଙ୍କାର ଦରମା କ୍ଷତି ହେଉଛି ।

## ସ୍କୁଲ, କଲେଜ, ହସ୍ପିଟାଲରୁ ବୁଲା କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ସ୍କୁଲ, କଲେଜ, ହସ୍ପିଟାଲ ଓ ବସ୍‌ଷ୍ଟାଣ୍ଡରୁ ବୁଲା କୁକୁରଙ୍କୁ ହଟାଇବାକୁ ଅର୍ଥାତ ଦୁରେଇ ନେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି । କୁକୁରଙ୍କୁ ରୋକିବା ପାଇଁ ସ୍କୁଲ, କଲେଜ ଓ ହସ୍ପିଟାଲରେ ବାଡ଼ ବସାଯିବାକୁ କୋର୍ଟ କହିଛନ୍ତି । ଧରାଯାଇଥିବା କୁକୁରଙ୍କୁ ଯେଉଁଠାରୁ ଉଠାଯାଉଛି, ସେହି ସ୍ଥାନରେ ପୁଣି ନ ଛାଡିବାକୁ ଓ ଏହି କୁକୁରଙ୍କୁ ଆଶ୍ରୟ ଗୃହରେ ରଖିବାକୁ କୁହାଯାଇଛି । ସେହିପରି ସବୁ ଜାତୀୟ ଓ ରାଜ୍ୟ ରାଜପଥରୁ ବୁଲା ପଶୁଙ୍କୁ ସ୍ଥାନାନ୍ତର କରିବାକୁ ମଧ୍ୟ ଆଦେଶ ଦେଇଛନ୍ତି । ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏହି ଆଦେଶ କଡ଼ାକଡ଼ି ଭାବେ ପାଳନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି



ମାମଲାରେ ଆଗାମୀ ୩ ସପ୍ତାହ ମଧ୍ୟରେ ରିପୋର୍ଟ ଓ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୁହାଯାଇଛି । ଉଲ୍ଲେଖଥାଉ କି, ରାଜସ୍ଥାନ ହାଇକୋର୍ଟ ୩ ମାସ ତଳେ ସରକାରୀ ଏଜେନ୍ସିଗୁଡିକୁ ସଡକରୁ ବୁଲା ପଶୁଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ଥାନ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ସାରା ଦେଶରେ ଲାଗୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହାପୂର୍ବରୁ ନଭେମ୍ବର ୩ରେ ସୁପ୍ରିମକୋର୍ଟ କହିଥିଲେ ଯେ, ସରକାରୀ କ୍ୟାମ୍ପସ୍‌ରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ନିୟମ ଜାରି ହେବ । ଉଲ୍ଲେଖଥାଉ କି, ଜୁଲାଇ ୨୮ରେ ଏକ ଗଣମାଧ୍ୟମ ରିପୋର୍ଟକୁ ଭିତ୍ତିକରି ସୁପ୍ରିମକୋର୍ଟ ସମସ୍ୟାକୁ ହୃଦୟଙ୍ଗମ କରିଥିଲେ । ବୁଲା କୁକୁରଙ୍କ କାମୁଡାର ଶିକାର ହୋଇ ଜଳାତଙ୍କ ରୋଗରେ ମୃତ୍ୟୁ ସଂଖ୍ୟା କୋର୍ଟଙ୍କ ନଜରକୁ ଆସିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ।

## ଗାଜା ସୁଡ଼ଙ୍ଗରେ ଫସିଛନ୍ତି ୨୦୦ ହମାସ୍ ଯୋଦ୍ଧା

ଗାଜା, ୭ ।୧୧(ଏଜେନ୍ସି): ଗାଜାର ରଫା ସୀମା ନିକଟରେ ୨୦୦ ହମାସ ଯୋଦ୍ଧା ଏକ ସୁଡଙ୍ଗରେ ଫସି ରହିଛନ୍ତି ଓ ସେଠାରୁ ବାହାରକୁ ବାହରି ପାରୁନାହାନ୍ତି । ୨୦୨୫ ମାର୍ଚ୍ଚ ମାସରୁ ଏମାନେ ଏହି ସୁଡଙ୍ଗରେ ଫସି ରହିଛନ୍ତି ବୋଲି ଇସ୍ରାଏଲ ଗଣମାଧ୍ୟମଗୁଡିକ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଇସ୍ରାଏଲ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଏହି ହାମାସ ଯୋଦ୍ଧାମାନେ ଫସି ରହିଛନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି । ଏମାନେ ସମସ୍ତେ ସୁଡଙ୍ଗ ଭିତରରେ ଲୁଚି ରହିଛନ୍ତି । କିନ୍ତୁ ଯଦି ଏମାନେ ପଛକୁ ହଟିବାକୁ ଚେଷ୍ଟା କରନ୍ତି ତେବେ, ଇସ୍ରାଏଲ ସୈନିକ (ଆଇଡିଏଫ୍) ହାତରେ ଧାରା ପଡ଼ିବାର ଆଶଙ୍କା ରହିଛି । ଏମାନଙ୍କୁ ସୁରକ୍ଷିତ ଭାବେ ବାହାରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି । ଏମାନଙ୍କୁ ବାହାର କରିବା ପାଇଁ ହମାସ ସହ କୌଣସି ଚୁକ୍ତି ହୋଇନାହିଁ ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି । ଇସ୍ରାଏଲ ସେନା ସୁଡଙ୍ଗରୁ ବାହାରିବା ରାସ୍ତା ବନ୍ଦ କରିଦେଇଛି । ଏବେ ହମାସ ଯୋଦ୍ଧା ଆତ୍ମସମର୍ପଣ କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ନେହେଲେ ସମସ୍ତଙ୍କୁ ମାରି ଦିଆଯିବ ବୋଲି ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଏୟାଲ ଜମୀର କହିଛନ୍ତି । ଯଦି ସେମାନେ ଆତ୍ମସମର୍ପଣ କରନ୍ତି ତେବେ, ସେମାନଙ୍କୁ ତେଇମାନ ମିଲିଟାରୀ ଠିକଣାକୁ ନିଆଯିବ । ଅନ୍ୟପଟେ ଏହି ହମାସ ଯୋଦ୍ଧାଙ୍କୁ ବାହାରକୁ ବାହାର କରାଯାଇଥିବା ରିପୋର୍ଟକୁ ନେତାନ୍ୟାହୁ ଖଣ୍ଡନ କରିଛନ୍ତି । ଫସି ରହିଥିବା ଏହି ଯୋଦ୍ଧା ହମାସ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତି ବିଷୟରେ କିଛି ଜାଣିନାହାନ୍ତି ବୋଲି କୁହାଯାଇଛି । ଗତ ଦୁଇବର୍ଷ ଧରି ଚାଲିଥିବା ଇସ୍ରାଏଲ- ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୬୭ ହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏକ ଲକ୍ଷ ୭୦ ହଜାର ଲୋକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୨୦ ହଜାର ଛୋଟପିଲା ସାମିଲ ରହିଛନ୍ତି । ଇସ୍ରାଏଲ ମଧ୍ୟ ଗାଜାର ୭୫ ପ୍ରତିଶତ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ।

• ପାଇଲଟଙ୍କ ବାପାଙ୍କୁ ସୁପ୍ରିମକୋର୍ଟଙ୍କ ସାନ୍ତ୍ୱନା

## ଆପଣଙ୍କ ପୁଅର ଦୋଷ ନାହିଁ; ଅପବାଦ ମୁଣ୍ଡାଇବେନି

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ମାମଲାରେ ସୁପ୍ରିମକୋର୍ଟ ପୁଣିଥରେ ପାଇଲଟ୍‌ଙ୍କ କୌଣସି ଭୂମିକା ନାହିଁ ବୋଲି କହିଛନ୍ତି । ଏହି ଦୁର୍ଘଟଣା ପାଇଁ ପାଇଲଟ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ପାଇଲଟ୍ ସୁମୀତ ସଭରୱାଲଙ୍କ ୯୧ ବର୍ଷୀୟ ପିତା ପୁଷ୍କର ରାଜ ସଭରୱାଲଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି କଥା କହିଛନ୍ତି । ପୁଷ୍କରଙ୍କୁ କୋର୍ଟ ସାନ୍ତ୍ୱନା ଦେଇଛନ୍ତି । ଆପଣଙ୍କ ପୁଅର କୌଣସି ଦୋଷ ନାହିଁ ଓ ଆପଣ ଅପବାଦ ମୁଣ୍ଡାଇବେନି ବୋଲି କୋର୍ଟ ତାଙ୍କୁ କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ପାଇଲଟଙ୍କ ତ୍ରୁଟି ଥିଲା ବୋଲି ଦେଶରେ କେହି ଭାବୁନାହାନ୍ତି । ପୁଣି ଦୁର୍ଘଟଣା ପ୍ରାରମ୍ଭିକ ଯାଞ୍ଚ୍ ରିପୋର୍ଟରେ ମଧ୍ୟରେ ପାଇଲଟ୍‌ଙ୍କ ବରୋଧରେ କୌଣସି ଅଭିଯୋଗ କରାଯାଇନାହିଁ ବୋଲି କୋର୍ଟ କହିଛନ୍ତି । ପୁଷ୍କର ଏହି ବିମାନ ଦୁର୍ଘଟଣାର ସ୍ୱତନ୍ତ୍ର ଯାଞ୍ଚ୍ କରିବାକୁ ଦାବି କରିଛନ୍ତି । ଏହାକୁ ଭିତ୍ତି କରି କୋର୍ଟ କେନ୍ଦ୍ର ସରକାର ଓ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଠାରୁ ଜବାବ ମାଗିଛନ୍ତି । ଏହି ଆବେଦନ ଉପରେ ନଭେମ୍ବର ୧୦ରେ ଅନ୍ୟଏକ ମାମଲା ସହିତ ପୁଣି ଶୁଣାଣି ହେବ । ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଏୟାର ଇଣ୍ଡିଆର ବିମାନ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏଆଇ ୧୭୧ ଟେକ୍‌ଅଫ୍ କରିବାର କିଛି ସମୟ ମଧ୍ୟରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା । ଏଥିରେ ୨୩୦ ଯାତ୍ରୀ ଓ ୧୨ କ୍ରୁ ମେମ୍ବରଙ୍କ ସମେତ ୨୧୪ ଜଣ ଲୋକ ପ୍ରାଣ ହରାଇଥିଲେ । ପୁଣି ଯେଉଁଠାରେ ବିମାନ ଖସିଥିଲା ସେଠାରେ ୨୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ମଧ୍ୟ ପ୍ରାଣ ହରାଇଥିଲେ ।

ଅହମଦାବାଦ ବିମାନ ଦୁର୍ଘଟଣା

## ଆବ୍ରାହମ୍ ଚୁକ୍ତିରେ ସାମିଲ ହେବ କାଜାଖସ୍ତାନ

ୱାସିଂଟନ, ୭ ।୧୧(ଏଜେନ୍ସି): ଆଉ ଏକ ମୁସ୍‌ଲିମ ଦେଶ ଇସ୍ରାଏଲ ସହିତ ଆବ୍ରାହମ ଚୁକ୍ତିରେ ସାମିଲ ହେବାକୁ ଯାଉଛି । କେନ୍ଦ୍ର ଏସୀୟ ଦେଶ କାଜାଖସ୍ତାନ ଏହି ଆବ୍ରାହମ ଶାନ୍ତି ଚୁକ୍ତିରେ ସାମିଲ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି । ଇସ୍ରାଏଲ ଓ ମୁସ୍‌ଲିମ ବହୁଳ ଦେଶମାନଙ୍କ ମଧ୍ୟରେ ସମ୍ପର୍କକୁ ସାମାନ୍ୟ ଓ ଶତ୍ରୁତା ତଥା ସଂଘର୍ଷକୁ କମ୍ କରିବା ଏହି ଆବ୍ରାହମ ଚୁକ୍ତିର ମୂଳ ଉଦ୍ଦେଶ । ଆବ୍ରାହମ ଇହୁଦୀ, ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମର ପୈଗମ୍ବର ରହିଥିବାରୁ ତାଙ୍କ ନାମରେ ଏହି ଚୁକ୍ତି ନାମିତ କରାଯାଇଛି । ଏ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ କାଜାଖସ୍ତାନ ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଖୁବ୍‌ଶୀଘ୍ର ଏହି ଚୁକ୍ତି ସ୍ୱାକ୍ଷର ନେଇ ତାରିଖ ଘୋଷଣା କରାଯିବ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ଚୁକ୍ତିରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଉଲ୍ଲେଖଥାଉ କି, ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୨୦ରେ ଏହି ଆବ୍ରାହାମ ଚୁକ୍ତିର ଆରମ୍ଭ ହୋଇଥିଲା । ସେତେବେଳେ ଟ୍ରମ୍ପଙ୍କ କହିବା ଅନୁଯାୟୀ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନ ଭଳି ଆରବ ଦେଶ ଇସ୍ରାଏଲ ସହିତ ସମ୍ପର୍କ ସ୍ଥାପନ କରିଥିଲେ ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ୱାସିଂଟନ, ୭ ।୧୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଆସିପାରନ୍ତି । ଟ୍ରମ୍ପ ଏ ନେଇ ଗୁରୁବାର ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ଭଲଭାବେ କଥାବାର୍ତ୍ତା ଚାଲୁ ରହିଛି ଓ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଚର୍ଚ୍ଚା ଗଠନମୂଳକ ଭାବେ ଆଗକୁ ବଢ଼ୁଛି ବୋଲି ସେ କହିଛନ୍ତି । ହ୍ୱାଇଟ ହାଉସ୍‌ର ଓଭାଲ କାର୍ଯ୍ୟାଳୟରେ ଗଣମଧମଗୁଡିକ ସହ କଥା ହେବା ବେଳେ ସେ ପୁଣି ଥରେ ମୋଦୀଙ୍କୁ ନିଜର ଏକ ଭଲ ବନ୍ଧୁ ଓ ଉତ୍ତମ ବ୍ୟକ୍ତି ବୋଲି ଅଭିହିତ କରିଥିଲେ । ଆମ ମଧ୍ୟରେ ପ୍ରାୟ କଥାବାର୍ତ୍ତା ଚାଲିଛି । ସେ ରୁଷଠାରୁ ତୈଳ କ୍ରୟର ପରିମାଣକୁ କମାଇଛନ୍ତି । ଭାରତ ଆସିବାକୁ ସେ ମୋତେ ନିମନ୍ତ୍ରଣ ଦେଇଛନ୍ତି ଓ ଭାରତ ଯିବାକୁ ଚାହୁଁଛି ବୋଲି ଟ୍ରମ୍ପ କହିଛନ୍ତି । ଏକ ପ୍ରଶ୍ନ ଉତ୍ତର ଦେଇ ସେ ଆସନ୍ତାବର୍ଷ ହିଁ ଭାରତ ଆସିପାରିନ୍ତି ବୋଲି କହିଛନ୍ତି ।

## ୧୮୦୦ କୋଟି ଟଙ୍କା ଜମି ଦୁର୍ନୀତିରେ ଫସିଲେ ଅଜିତ ପାୱାରଙ୍କ ପୁଅ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରର ଉପ ମୁଖମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ କମ୍ପାନୀ ସହିତ ଜଡିତ ଏକ ଜମି କିଣାବିକା ଦୁର୍ନୀତିକୁ ସାମ୍ନାକୁ ଆସିଛି । ଏଥିରେ ପାର୍ଥ ଏହି ବିବାଦରେ ଫସିଥିବା ବେଳେ ଅଜିତ ବ୍ୟାକ୍‌ଫୁଟ୍‌କୁ ଆସିଛନ୍ତି । ପାର୍ଥଙ୍କ କମ୍ପାନୀ ଏକ ଜମି କିଣାବିକା ମାମଲାରେ ଅନିୟମିତତା କରିଛି ବୋଲି ଅଭିଯୋଗ ହୋଇଛି । ଅଭିଯୋଗର ଗମ୍ଭୀରତାକୁ ହୃଦୟଙ୍ଗମ କରି ସରକାର ଏକ ଉଚ୍ଚସ୍ତରୀୟ ଯାଞ୍ଚ୍ କମିଟି ଗଠନ କରିଛନ୍ତି । ଆଗାମୀ ୮ ଦିନ ମଧ୍ୟରେ କମିଟି ଅନ୍ତିମ ରିପୋର୍ଟ ଦାଖଲ କରିବ ବୋଲି ଆଶା କରାଯାଉଛି । ଏହି ମାମଲାରେ ସବ-ରେଜିଷ୍ଟ୍ରାରଙ୍କ ତଥାକଥିତ ଭୂମିକାକୁ ନେଇ ତାଙ୍କୁ ନିଲମ୍ବନ କରାଯାଇଛି । ଏବେ ଏହି ମାମଲା ନେଇ ଅଜିତ ସଫେଇ ଦେଇଛନ୍ତି । ପୁଣେରେ ଏହି କୋଟି କୋଟି ଟଙ୍କା ଜମି କିଣା ନେଇ ଆମର କୌଣସି ଯାଏଆସେ ନାହିଁ ବୋଲି ସେ କହିଛନ୍ତି । ନିୟମର ଉଲ୍ଲଂଘନ କରିଥିବା କୌଣସି ବ୍ୟକ୍ତିଙ୍କୁ ସେ ସମର୍ଥନ କରୁନାହାନ୍ତି ବୋଲି କହିଛନ୍ତି ।

୧,୮୦୦ କୋଟି ଟଙ୍କାର ଏହି ଜମି କିଣାବିକାକୁ ନେଇ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ (ଆଇଜିଆର) ଏକ ରିପୋର୍ଟ ମୁମ୍ବଇର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇଥିଲେ । ପୁଣେ ମୁନ୍ଦୱା ଅଞ୍ଚଳରେ ହୋଇଥିବା ଏହି ଜମି କିଣାବିକା ମାମଲାରେ ବ୍ୟାପକ ଅନିୟମିତତା ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା । ୪୩ ଏକର ଅର୍ଥାତ ୧୭.୫



ହେକ୍ଟର ପରିମିତ ଏହି ଜମି ରାଜ୍ୟ ସରକାରଙ୍କର ବୋଲି ଜଣାପଡ଼ିଛି । ଏହାକୁ ପାର୍ଥ ପାୱାରଙ୍କ କମ୍ପାନୀ ଆମେଡିଆ ଏଣ୍ଟରପ୍ରାଇସ୍ ଏଲ୍‌ଏଲ୍‌ପିକୁ ମାତ୍ର ୩୦୦ କୋଟି ଟଙ୍କାରେ ବିକ୍ରି କରାଯାଇଥିଲା । କିନ୍ତୁ ଏହି ଜମିର ପ୍ରକୃତ ମୂଲ୍ୟ ୧,୮୦୦ କୋଟି ଟଙ୍କା ବୋଲି କୁହାଯାଇଛି । ୧୫ ବର୍ଷ ତଳେ ଏହି ଜମିକୁ ଇଣ୍ଡିଆନ ବଟାନିକାଲ ସର୍ଭେକୁ ଲିଜ୍‌ରେ ଦିଆଯାଇଥିଲା । ପରେ ଏହି ଲିଜ୍‌କୁ ୫୦ ବର୍ଷ ପାଇଁ ଅର୍ଥାତ ୨୦୩୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହା ସତ୍ତ୍ୱେ ଏହି ଜମି କିପରି କିଣାବିକା ହେଲା ସେ ନେଇ ପ୍ରଶ୍ନ ଉଠିଛି । ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି । ଶାସକ ମହାଯୁତିକୁ ଟାର୍ଗେଟ କରିଛି ବିପକ୍ଷ ଦଳ ।






ନୂଆପଡ଼ାରେ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର ମଇଦାନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ

## ୮୪ତମ ଭାରତୀୟ ସଡ଼କ କଂଗ୍ରେସ ଉଦ୍‌ଘାଟିତ

# ଦୁର୍ଘଟଣାରେ ଦିନକୁ ୪୨୦ ମୃତ୍ୟୁ: ଗଡ଼କରୀ



- ତ୍ରୁଟିପୂର୍ଣ୍ଣ ଡିପିଆର୍ ବଢ଼ାଉଛି ସଡ଼କ ଦୁର୍ଘଟଣା
- ବିଶ୍ୱରେ ଏକନମ୍ବର ହେବ ଭାରତର ସଡ଼କ ନେଟୱର୍କ
- ଗୁଣବତ୍ତା ପାଇଁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଆବଶ୍ୟକ
- କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠିରୁ ଓଡ଼ିଶା ପାଇଁ ୧୦୦୦ କୋଟି
- ହାଇଡ୍ରୋଜେନ ଚାଳିତ ୧୦ ପ୍ରକଳ୍ପରୁ ଓଡ଼ିଶାରେ ଗୋଟିଏ

**ଭୁବନେଶ୍ୱର,୭।୧୧(ସମିସ):** ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି। ହାରାହାରି ଦିନକୁ ମୃତ୍ୟୁସଂଖ୍ୟା ୪୨୦। ତେଣୁ ଆମକୁ ପରିବହନ କ୍ଷେତ୍ରରେ ରୂପାନ୍ତରଣ କରିବାର ଆବଶ୍ୟକ ଅଛି। ପ୍ରଦୂଷଣ ମୁକ୍ତ ପରିବହନକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ। ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେଶାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ। ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ।

ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନଠାରେ ୮୪ତମ ଭାରତୀୟ ସଡକ କଂଗ୍ରେସ ସମାବେଶକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଶ୍ରୀ ଗଡକରୀ କହିଛନ୍ତି ଯେ ଆମେ ଟେକ୍ନୋଲୋଜି ବ୍ୟବହାର କରି ଉତ୍ତମ ମାନର ସଡ଼କ ନିର୍ମାଣ ପାଇଁ ପ୍ରୟାସ କରୁଛୁ। ଭାରତର ସଡ଼କ ନେଟୱର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି। ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ। ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜିନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୁଏ। ସଡ଼କ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି। ଅର୍ଥ ଖର୍ଚ୍ଚ କରିବାକୁ ହେଲେ ସକରାତ୍ମକ ଚିନ୍ତା ଓ ଚିନ୍ତା ସହ ଶୀଘ୍ର ନିଷ୍ପତ୍ତି ନେବା ଦରକାର ବୋଲି ଉଲ୍ଲେଖ କରି ସେ ଓଡ଼ିଶା ପାଇଁ ୧୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠି ଘୋଷଣା କରିଛନ୍ତି। ଏହାସହ ସବୁଜ ହାଇଡ୍ରୋଜେନ ଚାଳିତ ବାହନ ଚଳାଚଳ ପାଇଁ ଦେଶରେ ଯେଉଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ସେଥିମଧ୍ୟରୁ ଗୋଟିଏ ଓଡ଼ିଶାରେ ରହିଛି ବୋଲି ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଥିଲେ ଯେ ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି। ଗୋଟିଏ ଦିନରେ ୪୨୦ ଜଣଙ୍କର ମୃତ୍ୟୁ ଘଟୁଛି। ମୃତକଙ୍କ ମଧ୍ୟରେ ୬୬ ପ୍ରତିଶତ କେବଳ ୧୮ରୁ ୩୬ ବର୍ଷୀୟ ବୟସ୍କ ରହିଛନ୍ତି। ପରିବହନ କ୍ଷେତ୍ରରେ ରୂପାନ୍ତରଣର ଆବଶ୍ୟକତା ରହିଛି। ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ। ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେସାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ। ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରିବାକୁ ମୁଁ ହାତଯୋଡି ଅନୁରୋଧ କରୁଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଓଡ଼ିଶାର ଅର୍ଥନୀତିକୁ ମଜବୁତ୍ କରୁଛୁ। ଏଥିପାଇଁ ଆମ ସରକାର ବନ୍ଦର, ସଡ଼କ, ରେଳ ଏବଂ ବିମାନ ପରିବହନ କ୍ଷେତ୍ରର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛି। ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୩ ହଜାର ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର କରିଛନ୍ତି। ୫ ବର୍ଷ ମଧ୍ୟରେ ଆମ ସରକାର ୭୫ ହଜାର କିଲୋମିଟର ସଡକ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାରତୀୟ ସଡକ କଂଗ୍ରେସର ସଭାପତି ପ୍ରଫେସର ମନୋରଞ୍ଜନ ପରିଡା, ମହାସଚିବ ରାହୁଲ ଗୁପ୍ତା, ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

## ହେଲିକପ୍‌ଟରର ଉଡ଼ାଣ ଅନୁମତି ପ୍ରଦାନରେ ୨ ଘଣ୍ଟା ବିଳମ୍ବ

# ବିମାନବନ୍ଦରରେ ଅପେକ୍ଷା କଲେ ନବୀନ

**ଭୁବନେଶ୍ୱର,୭।୧୧(ସମିସ):** ନୂଆପଡ଼ା ଗସ୍ତରେ ଯିବା ପାଇଁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିମାନବନ୍ଦରରେ ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିଛି। ନୂଆପଡା ଯିବା ପାଇଁ ନବୀନଙ୍କ ପାଇଁ ଯେଉଁ ହେଲିକପ୍ଟର ବ୍ୟବସ୍ଥା ହୋଇଥିଲା, ତାହାକୁ ଅନୁମତି ମିଳିବାରେ ବିଳମ୍ବ ହେତୁ ନବୀନଙ୍କ ଗସ୍ତ ବିଳମ୍ବିତ ହୋଇଥିଲା। ସକାଳ ୯ଟା ୩୦ରେ ନବୀନଙ୍କ ହେଲିକପ୍ଟର ଯିବାକୁ ଥିବା ବେଳେ ଏହାକୁ ଦିନ ୧୧ଟା ୩୦ରେ ଅନୁମତି ଦିଆଯାଇଥିଲା। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବିଜେଡି।

ଅନ୍ୟପଟେ ନବୀନଙ୍କ ହେଲକପ୍ଟରକୁ ଜାଣିଶୁଣି କ୍ଲିଅରାନ୍ସ ଦିଆଯାଇ ନଥିବା ନେଇ ବିଜେଡି ଅଭିଯୋଗ କରିଛି। ନବୀନଙ୍କ ଲୋକପ୍ରିୟତା ଦେଖି ବିରୋଧୀ ବିଜେପି ଛାନିଆ ହୋଇଯାଇଛି। ନବୀନଙ୍କ ପ୍ରଥମ ଜନସଭା ତଥା କୋମନା ସଭା ସମୟରେ ବିଜେପି ଏହି ସଭାକୁ ଭଣ୍ଡୁର କରିବା ପାଇଁ ବହୁ ଉଦ୍ୟମ କରିଥିଲା। ଏହା ସତ୍ତ୍ୱେ ହଜାର ହଜାର ଲୋକ ଏକାଠି ହୋଇ ନବୀନଙ୍କ ହାତମୁଠାକୁ ଟାଣ କରିଥିଲେ। ଏହି ହୀନ ଉଦ୍ୟମ ସରକାରଙ୍କର ସଫଳ ହେବ ନାହିଁ ଏହାର ଜବାବ ନୂଆପଡ଼ାବାସୀ ଦେବେ ବୋଲି ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି।

ଏ ସଂକ୍ରାନ୍ତରେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ ନବୀନଙ୍କ ଫ୍ଲାଇଟ୍ ଅପରେଟର ଫ୍ଲାଇଟ୍ ପ୍ଲାନ୍ ସବମିଟ୍ କରି ନ ଥିବାରୁ ଏୟାର ଡିଫେନ୍ସ କ୍ଲିଅରାନ୍ସମିଳିନଥିଲା। ପରେ କୋଲକତାରୁ ନମ୍ବର ନିଆଯାଇଥିଲା। ଏଥିପାଇଁ ପ୍ରାୟ ୨୫ମିନିଟ୍ ବିଳମ୍ବ ହୋଇଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି।

# ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି ଡିଜିଟାଲ୍ ଆରେଷ୍ଟ

## ୧୦ ଦିନରେ ଠକ ଲୁଟିନେଲେ ଦେଢ଼ କୋଟି

**ଭୁବନେଶ୍ୱର, ୭।୧୧ (ସମିସ):** ସାଇବର ଅପରାଧୀଙ୍କ ମାୟାଜାଲରେ ପଡ଼ି ୧୦ ଦିନରେ ପ୍ରାୟ ଦେଢ଼ କୋଟି ଟଙ୍କା ହରାଇଛନ୍ତି ଏକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି। ଉଭୟଙ୍କୁ ୧୦ଦିନ ଧରି ଡିଜିଟାଲ୍ ଆରେଷ୍ଟ କରି ଅପରାଧୀମାନେ ଯାବତୀୟ ମାନସିକ ନିର୍ଯାତନା ଦେବା ପରେ ଉଭୟ ମାନସିକ ଭାବରେ ଭାଙ୍ଗି ପଡ଼ିଛନ୍ତି। ତେବେ ସ୍ଥାନୀୟ ଲୋକ ଓ ସମ୍ପର୍କୀୟମାନେ ୧୦ଦିନ ଧରି ଯୋଗାଯୋଗ କରିବାରେ ବିଫଳ ହେବା ପରେ ସହିଦ ନଗର ପୁଲିସ ସହାୟତାରେ ଦମ୍ପତିଙ୍କୁ ଉଦ୍ଧାର କରିଛି। ପୁଲିସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛି। ଏହି ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ମୁତାବକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କୁମାର ସାହୁ ଏବଂ ତାଙ୍କ ପତ୍ନୀ ଭିଏସ୍‌ଏସ୍‌ନଗର ହାଉସିଂ ବୋର୍ଡ କଲୋନୀରେ ରହୁଛନ୍ତି। ସେମାନଙ୍କ ପରିବାର ଅନ୍ୟ ସଦସ୍ୟମାନେ ବିଦେଶରେ ରୁହନ୍ତି। ଘରୋଇ ସହାୟକମାନେ ସବୁ ସମୟରେ ତାଙ୍କ ଘର କାମ କରିବାକୁ ଯିବା ଆସିବା କରନ୍ତି। ପତିପତ୍ନୀ ଘରେ ଥିଲା ବେଳେ ୧୦ଦିନ ତଳେ ବିଜୟଙ୍କ ଫୋନ୍‌କୁ ଏକ ଭିଡିଓ କଲ୍ ଆସିଥିଲା। ନମ୍ବରଟିରେ ଦେଶ ବାହାରର ପିନ୍ କୋଡ୍ ଥିଲା। ପ୍ରଥମେ କୌଣସି ଏକ ବାହାନା ଦେଖାଇ ଅପରାଧୀମାନେ ତାଙ୍କୁ ଡରାଇଥିଲେ। ମାତ୍ର ପରେ ସାଇବର ଅପରାଧୀମାନେ ପୁଣି ଥରେ ଭିଡିଓ କଲ୍ କରିଥିଲେ। ଏଥର କିନ୍ତୁ ସାଇବର ଅପରାଧୀମାନେ ନିଜକୁ କଷ୍ଟମ୍ ବିଭାଗର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ବିଜୟଙ୍କ ନାମରେ ବିଦେଶରୁ ଏକ ପାର୍ସଲରେ ଆସିଛି। ଏହି ପାର୍ସଲରେ କିଛି ଡ୍ରଗ୍ସ କିମ୍ବା ଅପରାଧ ସମ୍ବନ୍ଧୀୟ ପଦାର୍ଥ ରହିଛି। ଏଣୁ ଏହି ମାମଲାକୁ ବମ୍ବେ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି।

ଏହାପରେ ସାଇବର ଅପରାଧୀମାନେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ବେଶରେ ଥିବା ବସନ୍ତ ନାମକ ଜଣେ ବ୍ୟକ୍ତି ସହ କଥା ହୋଇଥିଲେ। ସେମାନଙ୍କ ପରିଚୟ ପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ବତାଇଥିଲେ। ବିଦେଶରେ ତାଙ୍କ ପରିବାର ଲୋକେ କେଉଁଠି ରହୁଛନ୍ତି। କେଉଁ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ରହିଛି। ଏଭଳି କିଛି ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରି ସେ ମୁମ୍ବାଇ କ୍ରାଇମବ୍ରାଞ୍ଚ ଅଧିକାରୀ ବୋଲି ବିଜୟଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସଫଳ ହୋଇଥିଲେ। ପାର୍ସଲଟି ମୁମ୍ବାଇ ସହରରେ ଅପରେଟ୍ କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପାର୍ସଲ। ଏହି ସିଣ୍ଡିକେଟ୍‌ରେ ଥିବା କିଛି ସଦସ୍ୟମାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବିଜୟଙ୍କ ନାମ ନେଇଛନ୍ତି। ଏହାସହ ବିଜୟଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ମଧ୍ୟ ରହିଛି। ଏଣୁ ବିଜୟଙ୍କୁ ମଧ୍ୟ ଗିରଫ କରାଯାଉଛି ବୋଲି କ୍ରାଇମ୍‌ବ୍ରାଞ୍ଚ ବେଶରେ ଥିବା ଅପରାଧୀ କହିଥିଲା। ତତ୍‌କ୍ଷଣାତ୍ ଏକ ଡିଜିଟାଲ ଆରେଷ୍ଟ ୱାରେଣ୍ଟ ଜାରି ହୋଇଥିଲା। ଏହା ଦେଖି ବିଜୟ ଭାଙ୍ଗି ପଡ଼ିଥିଲେ। ମୁଁ କିଛି କରି ନାହିଁ। ମୋର କୌଣସି କ୍ରାଇମ୍ ସିଣ୍ଡିକେଟ୍ ସହ ଲିଙ୍କ୍ ନାହିଁ। ମୋର କିଛି ଦୋଷ ନାହିଁ ବୋଲି ବାରମ୍ବାର ନେହୁରା ହୋଇଥିଲେ।

ଅପରାଧୀମାନେ ଦମ୍ପତିଙ୍କୁ ନିଜ କବଜାକୁ ନେଇ ଯାଇଥିଲେ। ସେମାନଙ୍କ ଏକାଧିକ ଡକ୍ୟୁମେଣ୍ଟ ଯାଞ୍ଚ କରୁଥିଲେ ଓ ୧୦ଦିନ ମଧ୍ୟରେ ପ୍ରାୟ ଦେଢ଼ କୋଟି ଟଙ୍କା ଲୁଟି ନେଇଥିଲେ। ଗିରଫ ହୋଇଥିବାରୁ ସେମାନେ କାହା ସହ କଥା ହୋଇ ପାରିବେନି ବୋଲି ଧମକ ଦେଇଥିଲେ। ତାଙ୍କ ପରିବାରର ସହାୟକ ଏବଂ ସ୍ଥାନୀୟ ଲୋକେ ଯେତେ ଯୋଗାଯୋଗ କଲେ ମଧ୍ୟ ଉଭୟ ଡରରେ କବାଟ ଖୋଲି ନ ଥିଲେ। ଦିନ ବିତିବା ପରେ ଶେଷରେ ସହାୟକମାନଙ୍କୁ ସନ୍ଦେହ ହେଲା। ଏହାପରେ ସେମାନେ ପଡୋଶୀ ଏବଂ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ସହିଦନଗର ପୁଲିସ ପହଞ୍ଚିଥିଲେ ବି ସେମାନେ କବାଟ ଖୋଲି ନ ଥିଲେ। ଶେଷରେ ଛାତ ଉପରେ ଥିବା ଏକ ଗଳା ବାଟରେ ପୁଲିସ ଘର ଭିତରକୁ ପ୍ରବେଶ କରିଥିଲା। ଅପରାଧୀମାନେ ତୁରନ୍ତ କଲ୍ କାଟି ଦେଇଥିଲେ।

# ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତ୍ୱର ପ୍ରତୀକ 'ବନ୍ଦେ ମାତରମ୍': ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୭।୧୧(ସମିସ):** ବନ୍ଦେ ମାତରମ୍ କେବଳ ଗୀତ ନୁହେଁ; ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜାଗ୍ରତ କରିଥିଲା। ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ୧୫୦ବର୍ଷପୂର୍ତ୍ତି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରମ୍‌କୁ ବ୍ୟାନ୍ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ। ଆମେ କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି, ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ। ବନ୍ଦେ ମାତରମ୍ ଆମ ହୃଦୟରେ ସେହି ଦେଶପ୍ରେମର ଅଗ୍ନିକୁ ପୁନଃଜାଗ୍ରତ କରେ। ଯୁବପିଢ଼ି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହାକୁ ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଏକବର୍ଷ ଧରି ସମସ୍ତ ଜିଲ୍ଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ମାଧ୍ୟମରେ ସାମୂହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଆୟକର ଠକେଇ ମାମଲା

# ଉତ୍କଳ ବିଲଡର୍ସର ୪ ନିର୍ଦ୍ଦେଶକ ଓ ଆକାଉଣ୍ଟାଣ୍ଟଙ୍କୁ ଜେରା

**ଭୁବନେଶ୍ୱର, ୭।୧୧(ସମିସ):** ଆୟକର ଠକେଇ ମାମଲାରେ ଉତ୍କଳ ବିଲଡର୍ସର ୪ ଜଣ ନିର୍ଦ୍ଦେଶକ ରାକେଶ ଭୁରା, ଅଞ୍ଜନାଦେବୀ ଭୁରା, ସନ୍ଦୀପ କୁମାର ଦେବ ଏବଂ ଅମିତ କୁମାର ଦେବ ଏବଂ ଆକାଉଣ୍ଟାଣ୍ଟଙ୍କୁ ଆୟକର ବିଭାଗ ପକ୍ଷରୁ ଜେରା କରାଯାଇଛି। ଜେରାବେଳେ ନିର୍ଦ୍ଦେଶକମାନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ବିଲଡର ସଂସ୍ଥା ଉତ୍କଳ ବିଲଡର ଉପରେ ଗତ ୪ ତାରିଖରୁ ଆୟକର ବିଭାଗ ରେଡ୍ କରିଥିଲା। ସହିଦନଗର ସ୍ଥିତ ମାଲିକଙ୍କ ଘର, ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ସମେତ ଏକାଧିକ ସ୍ଥାନରେ ରେଡ୍ ହୋଇଥିଲା। ଭୋର ୫ଟାରୁ ଆରମ୍ଭ ହୋଇଥିବା ଆୟକର ରେଡ୍ ପ୍ରାୟ ୧୨ ଘଣ୍ଟା ଧରି ଚାଲିଥିଲା। ଉକ୍ତ ସଂସ୍ଥା ବହୁ କୋଟି ଟଙ୍କା ଟିକସ ଫାଙ୍କିବା ଥିବା ଆୟକର ଚୋରି କରିଥିବା ନେଇ ବିଭାଗ ଅନୁମାନ କରୁଛି।

## ଆଇଓସିଏଲ୍ ନାଫ୍‌ଥା କ୍ରାକର୍ ପ୍ରକଳ୍ପ ଜମି ମୂଲ୍ୟାୟନ ବିବାଦ

# ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

**ପାରାଦୀପ, ୭।୧୧ (ସମିସ):** ଆଇଓସିଏଲ୍ ନାଫ୍‌ଥା କ୍ରାକର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ମୂଲ୍ୟାୟନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ମା' ବନରାଇ କୃଷକ ଏକତା ସଂଘ ପକ୍ଷରୁ ଆଗତ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନର ବିଚାର କରି ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ସୂଚନା ଅନୁସାରେ ଫତେପୁର ପଞ୍ଚାୟତରେ ଆଇଓସିଏଲ୍ ପ୍ରସ୍ତାବିତ ନାଫ୍‌ଥା କ୍ରାକର୍ ପ୍ରକଳ୍ପ ପାଇଁ ପ୍ରାୟ ୭୨୧.୯୩ ଏକର ଜମି ଅଧିଗ୍ରହଣ ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜମି ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଚାଲେଞ୍ଜ କରିଛି ବନରାଇ କୃଷକ ଏକତା ସଂଘ। ଫତେପୁର ଗ୍ରାମର ୮୬.୬୪ ଏକର ଏବଂ ପ୍ରତାପପୁର ୬୩୫.୨୯ ଏକର ଜମି ଅଧିଗ୍ରହଣ ନିମନ୍ତେ ସରକାର ଯେଉଁ ମୂଲ୍ୟାୟନ କରିଛନ୍ତି, ତାହା ତ୍ରୁଟିପୂର୍ଣ୍ଣ ବୋଲି ଆବେଦନରେ ଦର୍ଶାଯାଇଛି। ଚାଷୀ ସଂଗଠନ ଅନୁସାରେ ଏହି ମୂଲ୍ୟାୟନ ବର୍ତ୍ତମାନର ବଜାର ଦର ତୁଳନାରେ ଯଥେଷ୍ଟ କମ୍। ତେଣୁ ସମସ୍ତ ପ୍ରଭାବିତ ଜମିମାଲିକଙ୍କ ଅଧିକାରକୁ ବଜାୟ ରଖି ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଆବେଦନକାରୀମାନେ ଦାବି କରିଛନ୍ତି। ଆଜିର ଚାଷୀମାନଙ୍କ ପକ୍ଷରୁ ଆଇନଜୀବୀ ଗୌରବ ଅଗ୍ରୱାଲ, ପ୍ରଣବ ଗୁପ୍ତା, ଅଭିଷେକ ଦାଶ, ଅମ୍ରିତା ମିଶ୍ର, ଆୟୁଷ ଖଣ୍ଡେଲୱାଲ ପ୍ରମୁଖ ମୂଲ୍ୟାଙ୍କନ ପ୍ରକ୍ରିୟା ମନମୁଖୀ, ଅସ୍ୱଚ୍ଛ ଏବଂ ପ୍ରାକୃତିକ ନ୍ୟାୟର ନୀତି ବିରୋଧୀ ବୋଲି ଅଦାଲତରେ ଯୁକ୍ତି ବାଢ଼ିଛନ୍ତି। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଅଦାଲତ ନିର୍ଦ୍ଦେଶକୁ ମା' ବରନାଇ କୃଷକ ଏକତା ମଞ୍ଚ ସ୍ୱାଗତ କରିଛି।

## ନୀଳମାଧବ ବିକାଶ ପ୍ରକଳ୍ପ ବିପର୍ଯ୍ୟସ୍ତ

# ପାଚେରିରେ ଶୁଖୁଛି ଶାଢ଼ି, ପାହାଚରେ ବଡ଼ି

**ନୟାଗଡ଼/ଖଣ୍ଡପଡ଼ା, ୭।୧୧ (ସମିସ):** ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ପୀଠ ଉନ୍ନତି ଓ ବିକାଶ ପାଇଁ ପୂର୍ବ ସରକାର ଯୋଜନା ପ୍ରସ୍ତୁତ କରିଥିଲେ। ଶହେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅର୍ଥକୁ ବ୍ୟୟ କରି ଅନେକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। କିନ୍ତୁ ସାଧାରଣ ନିର୍ବାଚନ ପରଠାରୁ ଏହି କାର୍ଯ୍ୟ ଧୀରେଧୀରେ ଧିମା ହୋଇ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯେତିକି ବି ବିକାଶମୂଳକ କାର୍ଯ୍ୟ ହୋଇଥିଲା, ରକ୍ଷଣାବେକ୍ଷଣ ଓ ସୁରକ୍ଷା ଅଭାବରୁ ତାହା ବିପର୍ଯ୍ୟସ୍ତ ହୋଇଗଲାଣି।



ନୀଳମାଧବ ପୀଠ ଉନ୍ନତି ପାଇଁ ସମ୍ପୂର୍ଣ୍ଣ ମନ୍ଦିରକୁ ସ୍ୱଚ୍ଛ ଧଳା ରଙ୍ଗ କରାଯାଇଥିଲା। କିନ୍ତୁ ଭକ୍ତମାନଙ୍କ ସଚେତନତା ଅଭାବରୁ ମନ୍ଦିର କାନ୍ଥ ସାରା ସିନ୍ଦୂର ଦାଗ ଜକଜକ ଦେଖାଯାଉଛି। ମନ୍ଦିର ପରିସରରେ ସ୍ୱଚ୍ଛତା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ବେଢ଼ା ଭିତରେ ଦୀପ, ଭୋଗ, ଖେଳଣା ଓ ଆଇସକ୍ରିମ ଦୋକାନ ଖୋଲିଛି। କୋଟିକୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟର ଅବସ୍ଥା ଦେଖିଲେ, ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକ ନାକ ଟେକୁଛନ୍ତି। ଖାଲି ସେତିକି ନୁହେଁ, ଭକ୍ତଙ୍କ ପାଇଁ ନିର୍ମାଣ ହୋଇଥିବା ଲିଫ୍ଟ ଆଦୌ ବ୍ୟବହାର ହେଉନାହିଁ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଦିନଟିଏ ଲିଫ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏବେ ତାହା ବନ୍ଦ ଅବସ୍ଥାରେ ରହିଛି। ମନ୍ଦିର ଆଲୋକୀକରଣ ବ୍ୟବସ୍ଥା ବି ଫେଲ୍ ମାରିବାକୁ ବସିଛି। ପାର୍କଂଠାରୁ ଆରମ୍ଭ କରି ଦୟଣାଚୋରି ବଗିଚା ପର୍ଯ୍ୟନ୍ତ ସବୁଠି ବିପର୍ଯ୍ୟସ୍ତ ଅବସ୍ଥା କଣ୍ଟିଲୋବାସୀଙ୍କୁ ଚିନ୍ତାରେ ପକାଇଛି। ଦୟଣାଚୋରି ବଗିଚାରେ ଲାଜକୁଳି ଲତା ମାଡ଼ି ଯାଇଥିବା ବେଳେ ସେଥିରେ ତାଲା ଝୁଲୁଛି। ପାର୍କରେ ଲାଇଟ୍ ବ୍ୟବସ୍ଥା ସଠିକ୍ ନଥିବା ଦେଖିବାକୁ ମିଳିଛି। ଏହାସହ ପୁନରୁଦ୍ଧାର ହୋଇଥିବା ଚାପ ପୋଖରୀ ଭିତର ଓ ବାହାରେ କୁଢ଼କୁଢ଼ ଆବର୍ଜନା ଦେଖିବାକୁ ମିଳିଛି।

ନୀଳମାଧବ ବିକାଶ ପ୍ରକଳ୍ପରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିବା ବେଳେ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି। ନୀଳମାଧବ କ୍ଷେତ୍ରକୁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଏସବୁ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ସ୍ଥାନୀୟ ଲୋକଙ୍କୁ ପ୍ରଶ୍ନ ପଚାରି ମନକୁ ସନ୍ତୁଷ୍ଟ କରୁଛନ୍ତି। ନୀଳମାଧବ ବିକାଶ ପ୍ରକଳ୍ପରେ ଅନେକ ଯୋଜନା ରହିଥିବା ବେଳେ ଏଥିପ୍ରତି ସରକାର ଆଦୌ ଧ୍ୟାନ ନଦେବା, ହୋଇଥିବା କାମର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରାନଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀଳମାଧବ ମନ୍ଦିର ପରିକ୍ରମା ପାଇଁ ରହିଥିବା ଯୋଜନା କେବେ କାର୍ଯ୍ୟକାରୀ ହେବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରୁଛନ୍ତି। ମନ୍ଦିର ଚାରି ପାଖରେ ଘର କରି ରହିଥିବା ସେବାୟତଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ, ପାହାଚ ଚାରିପାଖରେ ପରିକ୍ରମା ରାସ୍ତା ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇପାରିନାହିଁ। ଐତିହ୍ୟସଂପନ୍ନ ନୀଳମାଧବ ପୀଠର ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ ଏଥିପ୍ରତି ଆଡ଼ଆଖିରେ ଚାହୁଁନାହିଁ। ମନ୍ଦିର ନିକଟରେ ଆବଶ୍ୟକ ଶୌଚାଳୟ ସୁବିଧା ନାହିଁ। ବ୍ରହ୍ମାଦୀ ପାହାଡ଼ ଉପରେ ଅବସ୍ଥିତ ନୀଳମାଧବ ପୀଠ ପୁରୀ ଶ୍ରୀମନ୍ଦିର ଭଳି ରୂପାନ୍ତରିତ ହେବ ବୋଲି ଜିଲ୍ଲାବାସୀ ଆଶା ରଖିଥିଲେ। ସେହି ଆଶା ଧୂଳିସାତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।



# ସିଟି କଟକ

## 'ଐତିହାସିକ ବାଲିଯାତ୍ରା କଟକ'ର ତୃତୀୟ ଦିନ

# କଥା ଐତିହ୍ୟର, ଗାଥା ବାଣିଜ୍ୟର

### ଝୁମାଇଲେ ହର୍ଷଦୀପ, ରୁକୁ ସୁନା ● ବଢ଼ିଲା ଦର୍ଶକଙ୍କ ଗହଳି; ସନ୍ଧ୍ୟା ୬ରୁ ଟ୍ରାଫିକ୍ ଜାମ୍





କଟକ,୭ ।୧୧(ସମିସ):

ଐତିହାସିକ ବାଲିଯାତ୍ରାର ଆଜି ଥିଲା ତୃତୀୟ ଦିନ। ଗତ୨ ଦିନଠାରୁ ଆଜି ଦର୍ଶକଙ୍କ ସଂଖ୍ୟା ଢ଼େର ଅଧିକ ଥିଲା। ସନ୍ଧ୍ୟା ୬ରୁ ଯାତ୍ରା ପଡ଼ିଆ ସହିତ ସଂଯୋଗ ହୋଇଥିବା ସମସ୍ତ ରାସ୍ତା ଜାମ୍ ହୋଇଯାଇଥିଲା। ବଲିଉଡ଼ କଣ୍ଠଶିଳ୍ପୀ ହର୍ଷଦୀପ କୌର ଓ ସାଥୀଙ୍କ ସଙ୍ଗୀତ ପରିବେଷଣରେ ଦର୍ଶକ ମତୁଆଲା ହୋଇଥିଲେ। ଭିଡ଼ ଏତେ ଅଧିକ ଥିଲା ଯେ ଭୁଆଶୁଣି ପଡ଼ିଆ, ଖ୍ରୀଷ୍ଟିୟାନ୍ ପଡ଼ିଆ, ଦୟାଶ୍ରମ ସାମ୍ନା ପଡ଼ିଆ, କାର୍ତ୍ତିକେଶ୍ୱର ଗଡ଼ାର ବାମ ପଟ ପଡ଼ିଆ ଓ ପଶ୍ଚିମ ପଟ ପଡ଼ିଆ, ମୁଖ୍ୟ ବିଚାରପତିଙ୍କ ବାସଭବନ ସାମ୍ନା ୫ଟି ପାର୍କିଂସ୍ଥଳୀ, ଗୋରାକବର ପଡ଼ିଆ, ବୋଷ ଇଞ୍ଜିନିୟରିଂ କଲେଜ ପାଖ ପଡ଼ିଆ ଓ ମାତାମଠ ପାର୍କିଂ ପଡ଼ିଆରେ ରାତି ୮ଟା ସୁଦ୍ଧା ଗାଡ଼ି ଫୁଲ୍ ହୋଇଯାଇଥିଲା। ଫଂବନ୍ଧରେ ମାଲଗୋଦାମ ଥାନା ପାଖରୁ ଗଡ଼ଗଡ଼ିଆ ଏବଂ ଚହଟା ଛକରୁ ଗଡ଼ଗଡ଼ିଆରେ ଟ୍ରାଫିକ୍ ସମସ୍ୟା ବଢ଼ିଯାଇଥିଲା। ତେବେ ସହରର ଟ୍ରାଫିକ୍ ଓ ବାଲିଯାତ୍ରା ପାର୍କିଂକୁ ଦେଖିଲେ ସ୍ପଷ୍ଟ ଜଣାପଡିଥିଲା, ଦର୍ଶକଙ୍କ ସଂଖ୍ୟା ୫ଲକ୍ଷ ଟପିଛି। ଅନ୍ୟପଟେ ଆଜି ଯାତ୍ରାରେ ଲୋକମାନେ କିଣାକିଣି ଠାରୁ ବୁଲିବା, ଦୋଳି ଝୁଲିବା ଏବଂ ଖାଇବା ଷ୍ଟଲ୍ ପାଖରେ ଭିଡ଼ ଜମାଇଥିଲେ।

ଦର୍ଶକମାନେ ଯାତ୍ରା ପଡ଼ିଆରେ ଛାଡଖାଇ ପାଳୁଥିବା ଦେଖିବାକୁ ମିଳିଥିଲା। ଗତକାଲି ଗୁରୁବାର ହୋଇଥିବା ବେଳେ ଲୋକମାନେ ଆମିଷ ଖାଇ ପାରି ନଥିଲେ। ଆଜି ମେଳା ପଡ଼ିଆରେ ଛାଡ଼ଖାଇ ପାଳିଥିଲେ ଦର୍ଶକ। ଓରମାସ୍ ଭିତରେ ହୋଇଥିବା ଖାଦ୍ୟ ଷ୍ଟଲ୍ ସହିତ ପଡ଼ିଆ ଭିତରେ ହୋଇଥିବା ଖାଦ୍ୟ ଷ୍ଟଲ୍‌ରେ ସଂଖ୍ୟାଧିକ ଲୋକ ଆମିଷ ଖାଉଥିଲେ। ଏମିତିରେ ଦହିବରା, ଠୁଙ୍କାପୁରୀ ଓ କୋବି ଆଳୁ କଷା ଖାଇବାକୁ ମଧ ଲୋକମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ରହିଥିଲେ। ଦହିବରା ଦର ୫୦ଟଙ୍କା ଥିବା ବେଳେ ଠୁଙ୍କାପୁରୀ ଓ କୋବି ଆଳୁ କଷାର ଦାମ ୧୨୦ଟଙ୍କା ରହିଥିଲା। ଏହାକୁ ବାଦ୍ ଦେଲେ ଚାଓମିନ୍ ପ୍ଲେଟ୍ ୧୦୦ଟଙ୍କା, ପକୋଡା ପ୍ଲେଟ୍ ୮୦ରୁ ୧୨୦ଟଙ୍କା, ଚରଟ୍ ପ୍ଲେଟ୍ ୬୦ଟଙ୍କା, ଦୋଷା ୭୦ଟଙ୍କା, ଚିକେନ୍ ପତ୍ରପୋଡା ୧୩୦ଟଙ୍କା, ମଟନ୍ ପତ୍ରପୋଡା ୧୮୦ଟଙ୍କା, ଚିଙ୍ଗୁଡି ପତ୍ରପୋଡା ୧୫୦ଟଙ୍କା, ବାମ୍ବୋ ମଟନ୍ ୨୦୦ଟଙ୍କା, ବାମ୍ବୋ ଚିକେନ୍ ୧୫୦ଟଙ୍କା, ମଟନ୍ ଚକୁଳି ୧୮୦ଟଙ୍କା, ମୁଢ଼ି ମଟନ୍ ୧୮୦ଟଙ୍କା, ରୋଲ୍ ୬୦ଟଙ୍କା ଏବଂ ବିରିଆନି ୬୦ଟଙ୍କାରୁ ୨୫୦ଟଙ୍କା ପର୍ଯ୍ୟନ୍ତ ବିକ୍ରୟ କରାଯାଉଥିଲା। ଏହାକୁ ବାଦ୍‌ଦେଲେ ମାଛ, ଚିକେନ୍, ମଟନ୍, ଅଣ୍ଡା, ଚିଙ୍ଗୁଡ଼ି ଓ କଙ୍କଡାରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟପଦାର୍ଥ ଖାଇବାକୁ ଲୋକମାନେ ଘଣ୍ଟା ଘଣ୍ଟା ଛଡ଼ା ହୋଇ ରହୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

ଅନ୍ୟପଟେ ସନ୍ଧ୍ୟାରେ ବୈଷ୍ଣବପାଣି ମଞ୍ଚରେ ଗୁଞ୍ଜରିତ ହୋଇଥିଲା, କଥା ଐତିହ୍ୟର-ଗାଥା ବାଣିଜ୍ୟର ଧ୍ୱନି। ଏହାପରେ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ରୁକୁ ସୁନାଙ୍କ ସଂଗୀତ। ଗୋଟିଏ ପରେ ଗୋଟିଏ ସମ୍ବଲପୁରୀ ଡ୍ୟାନ୍ସ ନମ୍ବର ଦର୍ଶକଙ୍କୁ ଭେଟି ଦେଇଥିଲେ। ବୈଷ୍ଣବପାଣି ମଞ୍ଚରେ ଚିଦାନନ୍ଦ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅନୀତା ମିଶ୍ର ରିମିକ୍ସ ଓଡ଼ିଆ ଲୋକନୃତ୍ୟ ପରିବେଷଣ କରିଥିଲେ। ଭକ୍ତି ଅର୍ଘ୍ୟ ଭଜନ ସନ୍ଧ୍ୟା ପକ୍ଷରୁ ସାନ୍ତନୁ ପଣ୍ଡା ଭଜନ ଦର୍ଶକଙ୍କ ମନ ଛୁଇଁଥିଲା। ରକ୍ ଷ୍ଟାର୍ ମ୍ୟୁଜିକ୍ ପକ୍ଷରୁ ତପସ୍ୱିନୀ ମିଶ୍ରଙ୍କ ସଂଗୀତକୁ ଦର୍ଶକ କିଛି ସମୟ ଧରି ଉପଭୋଗ କରିଥିଲେ। ଖାସ୍ କରି ଆଜିର ସନ୍ଧ୍ୟାରେ ନାଟ୍ୟୋତ୍ସବ ନାଟକ ଫାଇନାଲିଷ୍ଟ ନାଟକ ଦର୍ଶକଙ୍କୁ ବେଶ କିଛି ସମୟ ବାନ୍ଧି ରଖିଥିଲା। ଗୁରୁକୁଳ ଡ୍ୟାନ୍ସ ଏକାଡେମୀ, ସାନ୍ତାଳୀ ଲୋକନୃତ୍ୟ, ପଞ୍ଚପୁଷ୍ପ କଳା ସଂସଦ, ବିରଜା କଲଚରାଲ ଏକାଡେମୀ, ଲାସ୍ୟ ଡ୍ୟାନ୍ସ ଏକାଡେମୀ, ଟି.ଜି. ସୁରକ୍ଷା ଟ୍ରଷ୍ଟ ଏବଂ ସଂଗୀତ ନୃତ୍ୟ ଏକାଡେମୀ ସାଲେପୁର କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାବାଦ ନାଟକ ପାଇକ ବିଦ୍ରୋହ ଓ ମହାଭାରତ ସେମି-କ୍ଲାସିକାଲ୍ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ।

## ପଲ୍ଲିଶ୍ରୀ ମେଳାରେ ୩ କୋଟିର ବେପାର

ବାଲିଯାତ୍ରାର ଦିନ ଗଡ଼ିବା ସହ ଓରମାସ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ପଲ୍ଲିଶ୍ରୀ ମେଳାର ବେପାର ମଧ ବଢି ଚାଲିଛି। ଗତ ବର୍ଷ ତୁଳନାରେ ଏଥର ବ୍ୟବସାୟ ଉତ୍ସାହଜନକ ରହିଛି। ପ୍ରଥମ ଦିନରେ ୮୯ ଲକ୍ଷ ୩୬ ହଜାର ଟଙ୍କାର କାରବାର ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ରେକର୍ଡ ୨ କୋଟି ୧୩ ଲକ୍ଷ ଟଙ୍କାର ବ୍ୟବସାୟ ହୋଇପାରିଛି। ଏହିପରି ଦୁଇ ଦିନରେ ମୋଟ ୩କୋଟି ୨ଲକ୍ଷ ୩୬ହଜାର ଟଙ୍କା ବ୍ୟବସାୟ ହୋଇପାରିଛି।

### ଯାତ୍ରା ପଡ଼ିଆରେ 'ଛାଡ଼ଖାଇ'





## ବାଲିଯାତ୍ରାରେ 'ଫିନ୍‌ଦୂତ'ର ପ୍ରଦର୍ଶନୀ ମଣ୍ଡପ ଉଦ୍‌ଘାଟିତ



କଟକ,୭।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରାରେ ନାଗରିକଙ୍କୁ ଆର୍‌ôଥକ ପରାମର୍ଶ, ନିବେଶ ଓ ବୀମା ସେବା ପ୍ରଦାନକାରୀ ସଂସ୍ଥା 'ଫିନ୍‌ଦୂତ'ର ପ୍ରଦର୍ଶନୀ ମଣ୍ଡପ ଉଦ୍‌ଘାଟିତ ହୋଇଛି। ବିଶିଷ୍ଟ ଶିଳ୍ପଦ୍ୟୋଗୀ ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ସଂସ୍ଥାର ପ୍ରତିଷ୍ଠାତା ଇଂ ପ୍ରତୀଚୀ କୁମାର ସ୍ୱାଇଁ ବ୍ୟକ୍ତିବିଶେଷ, ବ୍ୟବସାୟିକ ସଂସ୍ଥାକୁ ସଠିକ୍ ଆର୍ଥିକ ପରାମର୍ଶ, ନିବେଶ, ସମସ୍ୟାର ଭରସାଯୋଗ୍ୟ ସମାଧାନ, ସୁନିଶ୍ଚିତ ଆର୍ଥିକ ଭବିଷ୍ୟତ, ଗ୍ରାହକ ସଚେତନା ଆଦି ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। 'ଅଲିଭା ଲାଇଫ ଇନସ୍ୟୁରାନ୍ସ'ର ବରିଷ୍ଠ ଅଧିକାରୀ ପ୍ରଭୁପ୍ରସାଦ ମିଶ୍ର, ନାଲକୋର ପୂର୍ବତନ ସିଏମ୍‌ଡି ଡ. ଅଂଶୁମାନ ଦାସ, ଇଂ ପ୍ରଭାକର ସ୍ୱାଇଁ, ପ୍ରଫେସର ଡ. ରଞ୍ଜିତା ନାୟକ, ମନୋରଞ୍ଜନ ବେହେରା, ସୌଭାଗ୍ୟ ପରିଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## କଏଦୀଙ୍କ ହାତ ତିଆରି ଘଣା ସୋରିଷ ତେଲର ଚାହିଦା




କଟକ,୭।୧୧(ସମିସ): ଜେଲରେ ବନ୍ଦୀ ଜୀବନ କାଟୁଥିବା କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ଓ ଘଣା ସୋରିଷ ତେଲର ବେଶ୍ ଚାହିଦା ରହିଛି କଟକ ବାଲିଯାତ୍ରାରେ। ଏଥର ସୋରିଷ ତେଲ ଲିଟର ପ୍ରତି ୨୯୦ଟଙ୍କାରେ ବିକ୍ରି କରାଯାଉଛି। ଚୌଦ୍ୱାର ଜେଲ କଏଦୀମାନେ ଘଣାରେ ଏହି ତେଲ ପ୍ରସ୍ତୁତ କରିଛନ୍ତି। ଏଥର ବାଲିଯାତ୍ରାରେ ୭୦୦ରୁ ୧ହଜାର ଲିଟର ଘଣା ତେଲ ବିକ୍ରି ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ଷ୍ଟଲ ଦାୟିତ୍ୱରେ ଥିବା କର୍ମଚାରୀ। ସାଧାରଣତଃ ଏହି ତେଲ ପ୍ରସ୍ତୁତିରେ ରାସାୟନିକ ଦ୍ରବ୍ୟ ମିଶାଯାଇ ନଥାଏ। ବାଲିଯାତ୍ରା ପୂର୍ବରୁ ଦୈନିକ ୨୦ଜଣ କଏଦୀ ୧୦୦ଲିଟର ସୋରିଷ ତେଲ ପ୍ରସ୍ତୁତିରେ ନିୟୋଜିତ ହୋଇଥାନ୍ତି ବୋଲି କୁହାଯାଇଛି। ଓଡିଶା ଜେଲ ହସ୍ତଶିଳ୍ପ ଆନୁକୂଲ୍ୟରେ ବିଭିନ୍ନ ଜେଲ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ଗାମୁଛା, ରୁମାଲ, ବେଡସିଟ୍, ଫିନାଇଲ, ସବାଇ ଘାସରେ ତିଆରି ପାପୋଛ ଆଦି ବିକ୍ରି କରାଯାଉଛି। ଏଥର ୧୦ଲକ୍ଷ ଟଙ୍କାର ବିକ୍ରି ଲକ୍ଷ୍ୟ ରଖାଯାଇଛି।

## ନିଷ୍ଠୁର ପ୍ରଶାସନ; ନିର୍ଦ୍ଦୟ ପୁଲିସ

# ମାଡ଼ ଗାଳି ଖାଇ ଫେରିଯାଉଛନ୍ତି ଉଠାଦୋକାନୀ




କଟକ,୭।୧୧(ସମିସ):

ଐତିହାସିକ ବାଲିଯାତ୍ରାକୁ ଶହ ଶହ ଉଠା ଦୋକାନୀ ବ୍ୟବସାୟ ଲୋଭରେ ଆସିଥିବା ବେଳେ ସେମାନଙ୍କୁ ଯାତ୍ରା ତୃତୀୟ ଦିନରେ ମଧ ଥଇଥାନ କରାଯାଇ ପାରିନାହିଁ। ଗତ ୨ଦିନ ହେବ ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସ ସେମାନଙ୍କ ଉପରେ ନିର୍ଦ୍ଦୟ ସାଜୁଥିବା ଦେଖିବାକୁ ମିଳିଛି। ଉପରପଡ଼ିଆରେ ସେମାନଙ୍କୁ ବସାଇ ଦିଆଯାଉ ନାହିଁ। ତଳପଡ଼ିଆର କୌଣସି ଲେନ୍‌ରେ ଥିବା ଫାଙ୍କା ସ୍ଥାନରେ ସେମାନେ ବ୍ୟବସାୟିକ ଆସର ଜମାଇଲେ, ଜେସିବି ଆଣି ତାଙ୍କ ଉଠା ଦୋକାନକୁ ଭାଙ୍ଗି ଦିଆଯାଉଛି। ପ୍ରତିବାଦ କଲେ ପୁଲିସ ଲାଠି ଚାଳନା କରିବାକୁ ପଛଉ ନାହାନ୍ତି।

ବାଲିଯାତ୍ରାର ତଳ ପଡ଼ିଆରେ ଖାଇବା ଦ୍ରବ୍ୟ ଓ ପାଣି ବୋତଲ ବେପାର କରିବାକୁ ଆସିଥିବା ଜଗତପୁର ଥାନା ଅନ୍ତର୍ଗତ ଫକିରପୁର ଫଣାସାହିର ପ୍ରଦୀପ ବେହେରାଙ୍କୁ ପୁଲିସ ଆକ୍ରମଣ କରିଛି। ତାଙ୍କ ଜରି ପାଲକୁ ଚିରି ଦେବା ସହିତ ଦୋକାନ ଦ୍ରବ୍ୟକୁ ଜେସିବି ଚଢ଼ାଇ ଦେଇଛି। ସେ ତଳପଡ଼ିଆରେ କାନ୍ଦୁଥିବା ବେଳେ ତାଙ୍କ ଦୁଃଖ ବୁଝିବାକୁ ନା' ପ୍ରଶାସନ ଆସିଛି ନା' ପୁଲିସ? ଶ୍ରୀ ବେହେରା କହିଛନ୍ତି ଯେ ତାଙ୍କ ପରିବାର ଅତ୍ୟନ୍ତ ଗରିବ। ପତ୍ନୀଙ୍କୁ ନେଇ ବ୍ୟବସାୟ ଆଶାରେ ବାଲିଯାତ୍ରାକୁ ଆସିଥିଲେ। ପ୍ରତ୍ୟେକ ବର୍ଷ ସେ ଆସିଥାଆନ୍ତି। ସେ ପ୍ରଶାସନିକ ଅଧିକାରୀଙ୍କୁ ଉଠା ଦୋକାନ ବାବଦରେ ଅର୍ଥ ପଇଠ କରି ଦୋକାନ ଖୋଲନ୍ତି। ଚଳିତ ବର୍ଷ ସେ ସରକାରୀ ଟିକସ ଦେବାକୁ ରାଜିଥିବା ବେଳେ ତାଙ୍କଠାରୁ ଉଠା ଦୋକାନ ବାବଦରେ ଟିକସ୍ ନିଆଗଲା ନାହିଁ। ତାଙ୍କୁ ଯାତ୍ରା ପଡ଼ିଆରୁ ହଟାଇ ଦିଆଯାଇ ଗିରଫ କରାଯିବାକୁ ଧମକ ଦିଆଗଲା। ତାଙ୍କ ଉଠା ଦୋକାନକୁ ଭାଙ୍ଗି ଦିଆଗଲା। କେବଳ ଉଠା ଦୋକାନୀ ପ୍ରଦୀପ ନୁହନ୍ତି, ୫୦ରୁ ଅଧିକ ଗରିବ ଉଠା ଦୋକାନୀଙ୍କୁ ଜାଗା ନଦିଆଯାଇ ମାଡ଼ ମରାଯାଉଥିବା ଅଭିଯୋଗ ହେଉଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଶ୍ରୀକାନ୍ତ କୁମାର ମହାନ୍ତି
କାଳୀମେଘା, ତିହିଡ଼ି, ଭଦ୍ରକ
ଆବିର୍ଭାବ : ୨୫-୦୫-୧୯୬୨ / ତିରୋଧାନ : ୦୮-୧୧-୨୦୨୪
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର-ମାନବେଶ, କନ୍ୟା- ଶ୍ରୀବଲ୍ଲୀ, ବନ୍ଧୁ ଓ ପରିବାରବର୍ଗ

# ଭୁବନେଶ୍ୱର କଟକ



ଭୁବନେଶ୍ୱର ବାଲିଯାତ୍ରା ତୃତୀୟ ସନ୍ଧ୍ୟା

# ତାନସେନଙ୍କ ରୋମାଣ୍ଟିକ୍ ଓ ବାପିଙ୍କ ଭକ୍ତି ସଙ୍ଗୀତ






ନନ୍ଦନକାନନ, ୭।୧୧(ସମିସ): ସପ୍ତମ ଭୁବନେଶ୍ୱର ବାଲିଯାତ୍ରା ତୃତୀୟ ସନ୍ଧ୍ୟାର ମଞ୍ଚରେ ପ୍ରବଳ ସମାଗମ ହୋଇଥିଲେ। ଛାଡ ଖାଇ ଗୁରୁବାର ପଡ଼ିଥିଲା ବେଳେ ଶୁକ୍ରବାର ଲୋକମାନେ ଛାଡ ଖାଇ ପାଳିବା ନେଇ ଘରେ ଘରେ ଆମିଷ ରୋଷେଇ କରି ଭୁରି ଭୋଜନ କରିଥିଲେ। ତେଣୁ ଖାଦ୍ୟ ଷ୍ଟଲ ଗୁଡ଼ିକ ରେ ଆଜି ଟିକେ ମନ୍ଦା ଧରିଥିଲା। ତେବେ ଭେଟେରାନ ସିଙ୍ଗର ତାନସେନ ସିଂଙ୍କ ପାଇଁ ଆଜି ପ୍ରଥମ ମଞ୍ଚରେ ଲୋକମାନେ ବହୁ ରୋମାଞ୍ଚିତ ହୋଇଥିଲେ। ରାଜାଜାନି ସମର ସଲିମ ସାଇମନ, ଅନାମିକା ନାୟିକା ସେ ହେଲା ମୋ ପ୍ରେମିକା, ଏ ନୂଆ ଭାଉଜ ନୂଆ ଭାଉଜ ତମେ ଝିଅଟି, ସବୁ ମାୟାରେ ବାୟା, ଜାଗା ହାତରେ ପଘା, ମମତା ମାଗେ ମୁଲ ଆଦି ଗୀତ ଗାୟି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ସୁନାମ ଅର୍ଜିତ ଲୋକ ପ୍ରିୟ କଣ୍ଠ ଶିଳ୍ପୀ କୁମାର ବାପି ଦର୍ଶକଙ୍କୁ ଗୋଟିକ ପରେ ପ୍ରେମ ଗୀତ ଶୁଣେଇ ଆନମନା କରିଥିଲେ। ପରେ ପରେ ଶାଖାରେ ଶାଖାରେ, କେବେ ଏକୁଟିଆ ଦିଅ ଦେଖା ଭଳି ଭଜନ ସଙ୍ଗୀତ ପରିବେଷଣ କରି ଲୋକଙ୍କୁ ଭାବ ଭକ୍ତିରେ ଭିଜାଇ ଦେଇଥିଲେ। ତାଙ୍କ ଦଳ ବି ବେଶ ଉପ୍ତାତିଆ ଗୀତ ଗାୟି ବହୁ ସମୟ ଯାଏ ଲୋକଙ୍କୁ ବାନ୍ଧି ରଖିଥିଲେ। ଅଭିମନ୍ୟୁ ସାମନ୍ତରାୟ ଚାରିଟେବଲ ଫାଉଣ୍ଡେସନ ତରଫରୁ ଦ୍ୱିତୀୟ ମଞ୍ଚ ପରିଚାଳିତ ହୋଇଥିଲା। ରାଷ୍ଟ୍ରସଙ୍ଗୀତ ବନ୍ଦେ ମାତରଂ ର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆଜି ଏହି ମଞ୍ଚରେ ପ୍ରଥମେ ବନ୍ଦେ ମାତରଂ ଗୀତ ପରିବେଷଣ ହୋଇଥିଲା। ସାଧନା ଡାନ୍ସ ଗ୍ରୁପ, ମଧୁର ସଙ୍ଗୀତ ଟ୍ରୁପ, ଏସ ଏସ ଡାନ୍ସ ଗ୍ରୁପ, ହୃଦୟ ଡାନ୍ସ ଗ୍ରୁପ ଦ୍ୱାରା ପରିବେଷଣ ହୋଇଥିଲା ପାରମ୍ପରିକ, ଆଧୁନିକ ଗୀତରେ ନାଚ ଯୋଗୁଁ ଦ୍ୱିତୀୟ ପେଣ୍ଡାଲ ଦୁଲୁକିଥିଲା। ସୁନ୍ଦରୀ ତରୁଣୀ ମାନେ ଆଲୋକିରେ ଚିକମିକ କରୁଥିବା ଗୋଲାପ ଫୁଲାକୃତି ମୁଣ୍ଡ କ୍ଲିପ ମାରି ପଡ଼ିଆ ସାରା ବୁଲିଥିଲେ।

# ମନ କିଣୁଛି 'ଜଳପରୀ'



କଟକ, ୭।୧୧(ସମିସ): ଏଥର ବାଲିଯାତ୍ରା ପଡ଼ିଆରେ ବିଶାଳ କାଚ ଭିତରେ ମନ କିଣୁଛି ଜଳପରୀ। କାଚ ସୋ' କେସ ମଧ୍ୟରେ ୨ ଜଣ ଯୁବତୀ ଭାସି ଆସି ଦର୍ଶକଙ୍କ ମନ ମୋହି ନେଉଛନ୍ତି। କିଏ ଏମାନଙ୍କ ସହ ସେଲ୍‌ଫି ନେଉଛି ତ ଆଉ କିଏ ଫଟୋ ଉଠାଉଛି। ଜଳରେ ଭାସୁଥିବା ଜଳପରୀ ବି କାହାକୁ ନିରାଶ କରୁ ନାହାନ୍ତି। ଆତ୍ମୀୟଙ୍କ ଭଳି ସେମାନେ ଦର୍ଶକଙ୍କୁ ଇସାରାରେ ଦେଉଛନ୍ତି ଅନେକ ଭଲ ପାଇବା। ଏହାକୁ ବାଲିଯାତ୍ରାକୁ ନେଇ ଆସିଥିବା ସଂସ୍ଥାର ପରିଚାଳକ ମହମ୍ମଦ ଇର୍ସାଦଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତ ବର୍ଷ 'ଜଳପରୀ ସୋ' ବାଲିଯାତ୍ରାରେ ପ୍ରଥମ ଥର ଅଣାଯାଇଛି। ଦର୍ଶକଙ୍କୁ ଏହା ପସନ୍ଦ ଆସୁଛି। ଦିନ ୨ଟାରୁ ସୋ' ଆରମ୍ଭ ହୋଇ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲୁଛି। ଯେଉଁ ୨ଜଣ ଯୁବତୀ ଜଳପରୀ ବେଶରେ ଲୋକଙ୍କ ମନ ମୋହୁଛନ୍ତି, ସେମାନେ ଇଣ୍ଡୋନେସିଆ ଓ ଫିଲିପ୍ପାଇନ୍ସର ଯୁବତୀ। ପାଣି ଭିତରେ ୨ଜଣ ଯୁବତୀ ବିଭିନ୍ନ ପ୍ରକାର ଷ୍ଟଣ୍ଟ୍ ଦେଖାଇ ଲୋକଙ୍କ ମନୋରଞ୍ଜନ କରୁଛନ୍ତି। ଜଳପରୀ ସୋ' ଦେଖିବା ପାଇଁ ଟିକେଟର ମୂଲ୍ୟ ୧୦୦ ଟଙ୍କା ରହିଛି। ଏହାକୁ ବାଦ ଦେଲେ ଏଥର ବାଲିଯାତ୍ରାରେ ଜଳପରୀ ଭଳି ଲୋକଙ୍କ ମନୋରଞ୍ଜନ କରୁଛି 'ରୋବୋଟିକ ଆନିମଲ୍ ୱାର୍ଲ୍ଡ'। ଯେଉଁଠି ବାଘ, ଭାଲୁ, ହାତୀ, ବିଲୁପ୍ତ ଡାଇନୋସର ଆଦିଙ୍କୁ ଦେଖିବାକୁ ମିଳୁଛି। ରୋବୋଟିକ ଟେକ୍ନୋଲୋଜିର ଉପଯୋଗ କରି ବାଲିଯାତ୍ରା ପଡ଼ିଆରେ ସୃଷ୍ଟି କରାଯାଇଛି ଅଭୟାରଣ୍ୟର ଭ୍ରମ। ଯାହାକୁ ଦେଖିବାକୁ ପିଲାଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ମଧ୍ୟ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି।

'ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ'

# ଶୀତୁଆ ସଞ୍ଜରେ ଭିଜିଲେ ଦର୍ଶକ





ଧଉଳି, ୭।୧୧(ସମିସ):ଏକାମ୍ର ନିର୍ବାଚନମଣ୍ଡଳୀ ଅଧିନ ବାସୁଆଘାଇପୁର ପଞ୍ଚାୟତ ବାଙ୍କୁଆଳ କୁଆଖାଇ ନଦୀପଠାରେ 'ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ' ତୃତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀଙ୍କ ଗୀତର ତାଳେ ତାଳେ ଝୁମିଲେ ଦର୍ଶକ। ତୁ ନୂଆ ସାୟରି ନା ନୂଆ କବିତା..., ପଲ ପଲ ତତେ ଚାହେଁ... ମୋର ଭୂଗୋଳରେ ଭଲ ହେଉଥିଲା... ତେଲୁଗୁ ସୁନ୍ଦରୀ ...ଆଦି ଗୋଟାକ ପରେ ଗୋଟାଏ ଗୀତ ଗାଇ ଶୀତୁଆ ସନ୍ଧ୍ୟାକୁ ରୋମାଣ୍ଟିକ କରିଥିଲେ। ପରେ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀଙ୍କ ଅଭିନୀତ କିଛି ସଂଳାପ ଦର୍ଶକଙ୍କୁ ବିମୋହିତ କରିଥିଲା। ବାଲିଯାତ୍ରା କମିଟିର ସମ୍ପାଦକ କବିରାଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ତୃତୀୟ ସନ୍ଧ୍ୟାରେ ଅତିଥି ଭାବେ ୬୩ ନମ୍ବର କର୍ପୋରେଟର ସୁଜାତା ଛୋଟରାୟ, ବିଜେପି ଲେଗାଲ ସେଲର ସଭାପତି ମୁରଲୀ ମନୋହର ପାତ୍ର, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଚିତ୍ତ ରଞ୍ଜନ ବାରିସଲ, ତପନ କୁମାର ନାୟକ, ଗୁଣ୍ଡୁଚି ସାହୁ, ବିଜୟ ପଟ୍ଟନାୟକ ପ୍ରମୁଖ ଆଇନଜୀବୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଖିରୋଦ କୁମାର ସ୍ୱାଇଁ, ଆଇନ ପରାମର୍ଶଦାତା ଭାଗବତ ମୁଖି ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଯାତ୍ରାରେ 'ଓଡ଼ିଆ ଅସ୍ମିତା' ପ୍ରହସନ

# ଆନ୍ଧ୍ର ସଂସ୍ଥାକୁ ଅନୁମତି; ଓଡ଼ିଆଙ୍କୁ ମାର୍‌ମାର୍

କଟକ, ୭।୧୧(ସମିସ): କିଛି ବର୍ଷ ଧରି ବାଲିଯାତ୍ରାରେ ଜଳକ୍ରୀଡ଼ା ଆୟୋଜନ ହୋଇଆସୁଛି। ମହାନଦୀରେ କାୟାକିଂ, ସ୍ପିଡ୍ ବୋଟ୍ ଭଳି ଜଳକ୍ରୀଡ଼ାର ମଜା ନେଉଛନ୍ତି ବାଲିଯାତ୍ରାକୁ ଆସୁଥିବା ଦେଖଣାହାରୀ। ହେଲେ ଚଳିତଥର ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଓଡ଼ିଆ ସଂସ୍ଥାକୁ ଜଳକ୍ରୀଡ଼ାରୁ ବାଦ୍ ପକାଇ ଆନ୍ଧ୍ରର ଏକ ସଂସ୍ଥାକୁ ଜଳକ୍ରୀଡ଼ା ଆୟୋଜନ ପାଇଁ ଅନୁମତି ମିଳିସାରିଥିବା ଜଣାପଡ଼ିଛି। ଚଳିତବର୍ଷ କଟକ ବାଲିଯାତ୍ରାରେ ଆନ୍ଧ୍ରର ଏକ ସଂସ୍ଥା 'ସିମ୍ପଲ ୱାଟର ସ୍ପୋର୍ଟସ'କୁ ଜଳକ୍ରୀଡ଼ା ପାଇଁ ପ୍ରଶାସନିକ ଅନୁମତି ଦିଆଯାଇଛି। ବାଲିଯାତ୍ରା ଆରମ୍ଭ ଦିନରୁ ଶୁକ୍ରବାର ପର୍ଯ୍ୟନ୍ତ ଏହି ବିବାଦ ଲାଗି ରହିଥିବା ବେଳେ ପ୍ରଶାସନର ନିଷ୍ପତ୍ତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। 'ଓଡ଼ିଆ ଅସ୍ମିତା'ର ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଅମଳରେ ଘଟିଥିବା ଏଭଳି ଘଟଣାକୁ ନେଇ କଟକର କିଛି ବୁଦ୍ଧିଜୀବୀ ମଧ୍ୟ ନିନ୍ଦା କରିଛନ୍ତି।



ଘଟଣାରୁ ପ୍ରକାଶ ଯେ ଗଙ୍ଗାମନ୍ଦିର ଅଞ୍ଚଳର ଯୁବକ ସାତ୍ୟକୀ ବୋଷଙ୍କ ଓଡ଼ିଶା ମେରିଟାଇମ୍ ନାମରେ ଏକ ସଂସ୍ଥା ରହିଛି। ବିଭିନ୍ନ ରକମର ଜଳକ୍ରୀଡ଼ା ଆୟୋଜନ କରିବା ଏହି ସଂସ୍ଥାର କାର୍ଯ୍ୟ। ୨୦୧୯ ମସିହାରୁ ସାତ୍ୟକୀ ଜଳକ୍ରୀଡ଼ା ସରଞ୍ଜାମ ଧରି ବାଲିଯାତ୍ରାକୁ ଆସିଥାନ୍ତି। ପ୍ରଶାସନିକ ଅନୁମୋଦନ ଜରିଆରେ ଏଠାରେ ଜଳକ୍ରୀଡ଼ା ଆୟୋଜନ କରି କିଛି ଟଙ୍କା ରୋଜଗାର କରନ୍ତି। ଚଳିତଥର ମଧ୍ୟ ସେ ଏଥିପାଇଁ ଆଗଭର ହୋଇଥିଲେ। ମହାନଦୀ କୂଳରେ ନିଜ କ୍ୟାମ୍ପ ପକାଇବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀ ପୂର୍ବରୁ ତାଙ୍କୁ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଏନଓସି ମିଳି ଯାଇଥିଲା। ବାଲିଯାତ୍ରା ଆରମ୍ଭ ତଥା କାର୍ତ୍ତିକ ପୂର୍ଣ୍ଣମୀ ଦିନ ସେ ନିଜ କ୍ୟାମ୍ପରେ ଥିବା ବେଳେ ସେଠାରେ ଆସି ପହଞ୍ଚିଥିଲେ କଟକ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ। ଜଳକ୍ରୀଡ଼ା ପାଇଁ ଆଣିଥିବା ଏନଓସି ମାଗିଥିଲେ ସାତ୍ୟକୀଙ୍କୁ। ଆବଶ୍ୟକ କାଗଜପତ୍ର ଦେଖାଇବା ପରେ ଡିସିପି ସେଠାରୁ ଚାଲିଥିଲେ। ପୂର୍ଣ୍ଣମୀ ସକାଳୁ ମହାନଦୀ କୂଳରେ ଲୋକଙ୍କ ଭିଡ଼ ଜମିଥିବା ବେଳେ ସାତ୍ୟକୀ ଜଳକ୍ରୀଡ଼ା ଆରମ୍ଭ କରିଥିଲେ। ଗୋଟିଏ କାୟାକିଂ ବୋଟ୍ ପାଣିରେ ବୁଲୁଥିବା ବେଳେ ଜଣେ ପୁଲିସ ଅଧିକାରୀ ସେଠାକୁ ଆସି ଏହା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ସାତ୍ୟକୀ ସମସ୍ତ କାଗଜପତ୍ର ଦେଖାଇଥିଲେ ସୁଦ୍ଧା ପୁଲିସ ଅଧିକାରୀ ଜଣକ ଶୁଣି ନ ଥିଲେ। ପରେ ଘଟଣା ପହଞ୍ଚିଥିଲା କଟକ ଜିଲ୍ଲାପାଳ, କଟକ ଡିସିପି ଏବଂ ଏନଓସି ପ୍ରଦାନ କରିଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ। ସାତ୍ୟକୀ ସମସ୍ତଙ୍କୁ ଏ ବାବଦରେ କହିଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଏପରିକି ତୁମର ଏନଓସି ବାତିଲ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ହେଲେ ସାତ୍ୟକୀ ଏନଓସି ବାତିଲ କରାଯିବା ନେଇ ବିଧିବଦ୍ଧ ସରକାରୀ ଚିଠି ମାଗିଥିଲେ। ଇତିମଧ୍ୟରେ ଦୁଇ ଦିନ ବିତିଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ସାତ୍ୟକୀଙ୍କୁ ପ୍ରଦାନ କରାଯାଇଥିବା ଏନଓସି ବାତିଲ କରାଯାଇନାହିଁ।

# ମହକୁଛି ଆମ ଗାଁ ବରା

ନନ୍ଦନକାନନ, ୭।୧୧(ସମିସ): ନାଁ ବି ଯେମିତି ବାସେନା ସେମିତି ଆଉ ସୁଆଦିଆ ବି ସେମିତି। ଗାଁର ସୁଆଦ ଭରି ରହିଛି। ଗାଁରେ ଯେମିତି ନିର୍ଭେଜାଲ, ଦେଶିଆ ଦେଶିଆ ଆପଣାର ଆପଣାର ଜୀବନ ଲାଗେ, ବାଲିଯାତ୍ରା ପଡ଼ିଆରେ ବି ସେମିତି ଆମ ଗାଁ ବରାର ବସେନା ସୁଆଦରେ ଦର୍ଶକ ମନଭରି ପେଟ ପୂରେଇ ଖାଉଛନ୍ତି। ପଡ଼ିଆ ସାରା ଭଳିକି ଭଳି ଆଇଁଷ ବ୍ୟଞ୍ଜନଠାରୁ ଆରମ୍ଭ କର ବିଦେଶୀ ଖାଦ୍ୟର ଷ୍ଟଲ ଲାଗିଥିଲେ ବି, ଆମ ଗାଁ ବରା ଦର୍ଶକଙ୍କୁ ଭିଡି ଆଣୁଛି। ଦେଶିଆ ବିରି, ଚାଉଳ, ଅଦା, ଅମ୍ବାକାସିଆ ଅଦା, ଜିରା, ଲଙ୍କା, ବୃଷଙ୍ଗ ପତ୍ର ବରା ପ୍ରସ୍ତୁତ କରାଯାଉଛି। ଏମିତିଆ ସୁଆଦିଆ ବରା ଦୋକାନ ଖୋଲିଛନ୍ତି ଆମ ଗାଁ ବରା ଦୋକାନୀ ବରିମୁଣ୍ଡର ଅମୂଲ୍ୟ ପୃଷ୍ଟି। ଶ୍ରୀ ପୃଷ୍ଟି କହନ୍ତି ଯେ ଏଠି ଏତେ ପ୍ରକାରର ଭଳିକି ଭଳି ଆମିଷ ନିରାମିଷର ସହରୀ ଜାତୀୟ ଖାଦ୍ୟ ଷ୍ଟଲ ଥିଲେବି ଲୋକ ବରା ବସେନା ପାଇ ଭିଡ଼ ଜମାଉଛନ୍ତି। ପ୍ରତି ସନ୍ଧ୍ୟାରେ ୭ରୁ ୮ ହଜାରେ ଟଙ୍କାର ବରା ବେପାର କରୁଛନ୍ତି ଅମୂଲ୍ୟ।

# ଦୋଳି ପାଖେ ଗହଳି

କଟକ, ୭।୧୧(ସମିସ): ବାଲିଯାତ୍ରାର ତୃତୀୟ ଦିନରେ ଲୋକଙ୍କ ବେଶ ଭିଡ଼ ଜମିଛି। ତଳ ପଡ଼ିଆରେ ଦୋଳି ରହିଥିବାବେଳେ ଏଥିରେ ବସିବା ପାଇଁ ଭିଡ଼ ଜମିଥିଲା ଏପରିକି ଅଧିକା ଯୁବପିଢ଼ି ଦୋଳି ପାଇଁ ଉତ୍ସାହିତ ଥିବା ନଜରକୁ ଆସିଛି। ସ୍ୱତନ୍ତ୍ର ଭାବେ ଡିମାଣ୍ଡର ଥିବା ଦୋଳି ଦୁଇଟି 'ସୁନାମୀ' ଓ 'ସିଙ୍ଗଲ ଟାୱାର' ପାଖରେ ପ୍ରବଳ ଗହଳି ଲାଗିଥିଲା। ଏହି ଦୁଇଟି ଖୁବ୍ ରୋମାଞ୍ଚକ ଦୋଳି ଏବଂ ଟିକଟ ପ୍ରତି ମୂଲ୍ୟ ରହିଛି ୧ଶହ ଟଙ୍କା ରହିଛି। ରେଞ୍ଜର ଦୋଳି ମାତ୍ର ଗୋଟିଏ ଆସିଛି। ଏବଂ ତାହାର ମଧ ମୂଲ୍ୟ ରହିବ ଟିକଟ ପ୍ରତି ୧ଶହ ଟଙ୍କା ରହିଛି। ବାକି ରାମଦୋଳି ୮ଟି, ବ୍ରେକ୍ ଡ୍ୟାନ୍ସ ୮ଟି ଓ ଡ୍ରାଗନ୍ ଦୋଳି ୮ଟି ଲେଖାଏଁ ଏଥର ପଡୁଥିଲାବେଳେ ଟୋରାଟୋରା ଓ ନୌକା ୪ଟି ଲେଖାଏଁ ଏବଂ ଚାନ୍ଦତାରା ୨ଟି ଦୋଳି ପାଖରେ ଆଜି ଲୋକମାନେ ଲମ୍ବା ଧାଡିରେ ଛିଡ଼ା ହୋଇଥିଲେ। ଗୋଟିଏ ମାତ୍ର ଅକ୍ଟୋପସ୍ ଦୋଳି ଏଥର ଆସିଛି। ରେଞ୍ଜର ଓ ବଡ଼ ଚକ୍ରି ଦୋଳିର ଟିକଟ ମୂଲ୍ୟ ମଧ ୧ଶହ ଟଙ୍କା ରହିଛି। ବାକି ସମସ୍ତ ଦୋଳିର ଟିକଟ ମୂଲ୍ୟ ୮୦ ଟଙ୍କା ରହିଥିବା ଜଣାପଡ଼ିଛି। ଗତ ୨ଦିନ ଅପେକ୍ଷା ଆଜି ଦୋଳି ପାଖରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

# କାଚ ଓ ସୂତାରେ ହୀରା'ର ଚମକ




କଟକ, ୭।୧୧(ସମିସ): ରାଜସ୍ଥାନର ଯୋଦ୍‌ପୁରରୁ ଆସିଥିବା ଦମ୍ପତି ଓରମାସ୍ ଭିତରେ ଖୋଲିଛନ୍ତି ଅଳଙ୍କାର ଷ୍ଟଲ୍। ତମାମ ଯାତ୍ରା ପଡ଼ିଆରେ ଅନେକ ଅଳଙ୍କାର ଷ୍ଟଲ୍ ରହିଥିବା ବେଳେ ଏହି ଦମ୍ପତିଙ୍କ ଷ୍ଟଲ୍‌ର ରହିଛି ସ୍ୱତନ୍ତ୍ର ଚାହିଦା। କାଚ ଓ ସୂତାରେ ସେମାନେ ବିଭିନ୍ନ ପ୍ରକାରର ଅଳଙ୍କାର ଗଢ଼ିଛନ୍ତି। କାନଫୁଲ, ନାକଫୁଲ, ଝୁଣ୍ଟିଆ, ହାରଠାରୁ ଆରମ୍ଭ କରି ମଙ୍ଗଳସୂତ୍ର, ବ୍ରେସ୍‌ଲେଟ୍ ଇତ୍ୟାଦି ମେଳା ପଡ଼ିଆକୁ ଆଣିଛନ୍ତି। ଗୁରୁତ୍ୱପୂର୍ଣ୍ଣ ସୂଚନା ହେଉଛି, ଅଳଙ୍କାର କେବଳ କାଚ ଓ ସୂତାରେ ପ୍ରସ୍ତୁତ କରାଯାଇଥିବା ବେଳେ, ତାହା ହୀରା ପରି ଚମକୁଛି। ଅତ୍ୟାଧୁନିକ ଜ୍ଞାନକୌଶଳ, ସମ୍ପ୍ରତି ଫ୍ୟାସନ୍ ଓ ଯୁଗପୋଯୋଗୀ କନ୍‌ସେପ୍ଟରେ ଏହି ଅଳଙ୍କାରଗୁଡ଼ିକୁ ନିର୍ମାଣ କରାଯାଇଛି। ହାର ଓ ମଙ୍ଗଳସୂତ୍ରର ମୂଲ୍ୟ ୧ହଜାର ଟଙ୍କାରୁ ଆରମ୍ଭ କରି ୫୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ମୁଦି, କାନଫୁଲ ଓ ନାକଫୁଲ ଗୁଡ଼ିକ ଦର ୧୫୦ଟଙ୍କାରୁ ଆରମ୍ଭ କରି ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏ ସମ୍ପର୍କରେ ଗହଣା ଦୋକାନୀର ମୁଖ୍ୟ ନିପନ୍ ଚୌଧୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଭାରତର ଯେକୌଣସି ରାଜ୍ୟରେ ବଡ଼ ବଡ଼ ମେଳା ପଡ଼େ ସେଠାକୁ ଯାଇ, ଗହଣା ପ୍ରଦର୍ଶନୀ କରୁ। ଦେଶର ଯୁବବର୍ଗଙ୍କ ମଧ୍ୟରେ କାଚ ଓ ସୂତାରେ ନିର୍ମିତ ଗହଣାର କ୍ରେଜ୍ ରହିଥାଏ। କଟକ ବାଲିଯାତ୍ରାରେ ମଧ ଏହି ଗହଣା ନେବାକୁ ଯୁବବର୍ଗଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି।

କ୍ୟାପିଟାଲ୍ ହସ୍ପିଟାଲ୍

# ଗୋଟିଏ ଲାପ୍ରୋସ୍କପିକ୍ ମେସିନ୍‌ରେ ଚାଲିଛି ସର୍ଜରୀ

ଭୁବନେଶ୍ୱର, ୭।୧୧(ସମିସ): ରାଜଧାନୀର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ଶହଶହ ରୋଗୀ ଆସୁଛନ୍ତି। ଆଖପାଖ ଅଞ୍ଚଳଠୁ ଆରମ୍ଭକରି ଉପକଣ୍ଠବର୍ତ୍ତୀ ଅଞ୍ଚଳର ଲୋକଙ୍କ ପାଇଁ ଭରସା କ୍ୟାପିଟାଲ ହସ୍ପିଟାଲ। ହେଲେ ଏଠାରେ ସାମାନ୍ୟ ସର୍ଜରୀ ପାଇଁ ମଧ ରୋଗୀଙ୍କୁ ୧୫ରୁ ୨୦ ଦିନ ଯାଏଁ ଅପେକ୍ଷା କରିବାକୁ ପଡୁଛି। ଅସ୍ତ୍ରୋପଚାର ପାଇଁ ରୋଗୀ ନାକେଦମ୍ ହେଉଛନ୍ତି। କାରଣ ସର୍ଜରୀ ବିଭାଗରେ ଗୋଟିଏ ମାତ୍ର ଲାପ୍ରୋସ୍କପିକ୍ ସର୍ଜରୀ ମେସିନ୍ ରହିଛି। ରୋଗୀ ସଂଖ୍ୟା ଦିନକୁ ଦିନ ବଢ଼ୁଥିଲେ ମଧ ବର୍ଷ ବର୍ଷ ଧରି ଗୋଟିଏ ମେସିନ୍‌ହିଁ ସର୍ଜରୀ କରାଯାଉଛି।

**■ ସର୍ଜରୀ ପାଇଁ ଦୁଇ ସପ୍ତାହ ଯାଏଁ ରୋଗୀ କରୁଛନ୍ତି ଅପେକ୍ଷା**
**■ ସରକାରୀ ଅବ୍ୟବସ୍ଥାରୁ ଫାଇଦା ନେଉଛନ୍ତି ଘରୋଇ ହସ୍ପିଟାଲ୍**




କ୍ୟାପିଟାଲ ହସ୍ପିଟାଲକୁ ସର୍ଜରୀ ପାଇଁ ଦୈନିକ ୫୦ରୁ ୮୦ ରୋଗୀ ଆସୁଛନ୍ତି। ହେଲେ ନା ବିଭାଗରେ ଆବଶ୍ୟକ ମୁତାବକ ଡାକ୍ତର ଅଛନ୍ତି ନା ଆବଶ୍ୟକ ସଂଖ୍ୟକ ଲାପ୍ରୋସ୍କପିକ୍ ମେସିନ ଅଛି। ଫଳରେ ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିପାରୁ ନାହିଁ। ଯେଉଁଥିପାଇଁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଘରୋଇ ହସ୍ପିଟାଲ୍‌ଗୁଡ଼ିକରେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ କୋଣାର୍କରୁ ସର୍ଜରୀ ପାଇଁ ଆସିଥିବା ସସ୍ମିତା ନାମ୍ନୀ ଜଣେ ମହିଳା କୁହନ୍ତି, ଗାଲ୍‌ବ୍ଲାଡର ଷ୍ଟୋନ୍ ସର୍ଜରୀ ପାଇଁ ୧୨/୧୩ ଦିନ ହେଲା ସେ ୱାର୍ଡରେ ରହିଲେଣି। ବିଭିନ୍ନ ପ୍ରକାର ଟେଷ୍ଟ କରିବା ପରେ ମଧ ଏଯାଏଁ ସର୍ଜରୀରେ ତାଙ୍କ ପାଳି ପଡ଼ିନାହିଁ। ପ୍ରାଇଭେଟ୍‌ରେ ତାଙ୍କୁ ଅଧିକ ପଇସା କହିବାରୁ ସେ ଏଠାକୁ ଆସିଥିଲେ। ହେଲେ ଏଠାରେ ଏତେ ଦିନ ଧରି ଅପେକ୍ଷା କରିବାକୁ ପଡୁଥିବାରୁ ବିରକ୍ତି ଭାବ ପ୍ରକାଶ କରିଥିଲେ। ସେହିପରି ତାଙ୍କ ନିକଟ ବେଡ୍‌ରେ ଥିବା ବାଲିପାଟଣାର ବାସନ୍ତୀ ମୁଦୁଲି କୁହନ୍ତି, ଦୀର୍ଘ ୧୫ ଦିନ ଅପେକ୍ଷା କରିବା ପରେ ଦୁଇ ଦିନ ତଳେ ତାଙ୍କ ପାଳି ପଡ଼ିଛି। ଏଠାରେ ଅଧିକାଂଶ ସର୍ଜରୀ ରୋଗୀଙ୍କ କେବଳ ଅପେକ୍ଷାରେ ଦିନ ବିତୁଥିବା ତାଙ୍କଠୁ ଜାଣିବାକୁ ମିଳିଥିଲା।

ସର୍ଜରୀରେ ପ୍ରାୟ ୮୦ଟି ବେଡ୍ ରହିଛି। ହେଲେ ଗୋଟିଏ ମାତ୍ର ମେସିନ୍ ଏବଂ ଡାକ୍ତରଙ୍କ ସଂଖ୍ୟା କମ୍ ଯୋଗୁଁ ଲୋକଙ୍କ ଚିକିତ୍ସା ବିଳମ୍ବ ହେଉଛି। ଲୋକଙ୍କୁ ଏଠାରେ ଆଡ୍‌ମିସନ୍ ଦିଆଯାଉଛି, ହେଲେ ଲାପ୍ରୋସ୍କପିକ୍ ସର୍ଜରୀ ପାଇଁ ଅପେକ୍ଷାରେ ସମୟ ବିତୁଛି। ସାମାନ୍ୟ ଗାଲ୍‌ବ୍ଲାଡର ଷ୍ଟୋନ୍ କିମ୍ବା କିଡ଼ନୀ ଷ୍ଟୋନ୍ ପାଇଁ ଆଡ୍‌ମିସନ ପରେ ସର୍ବମୋଟ୍ ଗୋଟିଏ ଦିନ ୱାର୍ଡରେ ରହିବା କଥା। ହେଲେ ଏହା ବଦଳରେ ୧୫ରୁ ୨୦ ଦିନ ରହିବାକୁ ପଡୁଛି। କିଛି ରୋଗୀ ୨ରୁ ୩ ଦିନ ପାଳି ନ ପଡ଼ିବାରୁ ଘରୋଇ ହସ୍ପିଟାଲ ଚାଲିଯାଉଛନ୍ତି। ଏହାସହ ଏତେ ଦିନ ରୋଗୀ ବିନା କାରଣରେ ରହିବାରୁ ମାନସିକ ଭାବେ ଚାପଗ୍ରସ୍ତ ମଧ ହେଉଛନ୍ତି।

ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏବେ ଗୋଟିଏ ମେସିନ୍ ଅଛି। ଅନ୍ୟଏକ ମେସିନ୍ ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଆଉଏକ ଲାପ୍ରୋସ୍କପିକ୍ ସର୍ଜରୀ ମେସିନ୍ ଆସିବ ବୋଲି ସେ କହିଛନ୍ତି।

TPCODL
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/11

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000006886 | Rate Contract for Supply of Printing Stationary for 2 Years |
| 2 | TPCODL/CCG/2025-26/1000006925 | PO for supply of MS Windows Licenses |
| 3 | TPCODL/CCG/2025-26/1000006981 | RC for SITC of DC Routers under TPSODL & TPNODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

# ସମ୍ପାଦକୀୟ



ଜୀବନ ଅତି ସରଳ, ଆମେ ହିଁ ତା'କୁ ଜଟିଳ କରୁଛେ।
-କନ୍‌ଫୁସିୟସ୍

ସକାଳ
THE SAKALA

## ଆରମ୍ଭରୁ ବିଲକ୍ଷଣ

ଉତ୍କଳୀୟ ନୌବାଣିଜ୍ୟର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକାତ୍ମକ ନିଦର୍ଶନ କଟକ ବାଲିଯାତ୍ରା ପ୍ରତିବର୍ଷ ନୂଆ ରୂପ ଓ ରଙ୍ଗରେ ସଂପ୍ରସାରିତ ହୋଇ ଚାଲିଛି। ତେଣୁ କିଛି ନା କିଛି ସମସ୍ୟା ଉପୁଜିବ ଏବଂ ପରବର୍ତ୍ତୀ ବର୍ଷ ତାହାକୁ ସଂଶୋଧନ କରାଯିବ। କିନ୍ତୁ ଏହା ଅର୍ଥ ନୁହେଁ ଯେ ବ୍ୟବସ୍ଥାରେ ସଂକୋଚନ କରି ତାହାର ଗରିମାକୁ କ୍ଷୁଣ୍ଣ କରାଯିବ। ସହରବାସୀ, ଲୋକ ପ୍ରତିନିଧିଙ୍କ ଅନୁରୋଧ ଓ ଅଦାଲତୀୟ ହସ୍ତକ୍ଷେପ ସତ୍ତ୍ୱେ ଏଥର ଉପର ପଡ଼ିଆରେ ଆୟୋଜନକୁ ସଂକୋଚନ କରାଯାଇଛି। ରାଜନୀତିର ରଙ୍ଗ ପରିବର୍ତ୍ତନରେ ମୁଖ୍ୟତୋରଣ ତା'ର ପାରମ୍ପରିକ ଆକର୍ଷଣ ଓ ଚମକ୍ ହରାଇଥିବା ଅଭିଯୋଗ ସହିତ ଜନତାଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି।

ଅଲିଖିତ ପରମ୍ପରା ଓ ବ୍ୟବସ୍ଥା ଅନୁଯାୟୀ ବାଲିଯାତ୍ରା ଆୟୋଜନରେ ସିଏମ୍‌ସି, ସିଡିଏ ଓ ଜିଲ୍ଲା ପ୍ରଶାସନର ମିଳିତ ଭୂମିକା ରହିଆସିଛି। କିନ୍ତୁ ଏଥର ଉଦ୍‌ଘାଟନ ଉତ୍ସବରେ କଟକ ମହାନଗର ନିଗମର ଭୂମିକାକୁ ଉଦ୍ଦେଶ୍ୟମୂଳକ ଭାବେ ଗୌଣ କରାଯାଇଛି। ମେୟର ଅନୁପସ୍ଥିତ ରହିଥିବା ବେଳେ ସିଏମସି ଓ ସିଡିଏ ଉଭୟଙ୍କୁ ପ୍ରତିନିଧିତ୍ୱ କରୁଥିବା କମିସନର ନିରବରେ ମଞ୍ଚ ତଳେ ବସି ରହିଥିବା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ହିଁ ରାଜ୍ୟ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶରେ ସବୁକିଛି କରୁଛି। ବାଲିଯାତ୍ରାର ଉଦ୍‌ଘାଟନ ଉତ୍ସବରେ ମେୟରଙ୍କ ଅନୁପସ୍ଥିତିରୁ ବାରି ହୋଇପଡ଼ିଛି କେଉଁଠି ନା କେଉଁଠି ଅସଂଲଗ୍ନ କାର୍ଯ୍ୟଧାରା ନେଇ ଅସନ୍ତୋଷ ମୁଣ୍ଡ ଟେକୁଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କ୍ଷମତା ପରିବର୍ତ୍ତନ ସ୍ୱାଭାବିକ। କିନ୍ତୁ ଏହାର ଅର୍ଥ ନୁହେଁ କଟକର ନଗରପାଳ ବା ମେୟର ବିରୋଧୀଦଳର ହୋଇଥିବାରୁ ଦାୟିତ୍ୱ ନିର୍ବାହରେ କଟକଣା ପ୍ରୟୋଗ କରାଯିବ। ଦୁଇ ଦଳ ମଧ୍ୟରେ ଥିବା ରାଜନୈତିକ ବିରୋଧାଭାସର ପ୍ରତିଫଳନ ବାଲିଯାତ୍ରା ଆୟୋଜନକୁ ପ୍ରଭାବିତ କରିବା ଉଚିତ୍ ହୋଇନାହିଁ। ପ୍ରତିବାଦର ସ୍ୱର କ୍ଷୀଣ ହେଲେ ମଧ୍ୟ ଏହାର ଗୁଞ୍ଜରଣ ସୁଦୂରପ୍ରସାରୀ ହେବା ଅସମ୍ଭବ ନୁହେଁ।

ଚଳିତ ବାଲିଯାତ୍ରା ଉତ୍ସବ ଆୟୋଜନରେ ଲୋକପ୍ରତିନିଧିଙ୍କ ପ୍ରାଧାନ୍ୟ ପରିବର୍ତ୍ତେ ବାବୁରାଜ୍‌ର ଇଙ୍ଗିତ ଓ ନିୟନ୍ତ୍ରଣରେ କାର୍ଯ୍ୟ ଚାଲିଛି। ଏକଥା ସତ ଯେ ବ୍ୟବସ୍ଥାଗତ ଶୃଙ୍ଖଳା ଦାୟିତ୍ୱରେ ସବୁକାଳେ ଅଧିକାରୀମାନେ ରହିଆସିଛନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଲୋକ ପ୍ରତିନିଧିଙ୍କୁ ସଂପୂର୍ଣ୍ଣ ରୂପେ ଏଡ଼ାଇଯାଇ ପ୍ରଶାସନ ସବୁ ନିଷ୍ପତ୍ତି ଗ୍ରହଣ କରିବ। ମେୟର ଏହି ସହରର ପ୍ରଥମ ନାଗରିକ। ବାଲିଯାତ୍ରା ଭଳି ପାରମ୍ପରିକ ଉତ୍ସବରୁ ସେ କାହିଁକି ଓ କେଉଁ ପରିସ୍ଥିତିରେ ନିଜକୁ ନିବୃତ୍ତ କରାଇଲେ? ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅସମ୍ମାନିତ କରିବାର ଅପଚେଷ୍ଟା ହୋଇନାହିଁ ତ? ନିଜକୁ ନିନ୍ଦା ଓ ଅପବାଦରୁ ଦୂରେଇ ରଖିବା ପାଇଁ ସେ ଶ୍ରେୟ ମଣି ନାହାନ୍ତି ତ? ଏଭଳି ଅନେକ ପ୍ରଶ୍ନ ଉଠିଛି। ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ସେ ବ୍ୟସ୍ତ ଅଛନ୍ତି କହି ମେୟର ଲଘୁ ମନ୍ତବ୍ୟ ଦେବାର ଯଥାର୍ଥତା କେତେ ତାହା ସହରବାସୀ ନିଶ୍ଚୟ ଅନୁଭବ କରୁଥିବେ।

ସଂକୀର୍ଣ୍ଣ ରାଜନୀତି ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ପ୍ରୟୋଗ ଓ ସେମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ଯେଉଁ ପ୍ରୟାସ ହୋଇଛି ତାହା ଆଗାମୀ ଦିନର ସହରବାସୀଙ୍କ ବୃହତ୍ତର ସ୍ୱାର୍ଥହାନି. ଘଟାଇବ। ଉଭୟ ନିନ୍ଦା ଓ ପ୍ରଶଂସା ପାଇଁ ଜିଲ୍ଲା ପ୍ରଶାସନ ହିଁ ହକ୍‌ଦାର। ମନେ ରଖିବାକୁ ହେବ ଯେ ପ୍ରଶଂସା ସାଉଁଟିବ କ୍ଷମତା ଏବଂ ନିନ୍ଦାର ନଡ଼ିଆ ଭାଙ୍ଗିବ ପ୍ରଶାସନ ମୁଣ୍ଡରେ।

## ଗୁମର ଖୋଲିବ କେବେ?

ଗତ ଜୁନ ମାସରୁ କେନ୍ଦ୍ର ସରକାର ଆସନ୍ତା ଖରିଫ ଓ ରବି ଋତୁରେ ଧାନ ସଂଗ୍ରହର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ନଭେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବା କଥା। ତାହାକୁ ଦୃଷ୍ଟିରେ ରଖି ସରକାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଅବଗତ କରିଛନ୍ତି। ଧାନର ବର୍ଦ୍ଧିତ ସଂଗ୍ରହ ମୂଲ୍ୟ କ୍ୱିଣ୍ଟାଲ ପିଛା ୨,୩୦୦ରୁ ୨,୩୬୯ ଟଙ୍କାକୁ ବୃଦ୍ଧି ପାଇଛି। ଇଏ ହେଉଛି ସାଧାରଣ କିସମ ଧାନର ଦର। ଗ୍ରେଡ୍ ଏ କିସମ ଧାନର କ୍ୱିଣ୍ଟାଲ ପିଛାମୂଲ୍ୟ ୨,୩୮୯ ଟଙ୍କାକୁ ବୃଦ୍ଧି ପାଇଛି। ଏବର୍ଷର ଖରିଫ ଋତୁରେ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବାତ୍ୟା ସହ କ୍ରମାଗତ ବର୍ଷା ଲାଗି ରହିଥିବାରୁ ଧାନ ଅମଳ ସ୍ୱାଭାବିକ ଭାବେ ବିଳମ୍ବିତ ହେବ। ଯେତେଦୂର ସମ୍ଭବ ଡିସେମ୍ବର ପୂର୍ବରୁ ମଣ୍ଡି ଖୋଲିବା ସମ୍ଭବ ହେବ ନାହିଁ।

ଏ କ୍ଷେତ୍ରରେ ଆମ ରାଜ୍ୟ ପରିସ୍ଥିତି ସଂପୂର୍ଣ୍ଣ ଅଲଗା। କେନ୍ଦ୍ର ନିର୍ଦ୍ଧାରିତ କ୍ୱିଣ୍ଟାଲ୍ ପିଛା ମୂଲ୍ୟ ଉପରେ ସରକାର ୮୦୦ ଟଙ୍କା ବୋନସ ବା ଇନପୁଟ ସହାୟତା ଦେଉଛନ୍ତି। ଗତ ଖରିଫ ଓ ରବି ଋତୁରେ ସରକାର ଦୁଇ କିସମର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଓ ୩୧୨୦ ଟଙ୍କାରେ ସଂଗ୍ରହ କରିଛନ୍ତି। କିନ୍ତୁ ଏବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଥିବାରୁ ସରକାର ଯଦି ୮୦୦ ଟଙ୍କା ବୋନସ ନିଷ୍ପତ୍ତିରେ ସ୍ଥିର ରହିବେ ତେବେ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୬୯ ଟଙ୍କା ଓ ଏ ଗ୍ରେଡ ଧାନ ମୂଲ୍ୟ ୩୧୮୯ ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ। କିନ୍ତୁ ସରକାର ଏନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଯେତେଦୂର ମନେ ହୁଏ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଠୋସ ନିଷ୍ପତ୍ତି ଗ୍ରହଣକୁ ସରକାର ଏଡ଼ାଇ ଯାଇଛନ୍ତି। ସରକାର ଯଦି ଧାନର ବର୍ଦ୍ଧିତ ମୂଲ୍ୟ ସହ ୮୦୦ ଟଙ୍କା ବୋନସ ଦେବାର ଅଛି ତାହାକୁ ବିଧିବଦ୍ଧ ଭାବେ ଘୋଷଣା କରି ନିର୍ବାଚନ ଫାଇଦା ହାସଲ କରିପାରିଥା'ନ୍ତେ। ଏଥିରେ ମଧ୍ୟ ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ହେବାର ଆଶଙ୍କା ଊଣା। କାରଣ ଏହା କେନ୍ଦ୍ର ସରକାରଙ୍କ ଜୁନ ମାସର ନିଷ୍ପତ୍ତି। ଯେତେଦୂର ମନେ ହୁଏ ସରକାର ଏ ସଂପର୍କରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ନ କରି ଗଣମାଧ୍ୟମ ସହାୟତାରେ ନିଜର ପ୍ରଚାର କରିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ହସ୍ତଗତ ହୋଇଥିବା ତଥ୍ୟ କୁହେ ଯେ ରାଜ୍ୟ ସରକାର ଧାନର ବର୍ଦ୍ଧିତ ମୂଲ୍ୟ ସେହି ୮୦୦ ଟଙ୍କା ବୋନସ୍‌ରୁ କାଟି ଚାଷୀଙ୍କୁ ଦେବେ। କହିବାକୁ ଗଲେ ଦୁଇ କିସମ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ଅପରିବର୍ତ୍ତିତ ରହିବ।

ରାଜ୍ୟ ସରକାରଙ୍କ ପାଇଁ ବାଳକା ଚାଉଳ ଏବେ ବୋଝ ହୋଇ ରହିଛି। ଭାରତୀୟ ଖାଦ୍ୟ ନିଗମ ଚାଉଳ ଉଠାଇବାକୁ ଅରାଜି ହେଉଥିବାରୁ ଏବଂ ପର୍ଯ୍ୟାପ୍ତ ଭଣ୍ଡାରଣ ସୁବିଧା ନଥିବାରୁ ବଳକା ଚାଉଳ ସରକାର ନେବେ କୁଆଡ଼େ? ଏବେ ରାଜ୍ୟରେ ୧୩ ଲକ୍ଷ ଟନ୍ ଚାଉଳ ବଳକା ରହି ଥିବା ବେଳେ ପୂର୍ବବର୍ଷ ଭଳି ଏଥର ମଧ୍ୟ ସରକାରଙ୍କ ପାଇଁ ୯୩ ଲକ୍ଷ ଟନ ଧାନ ସଂଗ୍ରହ କରିବାର ବାଧ୍ୟବାଧକତା ରହିଛି। ଏହା ଉପରେ ପୁଣି ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ଇନ୍‌ପୁଟ୍ ସହାୟତା ରାଜ୍ୟ ସରକାରଙ୍କ ପାଇଁ ବୋଝ ହୋଇଥିବ। ବୋଧହୁଏ ଏହି ଗୁମରକୁ ଲୁଚାଇବା ପାଇଁ କ୍ରୟମୂଲ୍ୟକୁ ଅସ୍ପଷ୍ଟ ରଖାଯାଇଛି। ଗୁମର କେବେ ଖୋଲିବ ତାହାକୁ ଅପେକ୍ଷା!

## ଅର୍ଥନୈତିକ ବିକାଶ ଓ ସୁସ୍ଥ ଜୀବନକାଳ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ବିଗତ ବିଂଶ ଶତାବ୍ଦୀରେ ଘଟିଯାଇଛି ଦୁଇଟି ବିଶ୍ୱଯୁଦ୍ଧ। ବ୍ୟାପିଛି ଅନେକ ମହାମାରୀ। ଏହାସତ୍ତ୍ୱେ ମଣିଷର ପ୍ରତ୍ୟାଶିତ ଜୀବନକାଳ ବୃଦ୍ଧି ପାଇଛି ପୃଥିବୀର ସର୍ବତ୍ର। ଏହା ସମ୍ଭବ ହୋଇପାରିଛି ଜୀବନଯାପନ ପ୍ରଣାଳୀରେ ଉନ୍ନତି ଏବଂ ରୋଗ ନିବାରଣ, ରୋଗ ନିର୍ଣ୍ଣୟ ଓ ରୋଗ ଚିକିତ୍ସାରେ ଉନ୍ନତି ଯୋଗୁଁ। ଉପଲବ୍ଧ ହେଲା ବିଶୁଦ୍ଧ ଜଳ। ଉନ୍ନତ ହେଲା ପରିମଳ ବ୍ୟବସ୍ଥା। ଖାଦ୍ୟାଭାବ ଆଉ ଉତ୍କଟ ରୂପ ଧାରଣ କଲାନି। ବୃଦ୍ଧି ପାଇଲା ଶିକ୍ଷାର ପ୍ରସାର। ଜନସାଧାରଣଙ୍କ ଆୟ ବଢ଼ିଲା। ବୃତ୍ତିଗତ ଜୀବନ ହୋଇପାରିଲା ଅଧିକ ନିରାପଦ। ସମାଜରେ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ସଂଘଟିତ ହେଲା। ବିଶେଷ କରି ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହିଁ ସବୁ ସାମ୍ମୁଖ୍ୟରେ ପ୍ରଗତିକୁ ତ୍ୱରାନ୍ୱିତ କରିଦେଲା। ଏହା ମଧ୍ୟ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶରେ ତ୍ୱରକର ଭୂମିକା ନିର୍ବାହ କଲା।

ସେହି ଏକାସମୟରେ ଏସିଆ, ଆଫ୍ରିକା ଓ ଆମେରିକାର ଅଧିକାଂଶ ଅଧିବାସୀ ଔପନିବେଶିକ ଶାସନରୁ ମୁକ୍ତ ହୋଇ ଜୀବନରେ ପ୍ରଥମ ଥର ପାଇଁ ଚାଖିଲେ ସ୍ୱାଧୀନତାର ସ୍ୱାଦ। ସେମାନେ ସ୍ଥିର କଲେ ସେମାନଙ୍କ ପ୍ରଗତିର ଧାରା। ବହୁରୋଗ ନିବାରିତ ହୋଇଗଲା, ବହୁ ଜୀବନ ରକ୍ଷା ପାଇଗଲା। ଫଳରେ ବୃଦ୍ଧି ପାଇଚାଲିଲା ଆୟୁକାଳ। ମାତ୍ର ବହୁ ବ୍ୟାଧି ମଧ୍ୟ ଛାଡ଼ି ଦେଇଗଲା ତା'ର ପାଦଚିହ୍ନ। ତଥାକଥିତ ଆରୋଗ୍ୟ ବ୍ୟକ୍ତିଠାରେ ପରେ ପରିଲକ୍ଷିତ ହେଲା ଅସୁସ୍ଥତା ଜନିତ ଶାରୀରିକ ଅସାମର୍ଥ୍ୟ। ସେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ରହିପାରିଲାନି। ଅବନତି ଘଟିଲା ତା'ର ଜୀବନ ନିର୍ବାହର ମାନରେ। ଫଳରେ ସେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇ ବଞ୍ଚିବା ପାଇଁ ବାଧ୍ୟ ହେଲା। ଏହି ଦୀର୍ଘକାଳୀନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ କରିଦେଲା ପରିବାରର ଆର୍ଥିକ ସ୍ଥିତିକୁ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଂଘଟିତ ହେଲା ଅସାଧାରଣ ପ୍ରଗତି। ହ୍ରାସ ପ୍ରାଇଲା ସଂକ୍ରାମକ ରୋଗଗୁଡ଼ିକର ହାର। କିନ୍ତୁ ଖାଦ୍ୟାଭାବ ଜନିତ ରୋଗ ଏବଂ ମାତୃ ଓ ଶିଶୁସ୍ୱାସ୍ଥ୍ୟରେ ସମାନୁପାତିକ ଉନ୍ନତି ପରିଲକ୍ଷିତ ହୋଇ ନପାରିବା କାରଣରୁ ଅସୁସ୍ଥତା, ଶାରୀରିକ ଅସାମର୍ଥ୍ୟ ଏବଂ ମୃତ୍ୟୁହାର ଆଶାନୁରୂପ ଭାବରେ ହ୍ରାସ ପାଇଲାନି। ବରଂ ରାଜୁତି ଚଳେଇବା ଆରମ୍ଭ କରିଦେଲା ହୃଦ୍‌ଘାତ, ମସ୍ତିଷ୍କାଘାତ, ମଧୁମେହ, ଦୀର୍ଘକାଳୀନ ଶ୍ୱାସତନ୍ତ୍ରୀ ରୋଗ, କର୍କଟ, ଯକୃତ ଓ ବୃକ୍କ ରୋଗ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଚକ୍ଷୁ-ନାସା-କର୍ଣ୍ଣ ଆଦିର ରୋଗମାନ। ବିଂଶ ଶତାବ୍ଦୀର ଶେଷ ଆଡ଼କୁ ଉଭା ହେଲା ପୃଥୁଳତା ବା ଓବେସିଟି। ପୃଥିବୀର ବହୁ ରାଷ୍ଟ୍ରରେ ଏହି ପୃଥୁଳତା ବଡ଼ ଆତଙ୍କଜନକ ଭାବରେ ବୃଦ୍ଧି ପାଇବା ଆରମ୍ଭ ହୋଇଗଲା।

ଏହିସବୁ ରୋଗର ଅଧିକାଂଶକୁ କୁହାଗଲା ଜୀବନଶୈଳୀ ରୋଗ ବା ଲାଇଫ୍ ଷ୍ଟାଇଲ ଡିଜିଜେସ୍। ମୁଖ୍ୟତଃ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି ବ୍ୟବସାୟୀ ଗୋଷ୍ଠୀ ଏହାକୁ ଜନସାଧାରଣଙ୍କ ଉପରେ ଲଦି ଦେଲେ ଏବଂ ଜନସାଧାରଣ ଏହାକୁ ବିନାଦ୍ୱିଧାରେ ଗ୍ରହଣ କରିନେଲେ। ତମାଖୁଜାତୀୟ ପ୍ରଦାର୍ଥ, ଅତିପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟ, ଅଧିକ ଶର୍କରା ପଡ଼ିଥିବା ଖାଦ୍ୟ ଓ ପାନୀୟ, ମଦ୍ୟ, ମାଦକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ବିପର୍ଯ୍ୟସ୍ତ କରିଦେଲା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ। ଆକର୍ଷଣୀୟ ବିଜ୍ଞାପନଗୁଡ଼ିକ ଦ୍ୱାରା ପ୍ରଲୁବ୍ଧ ହୋଇ ଜନସାଧାରଣ ଏଗୁଡ଼ିକରେ ଜାଲରେ ପଡ଼ିଗଲେ ଏବଂ ବିପତ୍ତିକୁ ଆମନ୍ତ୍ରଣ କରିବସିଲେ ନିଜ ଉପରକୁ। ତା'ସାଙ୍ଗକୁ ବୃଦ୍ଧିପାଇଲା ଯାନବାହନର ସଂଖ୍ୟା। ଘରେ ଘରେ ଶୋଭାପାଇଲା ଟେଲିଭିଜନ। ଇଣ୍ଟରନେଟ୍ ହୋଇପଡ଼ିଲା ହାତବାରିସୀ। ଫଳରେ ଜନସାଧାରଣ ଶାରୀରିକ ଶ୍ରମରୁ ଏକ ରକମର ମୁକ୍ତ ପାଇ ଉପଭୋଗ କରିଚାଲିଲେ ଶ୍ରମବିହୀନ ଜୀବନ। ଡିଜିଟାଲ ଦୁନିଆ ସହ ଜନସାଧାରଣଙ୍କ ସଂପୃକ୍ତି ବୃଦ୍ଧି ପାଇଚାଲିବାରୁ ସେମାନେ ଆବେଗିକ ସଂପର୍କ ସ୍ଥାପନରୁ ବିଚ୍ଛିନ୍ନ ହୋଇପଡ଼ିଲେ। ଏପରି ପ୍ରବଣତା ବେଶୀ ବୃଦ୍ଧି ପାଇଛି ମୁଖ୍ୟତଃ ଯୁବଗୋଷ୍ଠୀ ଭିତରେ। ଅଧିକାଂଶ ରାଷ୍ଟ୍ରରେ ସଡ଼କ ଦୁର୍ଘଟଣା ଏକ ପ୍ରଧାନ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଆଶାତୀତ ଭାବରେ ବୃଦ୍ଧି ପାଇ ଚାଲିଛି ହତ୍ୟା ଓ ଆତ୍ମହତ୍ୟା ହାର। ସବୁଠାରେ ଲୋକେ ଏବେ ବାୟୁ ପ୍ରଦୂଷଣରେ ଅତିଷ୍ଠ। ନୂଆ ନୂଆ ବ୍ୟାଧିମାନଙ୍କୁ ଜନ୍ମ ଦେଇଚାଲିଛି ଜଳବାୟୁ ପରିବର୍ତ୍ତନ ଏବଂ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଆହ୍ୱାନ ରୂପେ ଉଭା ହୋଇପଡ଼ିଲାଣି।

ଏକବିଂଶ ଶତାବ୍ଦୀରେ ସଭ୍ୟତାର ଏହି ବିକୃତ ପ୍ରଗତି ଫଳରେ ପ୍ରତ୍ୟାଶିତ ଆୟୁକାଳ ବା ଜୀବନକାଳ ବୃଦ୍ଧି ପାଇଛି ସିନା, କିନ୍ତୁ ପଛେଇ ଯାଇଛି ସୁସ୍ଥ ପ୍ରତ୍ୟାଶିତ ଆୟୁକାଳ ବା ସୁଦୀର୍ଘ ସୁସ୍ଥ ଆୟୁକାଳ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଆନୁକୂଲ୍ୟରେ ୧୯୫ଟି ରାଷ୍ଟ୍ରରେ କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ ଯେ ୨୦୦୦ ରୁ ୨୦୧୯ ମସିହା ଭିତରେ ପ୍ରତ୍ୟାଶିତ ଆୟୁକାଳ ଏବଂ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିଲା ୯.୬ ବର୍ଷର ବ୍ୟବଧାନ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ବ୍ୟବଧାନ ଥିଲା ୨.୪ ବର୍ଷ ଅଧିକ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ସର୍ବାଧିକ ବ୍ୟବଧାନ ପରିଲକ୍ଷିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକାରେ (୧୨.୪ ବର୍ଷ) ଏବଂ ୟୁକେରେ (୧୧.୩ ବର୍ଷ)। ଅର୍ଥନୈତିକ ପ୍ରଗତି କାରଣରୁ ଏହି ରାଷ୍ଟ୍ର ଦୁଇଟିରେ ପ୍ରତ୍ୟାଶିତ ଆୟୁକାଳ ବୃଦ୍ଧି ପାଇଥିବା ବେଳେ ସେହି ବର୍ଦ୍ଧିତ ଆୟୁକାଳରେ କିନ୍ତୁ ସେମାନେ ସୁସ୍ଥ ଜୀବନ ଉପଭୋଗ କରିପାରି ନଥିଲେ। ଅନ୍ୟପକ୍ଷରେ ଅବିକଶିତ ଦେଶଗୁଡ଼ିକରେ ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ବ୍ୟବଧାନ ଥିଲା ଊଣା। ତେଣୁ ସେହିସବୁ ରାଷ୍ଟ୍ରରେ ଉଭୟ ପରିମାପକରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି।

୨୦୦୦-୨୦୧୯ ମସିହାରେ ଭାରତରେ ପ୍ରତ୍ୟାଶିତ ଆୟୁକାଳ ବର୍ଷକୁ ୦.୪୩ ହାରରେ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ବୃଦ୍ଧି ପାଇଥିଲା ବର୍ଷକୁ ୦.୩୭ ହାରରେ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳର ବ୍ୟବଧାନ ବୃଦ୍ଧି କରିବାରେ ଏହା ହିଁ ଥିଲା କାରଣ। ଭାରତରେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ୨୦୨୨ ମସିହାରେ ମୋଟାମୋଟି ଭାବେ ପ୍ରତ୍ୟାଶିତ ଆୟୁକାଳଠାରୁ ଥିଲା ଗୋଟିଏ ଦଶକ ପଛରେ। ଏହି ବ୍ୟବଧାନ ମୋଟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ୧୦.୪୯ ବର୍ଷ ଥିବା ବେଳେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଥିଲା ୯.୨୨ ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ୧୧.୭୭ ବର୍ଷ। ୨୦୪୭ ମସିହା ସୁଦ୍ଧା ଭାରତରେ ବିକାଶର ସ୍ତରକୁ ଆହୁରି ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ସୁତରାଂ ଆମ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଓ ସୁରକ୍ଷା ପାଇଁ ଆହୁରି ଅଗ୍ରାଧିକାର ଦେବାକୁ ପଡ଼ିବ। ଏହା ସାକାର ହୋଇ ନ ପାରିଲେ ଭାରତର ଅଧିକତର ବିକାଶ ଫଳବତୀ ହୋଇପାରିବନି କି ଅର୍ଥନୈତିକ ଅତି ଶକ୍ତିଶାଳୀ ରାଷ୍ଟ୍ର ହେବାର ଆକାଂକ୍ଷା ପୂରଣ ହୋଇପାରିବନି। ଭାରତର ବିପୁଳ ଯୁବଶକ୍ତିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିଲେ ହିଁ ଏହି ଲକ୍ଷ୍ୟ ହାସଲ ସମ୍ଭବ।

ଭାରତୀୟମାନଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରିବାରେ ଅସ୍ୱାସ୍ଥ୍ୟକର ଖାଦ୍ୟ ହିଁ ପ୍ରଧାନତଃ ଦାୟୀ। ତେଣୁ ଯୋଜନା ପ୍ରଣୟନ ସମୟରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବା ବାଞ୍ଛନୀୟ। ସଂପ୍ରତି ଭାରତର ଲୋକସଂଖ୍ୟା ପୃଥିବୀରେ ସର୍ବାଧିକ। ଏମାନଙ୍କ ଏକ ବିରାଟ ଅଂଶ ସେମାନଙ୍କ ଜୀବନର ବହୁବର୍ଷ ନିମ୍ନ ଧରଣର ସ୍ୱାସ୍ଥ୍ୟ ଓ ନିମ୍ନମାତ୍ରାର କର୍ମଦକ୍ଷତା ମଧ୍ୟରେ ଅତିବାହିତ କରିବା ଦେଶର ପ୍ରଗତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟାଧି ଓ ଶାରୀରିକ ଅସାମର୍ଥ୍ୟର ବୋଝରୁ ମୁକ୍ତ ରହିବା ନିମିତ୍ତ ନିରନ୍ତର ଭାବେ ସ୍ୱାସ୍ଥ୍ୟର ସୁରକ୍ଷା ଆୟୁକାଳ ଏବଂ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନର ଅନେକାଂଶ ଜାତ ହୋଇଥାଏ ଜୀବନକାଳର ଶେଷ ଦୁଇ ଦଶକରେ। କିନ୍ତୁ ସ୍ୱାସ୍ଥ୍ୟର ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଏ କମ ବୟସରୁ। ବୟସ୍କମାନଙ୍କଠାରେ ହୃଦଧମନୀ ରୋଗ ଓ ମଧୁମେହରେ ସଂଘଟିତ ହେଉଥିବା ବିକୃତ ଶାରୀରିକ ପ୍ରକ୍ରିୟା ଆଦ୍ୟ ଜୀବନର ଖାଦ୍ୟାଭ୍ୟାସ ଉପରେ ବହୁଳାଂଶରେ ନିର୍ଭରଶୀଳ।

ତେଣୁ ପରିଣତ ବୟସରେ ବ୍ୟାଧିଭାରକୁ ହ୍ରାସ କରିବା ନିମିତ୍ତ ପ୍ରୟାସ ଆରମ୍ଭ କରିବା ପାଇଁ ପଡ଼ିବ ବୟସର ବହୁପୂର୍ବରୁ ଏବଂ ଏହି ପ୍ରୟାସକୁ ଅବ୍ୟାହତ ରଖିବା ପାଇଁ ପଡ଼ିବ ଜୀବନସାରା। ଜନ ସାଧାରଣଙ୍କଠାରେ ଅନୁକୂଳତମ ସ୍ୱାସ୍ଥ୍ୟକୁ ନିଶ୍ଚିତ କରିବା ନିମିତ୍ତ ସେହି ଅନୁଯାୟୀ ପ୍ରସ୍ତୁତ କରିବାକୁ ପଡ଼ିବ ସ୍ୱାସ୍ଥ୍ୟନୀତି ତଥା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ବ୍ୟବସ୍ଥା। ଏହାକୁ ସୁଚାରୁଭାବେ ରୂପାୟିତ କରିପାରିଲେ ହିଁ ଆମେ ଆୟୁକାଳ ଓ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସଂକୁଚିତ କରିବାରେ ସଫଳ ହୋଇପାରିବା।

କଟକ ମୋ: ୯୪୩୭୭୬୬୧୧୭

## ଗଣିତ-ତର୍କର ସଙ୍ଗୀତ

**ପୁଣ୍ୟବିନୟ ଦାସ**

କିଏ କହେ ଜୀବନ ଏକ ଧୂପକାଠି, ତା'କୁ ସୁଗନ୍ଧିତ କର। କିଏ କହେ ଜୀବନ ଏକ ନାଟକ, ସେଥିରେ ଅଭିନୟ କର। ଆଉ କିଏ କହେ ଜୀବନ ଏକ ଖେଳ, ତା'କୁ ଖେଳ। କିନ୍ତୁ ଜୀବନ ଏକ ଗଣିତ-ତର୍କର ସଙ୍ଗୀତ। ବିନା ଗଣିତରେ ଜୀବନ ନାହିଁ। ବିନା ତର୍କରେ ଜୀବନରେ ସିଦ୍ଧି ନାହିଁ। ଆଉ ସାଙ୍ଗିତିକତା ଜୀବନର ପୁଞ୍ଜି ବା ମୂଳଧନ। ଗାଣିତିକ ନିୟମରେ ସୂର୍ଯ୍ୟ, ଚନ୍ଦ୍ର ଉଦୟ-ଅସ୍ତ ହେବା ପରି ଜୀବନ ଗତିଶୀଳ ହୁଏ। ମଣିଷର ନିତ୍ୟନୈମିତିକ କାର୍ଯ୍ୟଧାରା ଗାଣିତିକ ସୂତ୍ର ଉପରେ ହିଁ ପର୍ଯ୍ୟବସିତ।

ସେହିପରି ତର୍କର ବି ଜୀବନରେ ବହୁଳ ଆବଶ୍ୟକତା ରହିଛି। ବିନା ତର୍କରେ ସିଦ୍ଧି ନାହିଁ। ତର୍କସିଦ୍ଧ ଜୀବନ ହିଁ ଏକ ଶୃଙ୍ଖଳିତ ଜୀବନ। ତର୍କର ପରିଭାଷା ଭିନ୍ନ ଭିନ୍ନ ହୋଇପାରେ। କିନ୍ତୁ ତର୍କ ଆଧାରିତ ଜୀବନ ହେଲେ ମଣିଷ ବୁଦ୍ଧିଦୀପ୍ତ, ଶୃଙ୍ଖଳିତ, ସିଦ୍ଧି ପ୍ରାପ୍ତ ହୋଇପାରେ। ତର୍କରୁ ଦର୍ଶନର ଜନ୍ମ। ଏହି ତର୍କ କରି ମଣିଷ ବିଭିନ୍ନ ଆବିଷ୍କାର ଓ ଉଦଭାବନ କରିପାରିଛି; ସାରା ଦୁନିଆ ସମ୍ପର୍କରେ ଅବଗତ ହୋଇପାରିଛି। ସମଗ୍ର ଜୀବନ ତର୍କସିଦ୍ଧ ଏକ ଗାଣିତିକ ସଙ୍ଗୀତ। ମନ, ବୁଦ୍ଧି, ବିବେକକୁ ନେଇ ଆମେ ପରିଚାଳିତ। ମଣିଷର ମନ ଗଣିତ କରେ। ଭୁଲ ଠିକ ହିସାବ କରେ। ବିଭିନ୍ନ ପ୍ରକାର ସୂତ୍ରକୁ ନେଇ ଗତିଶୀଳ ହୁଏ। ନାନାଦି ପ୍ରୟୋଗ ଜରିଆରେ ଜୀବନକୁ ଗାଣିତିକ ଉପାୟରେ ପରୀକ୍ଷା ନିରୀକ୍ଷା କରେ।

ଗଣିତ ଭିତରେ ତର୍କ ଲୁଚି ରହିଛି। ସେହି ଗାଣିତିକ ସୂତ୍ର ଅନୁସାରେ ଜୀବନରୂପୀ ଗଣିତ ନିଷ୍କର୍ଷରେ ପହଞ୍ଚେ। ଆଉ ଏହି ନିଷ୍କର୍ଷକୁ ନେଇ ମଣିଷ ସଙ୍ଗୀତକୁ ଖୋଜେ। ଖୋଜି ଖୋଜି ଶେଷରେ ସାଙ୍ଗିତିକତା ସିଦ୍ଧାନ୍ତରେ ଉପନୀତ ହୁଏ। ରଙ୍ଗ ରୂପ ରସରେ ଜୀବନକୁ ସଙ୍ଖୋଳେ। ସଙ୍ଗୀତର ମୂର୍ଚ୍ଛନାରେ ଜୀବନକୁ ଉପଭୋଗ କରେ। ନିଜକୁ ଆବିଷ୍କାର କରିବାକୁ ଉଦ୍ୟତ ହୁଏ। ଖୋଜି ଖୋଜି ସେହି ବ୍ରହ୍ମ ସ୍ୱରୂପ ଜୀବନୀ ସତ୍ତାକୁ ଆବିଷ୍କାର କରେ। ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କ ସାକ୍ଷାତରେ ତା'ର ଚକ୍ଷୁ ଉନ୍ମୀଳନ ହୁଏ। ଗଣିତ-ତର୍କର ସଙ୍ଗୀତରେ ଅଭିମନ୍ତ୍ରିତ ଜୀବନଧାରା ପରଂବ୍ରହ୍ମଙ୍କ ସାକ୍ଷାତରେ ସଞ୍ଜୀବନୀ ପାଏ। ଚିଦାନନ୍ଦ ରୂପୀ ସେହି ଶିବଙ୍କ ସାକ୍ଷାତ କରି ଆତ୍ମଦର୍ଶନ କରେ। ଶିବୋହମର ଭାବଧାରାରେ ନିଜର ସାଙ୍ଗିତିକ ଜ୍ୟାମିତିକୁ ସଜାଡ଼େ। ସେ ଭୋଜନ କିମ୍ବା ଭୋକ୍ତା ନୁହେଁ ବୋଲି ହୃଦବୋଧ କରେ। ପୁଣ୍ୟ କିମ୍ବା ପାପ ବି ସେ ନୁହେଁ। ମନ୍ତ୍ର ତୀର୍ଥ କିମ୍ବା ବେଦ କିମ୍ବା ଯଜ୍ଞ ବି ସେ ନୁହେଁ। ମୃତ୍ୟୁ କିମ୍ବା ଶଙ୍କା କିମ୍ବା ଜାତିଭେଦ କିମ୍ବା ପିତା କିମ୍ବା ମାତା କିମ୍ବା ମିତ୍ର କିମ୍ବା ଗୁରୁ କିମ୍ବା ଶିଷ୍ୟ ବି ସେ ନୁହେଁ। ବରଂ ଚିଦାନନ୍ଦ ରୂପୀ ସ୍ୱୟଂ ଶିବ ସ୍ୱରୂପ।

କଳୁଷ ପଙ୍କ ଭିତରେ ରହି ପଦ୍ମ ଯେପରି କୋଟି ଲାବଣ୍ୟନିଧିର ଅଧିକାରୀ ହୋଇଥାଏ, ସେହିପରି ମଣିଷ ପଙ୍କିଳ ସଂସାର ଭିତରେ ରହି ସେହି ଗଣିତ-ତର୍କର ଦୌଡ଼ରେ ନିଜକୁ ହଜାଇ ମଜାଇ ସଙ୍ଗୀତରେ ପାଖୁଡ଼ା ମେଲାଇବା ପରି ଜୀବନକୁ ସଂଚାରିତ କରେ। ଫଳରେ ସସାଗରାଧରା ସେହି ଅଦେଖା ସଂଚରଣ ଭିତରେ ଜୀବନକୁ ସାଉଁଟେ। ଜୀବନସାରା ଦୌଡ଼େ। ଅର୍ଥ ଓ କ୍ଷମତାର ଲୋଭରେ ମଣିଷ ମୋହାବିଷ୍ଟ ହୁଏ। ପଥ ଅପଥ ବିପଥରେ ପଡ଼େ। ମନ ବିମନ କୁମନରେ ପଡ଼ି ସୁମନାଶ୍ରିତ ହୁଏ। ହାନି ଲାଭର ଗୋଲକଧନ୍ଦାରେ ସଙ୍ଗୀତ ଭିତରେ ଆନନ୍ଦ ଖୋଜେ। ଆଉ ସେହି ସଙ୍ଗୀତ ଭିତରେ ଜୀବନ ଜିନ୍ଦାବାଦର ସ୍ୱର ଗୁଣୁଗୁଣାଏ।

ବିନା ସଙ୍ଗୀତରେ ଜୀବନ ନାହିଁ। ବିନା ଗଣିତରେ ତର୍କ ନାହିଁ। ତେଣୁ ଉଭୟ ଗଣିତ ଓ ତର୍କକୁ ନେଇ ସଙ୍ଗୀତର ତାଳେ ତାଳେ ଜୀବନକୁ ଗତିଶୀଳ କରାଇଲେ ସମଗ୍ର ଜୀବନ ଧାରା ନାଚି ଉଠେ। ତାଳ, ଲୟ, ମଣିଷ ସଙ୍ଗୀତ ଗାନ କରେ। କୋମଳ, ଗାନ୍ଧାର, ଭୈରବ ସ୍ୱରରେ ଜୀବନର ତନ୍ତ୍ରୀକୁ ଅଭିମନ୍ତ୍ରିତ କରେ। ଜୀବନର ସଂଜ୍ଞା ଓ ସ୍ୱରୂପ ବୁଝିଗଲେ ମଣିଷ ସଙ୍ଗୀତ ମାଧ୍ୟମରେ ଆତ୍ମଉପଲବ୍ଧି କରିଥାଏ। ସମଗ୍ର ଜୀବନ ଏକ ସଙ୍ଗୀତ ହେଲେ ଏହା ଗଣିତ ଓ ତର୍କ ସିଦ୍ଧ ହେବା ଆବଶ୍ୟକ। କାରଣ ବିନା ଗଣିତରେ ସଙ୍ଗୀତର ସ୍ୱର କିମ୍ବା ତାଳ କିମ୍ବା ଲୟ ସ୍ଥିର ହୋଇନଥାଏ।

ସଙ୍ଗୀତର ବିଭିନ୍ନ ପର୍ଯ୍ୟାୟ ଅନୁରୂପ ଜୀବନ ଗତିଶୀଳ ହେଉଥିବାରୁ ମଣିଷ ସଫଳ ଜୀବନ ଜୀଇଁବାକୁ ଏଥିରେ ହିଁ ସଞ୍ଜୀବନୀ ଖୋଜିବା ଆବଶ୍ୟକ। ତା'ରି ଭିତରେ କିଛି ମୂର୍ଚ୍ଛନା ଦରକାର। ଭକ୍ତି, ପ୍ରେମ, କର୍ମ ପରି ବିଭିନ୍ନ ପର୍ଯ୍ୟାୟରେ ଗତି କରି ମଣିଷ ଗଣିତ-ତର୍କର ସଙ୍ଗୀତ ଗାନ କଲେ ଜୀବନ ମଧୁମୟ ହୋଇପାରିବ। ସାରା ଜୀବନ ସାଙ୍ଗିତିକତାରେ ଭରିଯିବ।

ବେସୁରା ଜୀବନ ଜୀବନ ନୁହେଁ। ସ୍ୱରାବିଷ୍ଟ ହେଲେ ଏହା ଶ୍ରୁତିମଧୁର ହୁଏ। ପଲ୍ଲବିତ ହୁଏ। ସାକାର ହୁଏ। ସାର୍ଥକ ହୁଏ। ତେଣୁ ସେହି ଚିଦାନନ୍ଦରୂପୀ ଶିବ ସ୍ୱରୂପୀ ଆତ୍ମା ଦର୍ଶନ କରିବାକୁ ଯେଉଁ ଗଣିତ-ତର୍କ ଦରକାର ତାକୁ ଆୟତ୍ତ କରିବା ଆବଶ୍ୟକ। ଏଥିଲାଗି ସାଧନା ଦରକାର। ପ୍ରକୃତିର ନିୟମ ଯେପରି ଗଣିତ-ତର୍କ ସିଦ୍ଧାନ୍ତରେ ପର୍ଯ୍ୟବସିତ ସେହି ସାଙ୍ଗିତିକ ନିୟମାନୁସାରେ ମଣିଷ ଜୀବନ ଗତିଶୀଳ ହେଲେ ସଫଳ ହୁଏ। ଦୀର୍ଘସ୍ଥାୟୀ ଓ ଚିରଞ୍ଜୀବୀ ହୁଏ। ସୁଲଳିତ ହୁଏ। ସୁଶ୍ରାବ୍ୟ ହୁଏ। ମନୋରଞ୍ଜନ ସହ କର୍ମ ରଞ୍ଜନ ବି ହୋଇଥାଏ।

ଜନ୍ମରୁ ମୃତ୍ୟୁ ଗଣିତ-ତର୍କର ହିଁ ଏକ ସଙ୍ଗୀତ। କେତେବେଳେ ଗଣିତକୁ ନେଇ ହାନି-ଲାଭ ତ କେବେ ତର୍କକୁ ନେଇ ବାକ-ବିତର୍କ। କିନ୍ତୁ ଏହା ହିଁ ଜୀବନର ସାମ ସଙ୍ଗୀତ। ବିଭିନ୍ନ ଭାବରେ ଗତିଶୀଳ। କେତେବେଳେ ଉତଥିତ କେବେ ନିରବ କେବେ ତଳମୁଖୀ ତ କେବେ ସମାନ୍ତରାଳ। କେବେ ହାସ୍ୟ ତ କେବେ ବୀଭତ୍ସ ତ କେବେ କରୁଣ। ତାରି ଭିତରେ ଜୀବନର ସଙ୍ଗୀତ ଗାନ କରିବାକୁ ପଡ଼େ। ଗଣିତ-ତର୍କର ଜୀବନରେ ହିଁ ଆନନ୍ଦମୁଖୀ ହୁଏ ମଣିଷ।

କଟକ, ମୋ: ୯୯୩୮୬୧୧୦୫୩

## ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

ଦ୍ୱିତୀୟ-ବୁଦ୍ଧ କଥା



ତିବତୀୟ କିମ୍ବଦନ୍ତୀ ଦର୍ଶାଇଥାଏ ପ୍ରାଚୀନ ଉଡ୍ଡୀୟାନ ଅନ୍ତର୍ଗତ ସମ୍ଭଳ ରାଜ୍ୟର ଧନକୋଷ ନାମକ ହ୍ରଦରେ ଏକ ଫୁଟନ୍ତା ପଦ୍ମଫୁଲ ଉପରେ ଆଠ ବର୍ଷ ବୟସର ବାଳକ ଭାବେ ବସିଥିବା ଅବସ୍ଥାରେ ତାଙ୍କର ଆର୍ବିଭାବ ହୋଇଥିଲା। ପଦ୍ମ ଫୁଲ ଉପରେ ବସିଥିବା ବେଳେ ତାଙ୍କର ଆବିର୍ଭାବ ଯୋଗୁଁ ତାଙ୍କ ନାମ 'ପଦ୍ମସମ୍ଭବ' ହୋଇଛି। ସମ୍ଭଳର ରାଜା ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ପ୍ରଥମେ ତାଙ୍କର ସନ୍ଧାନ ପାଇ ରାଜାଙ୍କୁ ଖବର କଲେ। ସେତେବେଳେ ନିଜ ପୁଅର ବିୟୋଗରେ ରାଜା ଅତ୍ୟନ୍ତ ଦୁଃଖ ଓ ମନସ୍ତାପରେ ଥିଲେ। ମନ୍ତ୍ରୀ ଏହି ବାଳକଟି ପାଖରେ ବହୁ ଶୁଭଲକ୍ଷଣ ଦେଖିଥିବାରୁ ରାଜା ଓ ପ୍ରଜାମାନେ ବହୁସଂଖ୍ୟାରେ ହ୍ରଦ କୂଳରେ ଏକାଠି ହୋଇ ବାଳକଟିକୁ ହ୍ରଦ ମଧ୍ୟରୁ ଉଦ୍ଧାର କରି ମହାସମାରୋହରେ ରାଜପ୍ରସାଦକୁ ନେଲେ।

ଏହି ପ୍ରାଚୀନ ସମ୍ଭଳ ବା ସମ୍ବଳକ ରାଜ୍ୟ ହେଉଛି ବର୍ତ୍ତମାନର ଅବିଭକ୍ତ ତଥା ବୃହତ୍ତର ସମ୍ବଲପୁର ଅଞ୍ଚଳ। ସମ୍ବଲପୁର ଜିଲ୍ଲାଟି ଏବେ ସମ୍ବଲପୁର, ଝାରସୁଗୁଡା, ବରଗଡ଼ ଓ ଦେବଗଡ଼ - ଏପରି ଚାରିଗୋଟି ଜିଲ୍ଲାରେ ବିଭକ୍ତ ହୋଇଛି। ଏଥିମଧ୍ୟରୁ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲା ମହାନଦୀର ତଟବର୍ତ୍ତୀ ଅଞ୍ଚଳ। ସମ୍ବଲପୁର ସହର ମହାନଦୀ କୂଳରେ ହିଁ ଅବସ୍ଥିତ। ସମ୍ବଲପୁର ନିକଟରେ ମହାନଦୀରେ ହୀରାକୁଦ ନଦୀବନ୍ଧ ଯୋଗନା କରାଯାଇଛି ଏବଂ ଏହାର ଜଳଭଣ୍ଡାରକୁ ଲାଗି ତିନୋଟି ଯାକ ତଟବର୍ତ୍ତୀ ଜିଲ୍ଲାର ବହୁଅଞ୍ଚଳ ରହିଛି। ଆହୁରି ଅନେକ ଅଞ୍ଚଳ ଜଳଭଣ୍ଡାର ମଧ୍ୟରେ ବୁଡ଼ିଯାଇଛି।

ସ୍ଥାନୀୟ ପରମ୍ପରା ତଥା ଗବେଷଣା ମୁତାବକ ଖ୍ରୀ ୭୧୭ ରୁ ୭୨୨ ମଧ୍ୟରେ ଧନକୋଷ ହ୍ରଦରେ ପଦ୍ମସମ୍ଭବଙ୍କ ଆବିର୍ଭାବ ଘଟିଥିଲା। ଭୁବନେଶ୍ୱର ମହାବୋଧି ସୋସାଇଟି ସହ ସଂପର୍କିତ ଜଣେ ବୟୋଜ୍ୟେଷ୍ଠ ଗବେଷକ ଏହି ଆବିର୍ଭାବ ଖ୍ରୀ ୭୧୭ରେ ହୋଇଥିଲା ବୋଲି ଦର୍ଶାଇଛନ୍ତି। ଆବିର୍ଭାବ ବେଳକୁ ତାଙ୍କର ବୟସ ଆଠ ବର୍ଷ ହୋଇଥିଲା ଏବଂ ରାଜା ଇନ୍ଦ୍ରଭୂତି ତାଙ୍କଠାରୁ ତାଙ୍କ ପିତାମାତାଙ୍କ ନାମ ଆଦି ସଂଗ୍ରହ କରି ତାଙ୍କର ନିଜର ପ୍ରକୃତ ଜନ୍ମସ୍ଥାନକୁ ସେହି ମହାନଦୀ କୂଳରେ ସମ୍ଭଳ ରାଜପ୍ରସାଦ ରହିଥିବା ହୀରାକୁଦ ଅଞ୍ଚଳର ସ୍ଥାନଠାରୁ ମହାନଦୀର ଉପର ମୁଣ୍ଡରେ କିଛି ଦୂରରେ ଅବସ୍ଥିତ ପଦ୍ମପୁର ନଗରକୁ ଚିହ୍ନଟ କରିଥିଲେ। ଏହି ସ୍ଥାନଟି ଏବେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅଞ୍ଚଳରେ ଅବସ୍ଥିତ। ମାତ୍ର ଏହି ସ୍ଥାନ ସହ ସମ୍ବଲପୁର ପାଖକୁ ଧରି ଏକ ବୃହତ୍ ଅଞ୍ଚଳ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଛି। ଏହି ସ୍ଥାନର ସମସ୍ତ ଲୋକ ଉଠି ଯାଇ ନିକଟସ୍ଥ ଛତିଶଗଡ଼ ଅଞ୍ଚଳରେ ତଥା ପାଖାପାଖି ଅଞ୍ଚଳରେ ବାସ କରୁଛନ୍ତି।

ରାଜା ଇନ୍ଦ୍ରଭୂତିଙ୍କ ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧ ଦେବୀ ପଦ୍ମାସିନୀଙ୍କ ମନ୍ଦିର ପୁନରୁଦ୍ଧାର ହୋଇ ଏବେ ମଧ୍ୟ ସେହି ବୁଡ଼ିସ୍ଥାନରେ ରହିଯାଇଛି ଏବଂ ଗ୍ରୀଷ୍ମ ଋତୁରେ ଜଳସ୍ତର ତଳକୁ ଖସିଗଲେ ଏବେ ମଧ୍ୟ ସେହି ପ୍ରାଚୀନ ମନ୍ଦିର ଦୃଶ୍ୟମାନ ହେଉଛି। ମାତ୍ର ଦେବୀଙ୍କୁ ଲୋକମାନେ ଉଠାଇ ନେଇ ନୂଆ ବସବାସ କରୁଥିବା ସ୍ଥାନରେ ରଖି ପୂଜା କରୁଛନ୍ତି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନବୀନଙ୍କ ହେଲିକପ୍ଟର ବିଳମ୍ବ ପ୍ରସଙ୍ଗ

# ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡି



**ଭୁବନେଶ୍ୱର,୭ା୧୧(ସମିସ):** ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହେଲିକପ୍ଟରକୁ ବିମାନ ବନ୍ଦରରେ ଜାଣିଶୁଣି ତଥା ବିନା କାରଣରେ ବିଳମ୍ବ କରାଯିବା ଘଟଣାରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଶାସକ ବିଜେପିର ପ୍ରତ୍ୟକ୍ଷ ପ୍ରଭାବରେ ସରକାରୀ କଳକୁ ଅପବ୍ୟବହାର କରାଯାଇ ଜାଣିଶୁଣି ନବୀନଙ୍କ ହେଲିକପ୍ଟରକୁ ଅନୁମତି ଦିଆଯାଇ ନାହିଁ। ଯାହା ବିଜେଡି ଓ ଏହାର ନେତା ନବୀନ ପଟ୍ଟନାୟକଙ୍କଙ୍କ ମୁକ୍ତ ପ୍ରଚାର ଅଧିକାର ଉପରେ ରାଜନୈତିକ ଭେଦଭାବ ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛି। ତେଣୁ ଏନେଇ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡିର ପ୍ରତିନିଧି ଦଳ ଦାବି କରିଛି।

ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଅନୁଯାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୭ ତାରିଖରେ ନୂଆପଡ଼ାରେ ପୂର୍ବ ନିର୍ଦ୍ଧାରିତ ପ୍ରଚାର କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ

### ବିନା କାରଣରେ ଜାଣିଶୁଣି ବିଳମ୍ବ କରାଯାଇଛି

### ବିଳମ୍ବ ପଛରେ ଶାସକ ବିଜେପିର ହାତ ସନ୍ଦେହ

ବିମାନ ବନ୍ଦରରେ ଅଯଥା ଏବଂ ଜାଣିଶୁଣି ବିଳମ୍ବ କରିବା କାରଣରୁ ବାଧାପ୍ରାପ୍ତ ହୋଇଛି। ଏହି ଗସ୍ତ ପାଇଁ କାର୍ଯ୍ୟସୂଚୀ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟ ଦ୍ୱାରା ଗତ ୫ ତାରିଖରେ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ପୁଲିସ ଡିଜି, ଏସପି(ସିକ୍ୟୁରିଟି) ବିମାନବନ୍ଦର ନିର୍ଦ୍ଦେଶକ ଏବଂ ଡ୍ୟୁଟି ଅଫିସର, ଏୟାର ଟ୍ରାଫିକ କଣ୍ଟ୍ରୋଲ ସମେତ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆଗୁଆ ସୂଚିତ କରାଯାଇଥିଲା। ତେବେ ଶାସକ ବିଜେପିର ପ୍ରତ୍ୟକ୍ଷ ପ୍ରଭାବରେ ସରକାରୀ ବ୍ୟବସ୍ଥାର ଅପବ୍ୟବହାର ଦ୍ୱାରା ଏହି ସୁଚିନ୍ତିତ ବିଳମ୍ବ ଆଦର୍ଶ ଆଚରଣ ବିଧିର ଏକ ଗୁରୁତର ଉଲ୍ଲଂଘନ ଅଟେ। ବିଶେଷକରି ବିମାନ ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଭିତ୍ତିଭୂମି ଉପରେ ନିୟନ୍ତ୍ରଣ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ବିଜୁ ଜନତା ଦଳ ଓ ଏହାର ନେତା ନବୀନ ପଟ୍ଟନାୟକଙ୍କଙ୍କ ମୁକ୍ତ ପ୍ରଚାର ଅଧିକାର ଉପରେ ରାଜନୈତିକ ଭେଦଭାବ ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛି। ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ ଏହି ବ୍ୟାଘାତ କାରଣରୁ ବିଜୁ ଜନତା ଦଳ କ୍ଷତି ସହିବ। ପ୍ରଚାର ଅବଧି ଶୀଘ୍ର ସମାପ୍ତ ହେବାକୁ ଯାଉଥିବାରୁ ପ୍ରଚାର କାର୍ଯ୍ୟକ୍ରମ ପୁନଃଧାର୍ଯ୍ୟ କରିବା ଅସମ୍ଭବ ଅଟେ। ଏହା ଦଳର ନିର୍ବାଚନ ପ୍ରଚାରକୁ ସିଧାସଳଖ କ୍ଷତି ପହଞ୍ଚାଉଛି ବୋଲି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛି। ନୂଆପଡ଼ାରେ ସରକାରୀ କଳର ଅପବ୍ୟବହାର ନେଇ ବିଜେଡ଼ି ନେତା ଓ କର୍ମୀମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏନେଇ କୌଣସି ଫଳପ୍ରଦ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଶାସକ ଦଳର ନିର୍ଦ୍ଦେଶରେ ପ୍ରଶାସନିକ ସଂସ୍ଥାଗୁଡ଼ିକ ବିଜେଡ଼ିକୁ ଟାର୍ଗେଟ କରିଚାଲିଛନ୍ତି। ଯାହା ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଏବଂ ବିଶ୍ୱସନୀୟତା ଉପରେପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବିଜେଡି କ୍ଷୋଭ ପ୍ରକାଶ କରିଛି। ତେଣୁ ନିର୍ବାଚନ ଅଧିକାରୀ ତୁରନ୍ତ ହେଲିକପ୍ଟର ବିଳମ୍ବ ହେବାର କାରଣ ନେଇ ତୁରନ୍ତ ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ, ସୋଫିଆ ଆଲାମ, ମିହିର ରାୟ, ପ୍ରଦୀପ ପଣ୍ଡା ଓ ସିଦ୍ଧାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ହା ଫାଶରେ ପଡ଼ି ଦୁଇ ଭାଇ ମୃତ

**ଲକ୍ଷ୍ମୀପୁର, ୭ା୧୧(ସମିସ):** ବାର୍ହା ଶିକାର ପାଇଁ ଲାଗିଥିବା ବିଦ୍ୟୁତ୍ ଫାଶରେ ପଡ଼ି ଦୁଇଜଣଙ୍କର ମୃତ୍ୟୁ ଘଟିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ପିପଲପଦର ଗ୍ରାମପଞ୍ଚାର କାନାପାଇ ଗାଁ ଜଙ୍ଗଲରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଘନିଲା ମାଣ୍ଡିଙ୍ଗା (୨୬) ଓ ତାଙ୍କର ସମ୍ପର୍କୀୟ ଭାଇ କୁମ୍ବର ହିକକା। ଗୁରୁବାର ସନ୍ଧ୍ୟାରେ ଦୁଇଭାଇ ଗାଁ ନିକଟ ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଜଳି ଯାଇଥିଲେ। ଆଜି ଏହି ଖବର ପ୍ରଘଟ ହେବା ପରେ ଲକ୍ଷ୍ମୀପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି। ଶବଦ୍ୱୟକୁ ଜବତ କରି ଲକ୍ଷ୍ମୀପୁର ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି। ଶୁକ୍ରବାର ବିଳମ୍ବ ହେବା ଯୋଗୁଁ ଶନିବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। କିଏ ଏହି ଫାଶ ବସାଇଥିଲା, ସେନେଇ ପୁଲିସ ଛିନ୍‌ଭିନ୍ ଚଳାଇଛି।

### ବନ ବିଭାଗ ଅବହେଳାରୁ ଜୀବନ ଗଲା

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ଟାଙ୍ଗୀ, ୭ ୧୧ (ସମିସ)**ବନ ବିଭାଗର ଅବହେଳା ଯୋଗୁଁ ଆଜି ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ସଫା ପଞ୍ଚାୟତ ଅଭୟପୁର ଗ୍ରାମରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ଉକ୍ତ ଗ୍ରାମର ବଟକୃଷ୍ଣ ବେହେରା(୬୦)। ସୂଚନାନୁସାରେ, ବଟକୃଷ୍ଣ ଆଜି ଅପରାହ୍ଣ ପ୍ରାୟ ୫ଟାରେ ଗାଁ ନିକଟରେ ଥିବା ଏକ ଆଶ୍ରମକୁ ଯାଉଥିଲେ। ସେହି ସମୟରେ ଗୋଟିଏ ହାତୀ କୁଆଡୁ ଦୌଡ଼ି ଆସି ତାଙ୍କୁ ଠେଲିଦେଇ ପାଦରେ ଦଳି ଦେଇଥିଲା। ଏଥିରେ ତାଙ୍କର ଗୋଟିଏ ଗୋଡ଼ ଛିଣ୍ଡି ଯାଇଥିଲା। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆଜିର ଏହି ଅଘଟଣ ପାଇଁ ଗ୍ରାମବାସୀମାନେ ବନ ବିଭାଗକୁ ଦାୟୀ କରିଛନ୍ତି। ସେମାନଙ୍କ କହିବା କଥା, ଅପରାହ୍ଣ ୪ଟାରୁ ଗାଁରେ ଏକ ହାତୀ ଆତଙ୍କ ଖେଳାଉଥିବା ବେଳେ ସ୍ଥାନୀୟ ଫରେଷ୍ଟର୍ ଓ ରେଞ୍ଜରଙ୍କୁ ଅଭିଯୋଗ କରାଯାଇଥିଲା। ଏପରିକି ଗ୍ରାମବାସୀମାନେ ହାତୀର ଫଟୋ ସହ ଅଭିଯୋଗ କରିଥିଲେ। କିନ୍ତୁ ଘଟଣାସ୍ଥଳକୁ କେହି ଆସିନଥିଲେ। ଠିକ୍ ସମୟରେ ବନ ବିଭାଗ ଗାଁରେ ପହଞ୍ଚିଥିଲେ, ବଟକୃଷ୍ଣଙ୍କ ଜୀବନ ରକ୍ଷା କରାଯାଇପାରିଥା'ନ୍ତା ବୋଲି କହିଛନ୍ତି।


## AFFIDAVIT

By virtue of an affidavit sworn before the Notary Public, Cuttack Town on Dt. 01/07/2025. I, **Eram Ahamed Saikh,** W/o- Monazir Akhtar, resident of Village-Sayedpur, Ps- Binjharpur, Dist-Jajpur. My name has been wrongly mentioned as **Eram Mushtaque Ahmed Shaikh** in my Passport bearing No-Y3931701. I declare that my self **Eram Ahmed Shaikh** and **Eram Mushtaque Ahmed Shaikh** is one and same person for all purposes.

## AFFIDAVIT

By virtue of an affidavit before The Notary Public, Titilagarh, on dated-06/11/2025. I, **Santosh Kumar Majhi** (new name) formerly called as Santosh Majhi (old name), S/o Mahadeba Majhi, permanent resident of AT: Digisira, PO: Kushkela, PS: Sindhekela, Dist: Balangir (Odisha), PIN: 767066 now residing at the same place affirm that I have changed my name from **Santosh Majhi** (old name) to **Santosh Kumar Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Santosh Kumar Majhi** (new name).

**Santosh Kumar Majhi**

## AFFIDAVIT

I MOHD ABDUL HASIB ABDUL QAIYUM MOHD/MOHAMMED ABDUL HASIB S/O ABDUL QAIYUM AT: AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR-754135, ODISHA DECLARE BY THIS AFFIDAVIT NO- 40752, DATE- 6.11.2025, THAT NOW ONWARDS, I SHALL BE KNOWN AS **MOHAMMAD ABDUL HASIB** FOR ALL FUTURE PURPOSES.

## AFFIDAVIT

By virtue of an affidavit sworn before the Executive Magistrate, Jajpur, dtd.03.11.2025, I, Abhiram Khandai, S/o Giridhari Khandai, At–Kalaspur, Po–Hasinpur, PS–Jajpur Sadar, Dist–Jajpur, Odisha–755017, do hereby declare that I have changed my name from Abhiram Panda to Abhiram Khandai, Date of Birth: 01/07/1963, for all purposes. Henceforth, I shall be known as **Abhiram Khandai**.

**Sd/- Abhiram Khandai**

## AFFIDAVIT

By virtue of an affidavit sworn before Executive Magistrate, Bhograi, dated: 19/07/2025, I, Malati Jena, Resident of At-Mandarsahi, Po- Sukhasandha Patna, Via- Dehurda, Block-Bhograi, Dist- Balasore, Pin-756036, Odisha declare that I have changed my son name from Pabitra Jen to Ashutosh Jena. Henceforth, he shall be known as **Ashutosh Jena** for all purposes.

## AFFIDAVIT

By virtue of an affidavit sworn before the Executive Magistrate, Bhograi, dated 06/11/2025 I, Kalpana Mohapatra, W/o. Padmalochan Mohapatra, At. Ghantilodi, Po. Kumarjalina, Ps. Bhograi, Dist. Balasore, Pin-756036, Odisha declare that I have changed the name of my son from Dibyandhu Mohapatra to Dibyanshu Mohapatra. Henceforth, he will be known as **Dibyanshu Mohapatra** for all purposes.

## AFFIDAVIT

By virtue of an affidavit sworn before the Executive Magistrate, Bhograi, dated 04/11/2025 I, Dhananjay Das, S/o. Narayan Prasad Das, At. Deula, Po. Deulahat, Ps. Bhograi, Dist. Balasore, Pin- 756036, Odisha renounce, relinquish and abandon the use of my minor son's former name Manoranjan Das (old name) instead of Madhujit Das (New name). Henceforth, he will be known as **Madhujit Das** for all purposes.

## AFFIDAVIT

I, Priyadarsini Swain, aged about 41 years, W/o- Subhransu Behura, resident of At- Tinigharia, Nayabazar, Ps- Madhupatna, Cuttack, Dist- Cuttack, Pin-753004, Odisha declare by this affidavit No. 2274, dtd- 07/11/2025, that now onwards I shall be known as **PRIYADARSHINI SWAIN** for all future purposes.

## AFFIDAVIT

I, Rashmi Rekha Pradhan, aged about 46 years, W/o- Santosh Kumar Pradhan, Resident of Flat No.: 401, Specific Royal Palace, PO:Sailashreevihar, Bhubaneswar, Dist.: Khorda, Odisha, PIN-751021 declared by this Affidavit No.1369, Dated: 07.11.2025. that now onwards I shall be known as **RASHMI REKHA GARNAIK** or all future Purposes.

## AFFIDAVIT

By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahu resident of village/Ward Mahabir Pada PO/PS.: Bhawanipatna Dist.: Kalahandi declare that I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

## AFFIDAVIT

I, Monali Nayak, aged about 39 years, W/o- Partha Pratim Nayak resident of At- Plot No-167/5, Gajapati Nagar, Durga Mandap Lane, Press Chhak, Po- Sainik School, Bhubaneswar, Pin-751005, Odisha declare by this affidavit No.108, dtd-19/07/2025, that now onwards I shall be known as **MONALI MALLICK** for all future purposes.

## AFFIDAVIT

I RANJIT KUMAR JENA/ RANJIT JENA, S/O.: LATE BISWANATH JENA, PLOT NO.: 4249/9268, PANDAV NAGAR, TANKAPANI ROAD, P.S.: BADAGADA, BHUBANESWAR-751018, ODISHA DECLARE BY THIS AFFIDAVIT NO.: 40750 DATE- 6.11.2025, THAT NOW ONWARDS, I SHALL BE KNOWN AS **RANJEET KUMAR JENA** FOR ALL FUTURE PURPOSES.

## AFFIDAVIT

I TASNIM ARA ABDUL HASIB MOHD W/O MOHAMMAD ABDUL HASIB AT- AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR-754135, ODISHA DECLARE BY THIS AFFIDAVIT NO- 40749, DATE- 6.11.2025, THAT NOW ONWARDS, I SHALL BE KNOWN AS **TASNIM ARA** FOR ALL FUTURE PURPOSES.

## AFFIDAVIT

By virtue of an affidavit sworn before the Excutive Magistrate and Tahsildar Sohela, on the 30th of October, 2025, I, **Keshaba Sahu,** S/o Suryabali Sahu, resident of Village: Mangalpali, PO: Rengali, PS: Sohela, Dist: Bargarh, PIN-768033, Odisha, declare that I have changed the name of my minor son from **Mukshyajit Sahu** (old name) to **Meyar Sahu** (new name). Henceforth, he shall be known as **Meyar Sahu** for all purposes.

**Keshaba Sahu**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରଙ୍ଗ ମାରିଲେ...

ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବା ସହ ସ୍ନେହାଙ୍ଗିନୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଦୀର୍ଘ ତିନିଘଣ୍ଟା ଧରି ଚାଲିଥିବା ଏହି ରୋଡ ଶୋ'ରେ ହଜାର ହଜାର ଲୋକ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ। ରୋଡ ଶୋ' ପରେ ଅପରାହ୍ଣ ୩ଟାରେ ନୂଆପଡ଼ା ବ୍ଲକ୍ ପରକୋଡ଼ ପଞ୍ଚାୟତରେ ଆୟୋଜିତ ବିଶାଳ ଜନସଭାରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ବିଜେପି ସରକାରକୁ କଠୋର ଶବ୍ଦରେ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟଜଳ, ଜଳସେଚନ, ଆଦିବାସୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭୂତ ବିକାଶ ଆସିଥିଲା। ନୂଆପଡାରେ ହଜାର ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଆସିଥିଲା। ତାଙ୍କ ସରକାର ସମୟରେ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ଆଜି ନୂଆପଡାର ଆର୍ଥିକ ବିକାଶ ପାଇଁ ସୁଯୋଗ ଆଣିଥିଲା ବୋଲି ନବୀନ କହିଥିଲେ।

ଏହି ଅବସରରେ ୫୦୦ ଦିନ ପୂରଣ କରିଥିବା ବିଜେପି ସରକାର ଲୋକଙ୍କ ପାଇଁ କ'ଣ କରିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ୩୦୦ ୟୁନିଟ୍ ମାଗଣା ବିଜୁଳି, ୩୫୦୦ ଟଙ୍କା ପେନସନ, ଚାଷୀ ଭାଇଙ୍କୁ ୟୁରିଆ ସାର, ଯୁବକଙ୍କୁ ଚାକିରି ଆଦି ପ୍ରତିଶ୍ରୁତି ପୂରଣରେ ସରକାର ବିଫଳ ହୋଇଥିବା କହିଥିଲେ। ମିଶନ ଶକ୍ତି ମା'ମାନଙ୍କୁ ଋଣ ନ ମିଳିବା ଓ ଧାନ କିଣାରେ କଟନିଛଟନି ବନ୍ଦ ହୋଇ ନ ଥିବାର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଏସ୍‌କେୱାଇ କାର୍ଡରେ ଲୋକଙ୍କୁ ସେବା ମିଳୁଥିଲା; କିନ୍ତୁ ଏବେ ଆୟୁଷ୍ମାନ କାର୍ଡରେ କେବଳ ଟେନ୍‌ସନ ମିଳୁଛି ବୋଲି ସେ କ୍ଷୋଭର ସହ କହିଥିଲେ। କୋମନା ସଭାରେ ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଦୁଃଖ ସେ ଦେଖିଥିଲେ ଆଜି ମଧ୍ୟ ନୂଆପଡାରେ ଲୋକଙ୍କ ଆଖିରେ ସେହି କ୍ରୋଧ ଓ ଦୁଃଖ ରହିଛି। ନୂଆପଡାରେ ରହି ନୂଆପଡାବାସୀଙ୍କ ସେବା କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନିର୍ଦ୍ଦେଶ ଦେଇଥିବା ଉଲ୍ଲେଖ କରି ତାଙ୍କୁ ବହୁ ଭୋଟ ବ୍ୟବଧାନରେ ବିଜୟୀ କରାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଗତ ତିନି ତାରିଖ ଦିନ ତାଙ୍କ ସଭାକୁ ଯେପରି ଲୋକ ନ ଆସିପାରିବେ, ସେଥିପାଇଁ ଅନେକ ଚେଷ୍ଟା କରାଯାଇଥିଲା ; କିନ୍ତୁ କୋମନାରେ ଭୋଟର ଭାଇ ଭଉଣୀମାନେ ବହୁ ସଂଖ୍ୟାରେ ତାଙ୍କ ସଭାରେ ଯୋଗ ଦେଇଥିବାରୁ ଶ୍ରୀ ପଟ୍ଟନାୟକ ତାଙ୍କ ଭାଷଣରେ ଧନ୍ୟବାଦ ଜଣାଇଥିଲେ।

ଆଜି ରୋଡ ଶୋ' ଅବସରରେ ଶ୍ରୀ ପଟ୍ଟନାୟକ ରାସ୍ତାର ଦୁଇ ପଟରେ ଥିବା ହଜାର ହଜାର ଶୁଭେଚ୍ଛୁଙ୍କୁ ହାତ ହଲାଇ ଅଭିବାଦନ ଜଣାଇବା ସହ ଖରିଆର ରୋଡର ଡାଗା ଛକ, ବିଜୁ ପଟ୍ଟନାୟକ ଛକ ଓ ଲଖନିଆ ପେଟ୍ରୋଲ୍ ପମ୍ପ ଛକ ମାନଙ୍କରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ସେହିପରି ନୂଆପଡା ଏନଏସି ଅଞ୍ଚଳର ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ ଓ ଏକତା ଛକରେ ମଧ୍ୟ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସ୍ନେହାଙ୍ଗିନୀଙ୍କୁ ଆଶୀର୍ବାଦ କରିବାକୁ ନୁରୋଧ କରିଥିଲେ। ପାରକୋଟ ଜନସଭାରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସନ୍ତୃପ୍ତ ମିଶ୍ର, ସଂଜୟ ଦାସବର୍ମା, ଅରୁଣ ସାହୁ, ପ୍ରତାପ ଜେନା, ଅରୁଣ ସାହୁ, ଟୁକୁନି ସାହୁ, ଚିନ୍ମୟ ସାହୁ, ଇପ୍‌ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ଶ୍ରୀକାନ୍ତ ସାହୁ, ପ୍ରଦୀପ ସାହୁ, ନିରଂଜନ ବିଶି, ବର୍ଷା ସିଂ ବରିହା, ମନୋହର ରନ୍ଧାରୀ, ସୁଦର୍ଶନ ହରିପାଲ, ଧ୍ରୁବ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦେବାଶିଷ ମାରାଣ୍ଡି, ସାରଦା ଜେନା, ପ୍ରଶାନ୍ତ ବେହେରା, ନିହାର ବେହେରା, ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ଦିଲ୍ଲୀରେ ୮୦୦...

ଆସିବା କରୁଥିବା ବିମାନଗୁଡିକ ମଧ୍ୟ ବିଳମ୍ବିତ ହୋଇଛି। ଏହି ସମସ୍ୟା କେବେ ସମାଧାନ ହେବ ଓ ସ୍ଥିତି କେବେ ସାମାନ୍ୟ ହେବ ସେ ନେଇ ଦିଲ୍ଲୀ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି। ଫ୍ଲାଇଟ୍ ଟ୍ରାକିଂ ପୋର୍ଟାଲରେ ଦିଲ୍ଲୀର ଆକାଶର ଚିତ୍ର ଦେଖିବାକୁ ମିଳୁଛି। ଗୁରୁବାର ସନ୍ଧ୍ୟାଠାରୁ ଏହି ସମସ୍ୟା ଦେଖିବାକୁ ମିଳିଥିଲା। ବିମାନ ବିଳମ୍ବିତ ହେବା କାରଣରୁ ଯାତ୍ରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚେକ୍ ଇନ୍, ଗେଟ୍ ନିକଟରେ ଅପେକ୍ଷା, ବୋର୍ଡିଓ ଲେଟ୍, କନେକସନ ଫ୍ଲାଇଟ୍‌ରୁ ବଞ୍ଚିତ ହେବାର ସମସ୍ୟା ସୃଷ୍ଟି ହୋଇଛି। ଏହା ଦ୍ୱାରା ମଧ୍ୟ ଅପରେସନ ପ୍ରଭାବିତ ହୋଇଛି। ଦିଲ୍ଲୀ ବିମାନ ବନ୍ଦରରେ ପ୍ରତିଦିନ ୧,୫୦୦ ବିମାନ ଯିବା ଆସିବା କରିଥାଏ। ଏହା ଦ୍ୱାର ଏୟାର ଲାଇନ୍ସ ଓ ବିମାନବନ୍ଦର କାର୍ଯ୍ୟପ୍ରଣାଳୀ ବିଳମ୍ବିତ ହୋଇଛି। ଏହି ସମସ୍ୟା କାରଣରୁ ବେଟିଆ, ଲକ୍ଷ୍ନୌ, ଜୟପୁର, ଚଣ୍ଡିଗଡ଼ ବିମାନ ବନ୍ଦର ମଧ୍ୟ ପ୍ରଭାବିତ ହୋଇଛି। ବିମାନ ବିଳମ୍ବିତ ହେବା କାରଣରୁ ଆଗକୁ ଆସିବାକୁ ଥିବା ବିମାନ ଗୁଡିକର କାର୍ଯ୍ୟସୂଚୀ ବିଳମ୍ବିତ ହୋଇଛି।

### ୪୨ ଦିନରେ ବିକ୍ରି...

ଏଥିରେ ଯାତ୍ରୀବାହୀ କାର ଏବଂ ଦୁଇ ଚକିଆ ଯାନ ପାଇଁ ରେକର୍ଡ ପଞ୍ଜିକରଣ ହୋଇଛି। ଜିଏସ୍ଟି ୨.୦ ଲାଗୁ ହେବା ପରେ ଯାନବାହାନ ମୂଲ୍ୟ ହ୍ରାସର ପ୍ରଭାବ ମଧ୍ୟ ଏଥର ବଜାରରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଫାଡା ସଭାପତି ସି.ଏସ୍. ବିଘ୍ନେଶ୍ୱର କହିଛନ୍ତି ଯେ, ଚଳିତ ପାର୍ବଣ ଋତୁରେ ହୋଇଥିବା ବିକ୍ରି, ଭାରତର ଅଟୋ କ୍ଷେତ୍ରର ଖୁଚୁରା ବିକ୍ରି ଇତିହାସରେ ସବୁଠୁ ବଡ଼। ଜିଏସ୍ଟି ୨.୦ ଯୋଗୁ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଯାନବାହାନ କିଣିବା ସରଳ ଓ ସହଜ ହୋଇଛି। କମ୍ପାକ୍ଟ ଓ ୪ ମିଟରରୁ କମ୍ ଆକାରର ଗାଡ଼ି ଚାହିଦା ସବୁଠୁ ଅଧିକ ରହିଛି। ଗ୍ରାମାଞ୍ଚଳର ମଧ୍ୟ ଗାଡ଼ି ବିକ୍ରି ଆଖିଦୃଶିଆ ଭାବରେ ବଢ଼ିଛି। ଏହା ବାଦ ଇଲେକ୍ଟ୍ରିକ୍ ଗାଡ଼ି ପ୍ରତି ମଧ୍ୟ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ତିନି ଚକିଆ ଏବଂ କର୍ମସିଆଲ ଇଭି ଗାଡ଼ିର ବିକ୍ରି ଯଥାକ୍ରମେ ୯% ଏବଂ ୧୫% ଅଭିବୃଦ୍ଧି ରେକର୍ଡ କରିଛି।

### ଏସ୍‌ଆଇଟି ବୈଠକରେ...

ବୈଠକରେ ବିଭାଗୀୟ ଅଧିକାରୀ ଉପସ୍ଥାପନ କରିଥିଲେ। ସରକାରଙ୍କ ସୁପାରିସକ୍ରମେ ଏହାର ତଦନ୍ତ ଆଗକୁ ସିବିଆଇ କରିବ। ଏଣୁ, ତଦନ୍ତ ପରେ ଅଧିକ ତଥ୍ୟ ଆସିପାରିବ ବୋଲି ସେ କହିଥିଲେ। ନିକଟ ଅତୀତରେ ଦୁର୍ନୀତି ମାମଲାରେ ବହୁ ସଂଖ୍ୟାରେ ଉଚ୍ଚପଦସ୍ଥ ଅଧିକାରୀ ଧରାପଡ଼ିଛନ୍ତି। ଏପରିକି, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସରକାରୀ ଅଧିକାରୀ ଧରାପଡ଼ିଥିବା ବେଳେ ଓପିଆରବି ଦ୍ୱାରା ପରିଚାଳିତ ହେଉଥିବା ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଏଯାଏ କୌଣସି ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇନାହିଁ। ଏହି ଘଟଣାରେ ନିଯୁକ୍ତି ଆଶାୟୀଙ୍କଠାରୁ ବିପୁଳ ଅର୍ଥ କାରବାର ହୋଇଥିବାରୁ ଇଡି ପକ୍ଷରୁ ଏହି ପ୍ରସଙ୍ଗରେ ନଜର ରଖାଯିବା ପାଇଁ ଜଷ୍ଟିସ ପଶାୟତ ଗୁରୁତ୍ୱାରୋପ କରିଥିଲେ।

ସେହିଭଳି ଦୁର୍ନୀତି ନିବାରଣ ଆଇନ ମାମଲାର ଅନ୍ୟ ଦିଗ ବିଷୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେଉଁ ବିଭାଗରେ ଅଧିକ ଦୁର୍ନୀତି ମାମଲା ଧରାପଡୁଛି, ସେହି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବାକୁ କୁହାଯାଇଛି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ଇଡି, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ ଓ ସିବିଆଇ ଅଧିକାରୀମାନେ ଉପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକ ମୁମ୍ବଇଠାରେ ଅନୁଷ୍ଠିତ ହେବ।

### ଶଙ୍କର, ସୁରେଶଙ୍କର...

ବର୍ତ୍ତମାନ ବିଚାର ବିଭାଗୀୟ ରିମାଣ୍ଡରେ ଥିବା ଶଙ୍କର ସହ ସିଲିକନ୍-ଟେକ୍‌ର ମାଲିକ ସୁରେଶ ନାୟକଙ୍କ ମଧ୍ୟ ଉକ୍ତ ପରୀକ୍ଷା କରାଯିବ। ଏହି ପରୀକ୍ଷାର ଲକ୍ଷ୍ୟ ବୟାନ ଯାଞ୍ଚ କରିବା ଏବଂ ମାମଲାର ପ୍ରମୁଖ ଦିଗଗୁଡ଼ିକ ଉପରେ ସ୍ୱଷ୍ଟତା ସଂଗ୍ରହ କରିବା ବୋଲି କ୍ରାଇମବ୍ରାଞ୍ଚ କହିଛି। ରିମାଣ୍ଡ ଅବଧି ଶେଷ ହେବା ପର ମିଛ ଚିହ୍ନଟ ପରୀକ୍ଷା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଜଣାଯାଇଛି। ପ୍ରକାଶଥାଉକି, ଉତ୍ତରାଖଣ୍ଡର ନେପାଳ ସୀମା ନିକଟରୁ ଶଙ୍କରକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଶଙ୍କର ସହ ଗିରଫ ଆଉ ଜଣେ ଅଭିଯୁକ୍ତ ଅରବିନ୍ଦର ୫ ଦିନିଆ ରିମାଣ୍ଡ ଶନିବାର ଶେଷ ହେଉଛି।

### ହାଇକୋର୍ଟରେ ସତ୍ୟପାଠ...

କରାଯାଇଛି। ପ୍ରକାଶଥାଉକି, ଗତ ଶୁଣାଣି ସମୟରେ ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ୱଷ୍ଟୀକରଣ ମାଗିଥିଲେ ହାଇକୋର୍ଟ। ଆଜି ଏସ୍‌ପିଙ୍କ ପକ୍ଷରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲା। ଦାଖଲ ଲିଖିତ ଜବାବରେ ଏସପି ସ୍ୱୀକାର କରିଛନ୍ତି ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ସେ ଗଣମାଧ୍ୟମରେ ସାର୍ବଜନୀନ ମନ୍ତବ୍ୟ ଦେଇଥିଲେ। ତେବେ ସତ୍ୟପାଠ ଜରିଆରେ ଏହାକୁ ଦେବାକୁ ଅଦାଲତ କହିଛନ୍ତି। ସତ୍ୟପାଠ ଗ୍ରହଣ କରିବା ପରେ ଏସ୍‌ପିଙ୍କ ଉପରୋକ୍ତ ଆଚରଣ ଅଦାଲତ ଅବମାନନା କି ନୁହେଁ, ତାହାର ବିଚାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସ୍‌ପି ସତ୍ୟପାଠ ଦେବେ।

ମାମଲାରୁ ପ୍ରକାଶ, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଛି ବୋଲି ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମା ହତ୍ୟା ଅଭିଯୁକ୍ତ ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନୀ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସ୍‌ପି ଗଣମାଧ୍ୟମରେ କହିଥିଲେ। ହତ୍ୟା ଘଟଣା ସହ ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇ ନେଇଥିଲେ। ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚରା କରିଥିଲେ।

### ଇ-କେୱାଇସି ନେଇଛି...

ଅନୁଯାୟୀ ରିସା ମାଙ୍କିଡ଼ିଆଙ୍କର ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ) ରାସନ କାର୍ଡ ଥିଲା। ମାତ୍ର ତାଙ୍କର ଆଧାରକାର୍ଡ ହୋଇପାରି ନ ଥିଲା। ବାରମ୍ବାର ଚେଷ୍ଟା ସତ୍ତ୍ୱେ ଇ-କେୱାଇସି ସମ୍ପୂର୍ଣ୍ଣ ନହେବା କାରଣରୁ ତାଙ୍କୁ ଚାଉଳ ମିଳୁ ନ ଥିଲା। ବିନା ନୋଟିସରେ ତାଙ୍କର ଅନ୍ତ୍ୟୋଦୟ କାର୍ଡକୁ ନିଷ୍କ୍ରିୟ କରାଯାଇଥିବା ବେଳେ ସ୍ଥାନୀୟ ସରକାରୀ ଅଧିକାରୀ ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଓଡ଼ିଶା ରିଲିଫ କୋଡ୍‌ର ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତିର ଅନାହାରରେ ମୃତ୍ୟୁ ହୁଏ ତେବେ ମୃତ୍ୟୁର ୪୮ ଘଣ୍ଟା ମଧ୍ୟରେ ତହସିଲଦାରସ୍ତରର କୌଣସି ସରକାରୀ ଅଫିସର ତଦନ୍ତ କରିବା ବାଧ୍ୟତାମୂଳକ। ହେଲେ ରିସା ମାଙ୍କଡିଆଙ୍କ କ୍ଷେତ୍ରରେ ଏହାକୁ ଅନୁପାଳନ କରାଯାଇ ନାହିଁ। ରିସା ମାଙ୍କିଡିଆଙ୍କ ରାସନ ବହି ଦର୍ଶାଉଛି ଯେ ସେ ଏପ୍ରିଲ୍ ୨୦୨୫ ପର୍ଯ୍ୟନ୍ତ ନିୟମିତ ଭାବରେ ୩୫ କିଲୋ ଚାଉଳ ପାଇଥିଲେ। ମେ' ଏବଂ ଜୁନ୍ ମାସ ପାଇଁ ରାସନ ବହି ପୃଷ୍ଠା ଖାଲି ଥିବାବେଳେ ଜୁଲାଇ ଏବଂ ଅଗଷ୍ଟ ୨୦୨୫ ପାଇଁ ଗୋଟିଏ ବିବାଦୀୟ ଏଣ୍ଟ୍ରି ଅଛି। ପୂର୍ବତନ ସ୍ଥାନୀୟ ୱାର୍ଡମେମ୍ବରଙ୍କ ତଥ୍ୟ ଅନୁଯାୟୀ ତାଙ୍କ ମୃତ୍ୟୁ ପରେ ବ୍ଲକ ଅଧିକାରୀମାନେ କାର୍ଡ ନେଇଛନ୍ତି। ଏହାସହିତ ମିଞ୍ଜରୀ ମାଙ୍କେଡ଼ିଆ (ରିସାଙ୍କ ବୋହୂ)ଙ୍କ ରାସନ କାର୍ଡ ମଧ୍ୟ ବର୍ତ୍ତମାନ ସ୍ଥାନୀୟ ପିଡିଏସ ଡିଲରଙ୍କ ପାଖରେ ଅଛି। ଯାହାକୁ ନେଇ ଏହି ଟିମ୍‌ର ସଦସ୍ୟମାନେ ସନ୍ଦେହ ପ୍ରକଟ କରିଛନ୍ତି। ଅନ୍ୟପଟେ ରିସା ମାଙ୍କିଡିଆଙ୍କ ଅନାହାରଜନିତ ମୃତ୍ୟୁ ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା କେତେ ଦୟନୀୟ ଅବସ୍ଥାରେ ଅଛି, ତାହା ଅନୁମେୟ ବୋଲି ସଂଗଠନଗୁଡ଼ିକ କହିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ଘଟଣାରେ ନିରପେକ୍ଷ ତଦନ୍ତ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୩ ସଂଗଠନ ପକ୍ଷରୁ ଗୌରାଙ୍ଗ ମହାପାତ୍ର, ରଞ୍ଜିତ ସୁତାର, ସମୀତ ପଣ୍ଡା ଓ ସାମାଜିକ କର୍ମୀ ମଣ୍ଟୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


## ପୂର୍ବ ତଟ ରେଳପଥ

### ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା

ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥର ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ କରାଯିବ। ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ ପ୍ରବାହିତ ହେବ। ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|
| ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ତାଳଚେର ରୋଡ଼ ୟାର୍ଡ - ତାଳଚେର ୟାର୍ଡ ଚତୁର୍ଥ ଲାଇନ ଯେଉଁଥିରେ ତାଳଚେର ୟାର୍ଡ (ଓଏଚ୍‌ଇ କି.ମି. **168/14N**, ସିଏଚ୍: **168/615.00** (ତାଳଚେର ରୋଡ଼ ୟାର୍ଡ) ଠାରୁ କି.ମି. ତାଳଚେର/**1168N**, ସିଏଚ୍- (ତାଳଚେର ୟାର୍ଡ) ଅନ୍ତର୍ଭୁକ୍ତ ଅଟେ। | ଖୋର୍ଦ୍ଧା ରୋଡ଼ | 17.11.2025 |

### AC 25 KV ଟ୍ରାକ୍ସନର ପ୍ରଚଳନ "ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"

ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ **"ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର ରୋଡ଼ ୟାର୍ଡ ଚତୁର୍ଥ ଲାଇନ୍, ତାଳଚେର ୟାର୍ଡ (ସମସ୍ତ ନୂଆ ଲାଇନ, ସିକ୍ ସାଇଡିଂ, ଏଆରଟୀ ସାଇଡିଂ, ଟି-ଆଉଟ୍ / ଏକ୍ସ-ଓଭର ଲାଇନ)** ସେକ୍ସନ୍ ଉପରେ 25,000 ଭୋଲ୍ଟ ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍‌ର ଶୁଭାରମ୍ଭ"ସମ୍ବନ୍ଧୀୟ ସମସ୍ତ ଲେଭେଲ କ୍ରସିଂଗୁଡିକ ଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର **(କଣ୍ଟାକ୍ଟ ତାର)** ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ 4.78m ଉଚ୍ଚତା ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, **ଯାହାର ଉଚ୍ଚତା ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ରେଲ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ।**

ତେଣୁ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :

1) ହାଇଟ୍ ଗଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ।
2) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଯାନ ପ୍ରତି ବିପଦ।
3) ବିଦ୍ୟୁତ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା।

PR-157/CI/25-26 — ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II), ପୂର୍ବ ତଟ ରେଳପଥ / ଭୁବନେଶ୍ୱର

ଓଡ଼ିଶା ସରକାର
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳେସଚନ ବିଭାଗନ
Email: akp.irrigationdivision@gmail.com

A-859

**'e'-Procurement Notice No. 12/2028-26**

| | | |
|---|---|---|
| 1 | କାର୍ଯ୍ୟ ର ନାମ | : ମରାମତି କାର୍ଯ୍ୟ |
| 2 | ମୋଟ କାର୍ଯ୍ୟ ସଂଖ୍ୟା | : ୧୩ ଗୋଟି କାର୍ଯ୍ୟ |
| 3 | ଅଟକଳ ମୂଲ୍ୟ | : ୪୭.୦୪ ଲକ୍ଷ ରୁ ୮୩.୯୦ ଲକ୍ଷ |
| 4 | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Daled 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ। |
| 6 | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | |
| | I. Procurement Officer | : ଅଧିକ୍ଷଣ ଯନ୍ତ୍ରୀ,ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| | II.ଅନଲାଇନ Biddingର ସମୟସୀମା | :ତା ୦୭.୧୧.୨୦୨୫ ଦିବା ୧୦ ଘଟିକା ରୁ ତା ୨୧.୧୧.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂFinancial bid ଖୋଲାଯିବାର ତାରିଖ ଓ ସମୟ। | :ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ ଙ୍କ କାର୍ଯ୍ୟାଳୟ ରେ ତା ୨୪.୧୧.୨୦୨୫ ଦିବା ୧୧.୩୦। |
| | IV. Transparent Lottery ର ତାରିଖ ଓ ସମୟ | : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ରେ ତା ୦୫.୧୨.୨୦୨୫ ଦିବା ୧୧.୦୦ ଘଟିକା ସମୟରେ। |

ଅନଲାଇନ ତଥ୍ୟ ଏହି ୱେବସାଇଟ ର ପ୍ରଦାନ କରାଯାଇଅଛି। www.tendersorissa.gov.in.

OIPR-

ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୦୦ ● ପାଉଣ୍ଡ ୧୧୫.୮
- ୟୁରୋ ୧୦୧.୫୯ ● ୟେନ୍ ୦.୫୭


**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୧,୮୫୦ (ଭୁବନେଶ୍ୱର)
- ରୁପା : ୧,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୨୧୬.୦୦
- ନିଫ୍ଟି ୨୫,୪୯୨.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ରୁପା ବଦଳରେ ମିଳିବ ଋଣ

- ଆର୍‌ବିଆଇ ଜାରି କରିଛି ନୂଆ ନିର୍ଦ୍ଦେଶାବଳୀ
- ସ୍ମଲ୍ ଫାଇନାନ୍ସ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଦେଇପାରିବେ ଋଣ






**ନୂଆଦିଲ୍ଲୀ,୭।୧୧(ଏଜେନ୍ସି):** ଆପଣ 'ସୁନା ବଦଳରେ ଋଣ' କଥା ଶୁଣିଥିବେ। ହେଲେ ଆପଣ କେବେ ରୁପା ବଦଳ ରଖି ଋଣ ନେଇଛନ୍ତି କି? ହୁଏତ ନୁହେଁ, କାରଣ ପୂର୍ବରୁ ଏପରି କିଛି ବ୍ୟବସ୍ଥା ନ ଥିଲା। କିନ୍ତୁ ଆଜିକାଲି, 'ରୁପା ବଦଳରେ ଋଣ' ବିଷୟ ବେଶ ଚର୍ଚ୍ଚାର ବିଷୟ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୁନା ଏବଂ ରୁପା ବଦଳରେ ଋଣ ସମ୍ପର୍କରେ ଏକ ନିର୍ଦ୍ଦେଶାବଳୀ ଜାରି କରିଛି। ଏହି ନିର୍ଦ୍ଦେଶାବଳୀ ୨୦୨୬ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ଏଥିରେ ରୂପା ବଦଳରେ ଋଣ ଅନ୍ତର୍ଭୁକ୍ତ ହେବ। ଆର୍‌ବିଆଇ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେବା ପରେ, ସୁନା ଏବଂ ରୂପା ବଦଳରେ ଋଣ ନେବା ନିୟମରେ ପରିବର୍ତ୍ତନ ହେବ।

ଭାରତୀୟ ବଜାରରେ ସୁନା ଦର ଅମୂଲ ମୂଲ ରହିଆସିଥିବାବେଳେ, ଏଥିରେ ଏବେ ଯୋଡି ହୋଇଯାଇଛି ଚାନ୍ଦି ବା ରୁପା। ନିକଟରେ ରୁପା କିଲୋ ପିଛା ୨ ଲକ୍ଷ ଟଙ୍କା ଟପିଯାଇଥିଲା। ଫଳରେ ଏହି ଅତି ମହଙ୍ଗା ଧାତୁକୁ ଲୋକେ ବ୍ୟାଙ୍କରେ ବନ୍ଧକ ରଖି ଋଣ ଦେବାକୁ ଆଶା ବାନ୍ଧିଲେଣି। ତେବେ ଏଥିରେ ରୁପା ବଦଳରେ ଉଠାଇପାରିବେ। କେତେକ ଏନ୍‌ବିଏଫ୍‌ସି ଏବଂ ହାଉସିଂ ଫାଇନାନ୍ସ କମ୍ପାନୀଗୁଡ଼ିକ ମଧ୍ୟ ସୁନା ଭଳି ରୁପା ବନ୍ଧକ ରଖି ଋଣ ପ୍ରଦାନ କରୁଛନ୍ତି।

ସୁନା ଏବଂ ରୂପା ବଦଳରେ ଋଣ ପାଇବା ପାଇଁ, ଆପଣଙ୍କୁ ଏହାର ରୂପରେଖ ବୁଝିବାକୁ ପଡିବ। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରାଥମିକ ରୁପା ଏବଂ ସୁନା ବଦଳରେ ଋଣ ପ୍ରଦାନ ଉପରେ କଟକଣା ଲଗାଇଛି। ଆପଣ ରୁପା ବାର୍ କିମ୍ବା ବ୍ଲକ୍ ଉପରେ ମଧ୍ୟ ଋଣ ପାଇପାରିବେ ନାହିଁ। ତଥାପି, ବ୍ୟାଙ୍କଗୁଡ଼ିକ ଋଣଗ୍ରହୀତାଙ୍କୁ ସେମାନଙ୍କର କ୍ଷଣସ୍ଥାୟୀ ଆବଶ୍ୟକତା ପୂରଣ କରିବା ପାଇଁ ରୁପା ଅଳଙ୍କାର ଏବଂ ମୁଦ୍ରା ଉପରେ ଋଣ ପ୍ରଦାନ କରିପାରିବେ। ଆର୍‌ବିଆଇ ଦ୍ୱାରା ଜାରି ଏକ ସର୍କୁଲାରରେ କୁହାଯାଇଛି ଯେ ଋଣଗ୍ରହୀତାଙ୍କୁ ଦିଆଯାଇଥିବା ସମସ୍ତ ଋଣ ପାଇଁ ବନ୍ଧକ ଅଳଙ୍କାରର ମୋଟ ଓଜନ ସୁନା ଅଳଙ୍କାର ପାଇଁ ୧ କିଲୋଗ୍ରାମ ଏବଂ ରୁପା ଅଳଙ୍କାର ପାଇଁ ୧୦ କିଲୋଗ୍ରାମରୁ ଅଧିକ ହେବା ଉଚିତ୍ ନୁହେଁ। ଋଣଗ୍ରହୀତାଙ୍କୁ ଦିଆଯାଇଥିବା ସମସ୍ତ ଋଣ ପାଇଁ ବନ୍ଧକ ମୁଦ୍ରାର ମୋଟ ଓଜନ ସ୍ୱର୍ଣ୍ଣ ମୁଦ୍ରା ପାଇଁ ଯେପରି ୫୦ ଗ୍ରାମ ଏବଂ ରୁପା ମୁଦ୍ରା ପାଇଁ ଏହା ୫୦୦ ଗ୍ରାମରୁ ଅଧିକ ହେବା ଉଚିତ୍ ନୁହେଁ। ରିଜର୍ଭ ବ୍ୟାଙ୍କ କହିଛି ଯେ ବ୍ୟାଙ୍କ କେବଳ ସୁନା/ରୁପାର ଆଭ୍ୟନ୍ତରୀଣ ମୂଲ୍ୟ ବିଚାର କରିବ, ଏଥିରେ ହୀରା, ପଥର, ଡିଜାଇନ୍, ମୂଲ୍ୟ ଇତ୍ୟାଦି ଅନ୍ତର୍ଭୁକ୍ତ ହେବନାହିଁ।

## ନାଲ୍‌କୋର ନିଟ୍ ଲାଭରେ ୩୫ % ଅଭିବୃଦ୍ଧି



**ଭୁବନେଶ୍ୱର,୭।୧୨(ସମିସ):** ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ ସେପ୍ଟେମ୍ବର ୨୦୨୫ରେ ଶେଷ ଦ୍ୱିତୀୟ ତ୍ରୈମାସିକର ଫଳାଫଳ ଘୋଷିତ ହୋଇଛି। ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ୩୫% ଅଭିବୃଦ୍ଧି ସହ ନିଟ୍ ଲାଭ ୧,୪୩୩ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷର

ସମାନ ଅବଧିରେ ୧୦୬୨ କୋଟି ଟଙ୍କା ଥିଲା। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ମୋଟ ଆୟ ୪,୨୯୨ କୋଟି ଟଙ୍କା ରହିଥିବା କୁହାଯାଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ୭.୨ % ଅଭିବୃଦ୍ଧି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ, ନାଲ୍‌କୋ ନିଟ୍ ଲାଭରେ ୫୦.୧୫ % ଅଭିବୃଦ୍ଧି ସହିତ ଏହାର ଦୃଢ଼ ପ୍ରଦର୍ଶନ ଜାରି ରଖିଛି, ଯାହା ପୂର୍ବ ବର୍ଷର ସମାନ ସମୟର ୧,୬୬୩ କୋଟି ଟଙ୍କା ତୁଳନାରେ ସର୍ବକାଳୀନ ୨,୪୯୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ଉତ୍ପାଦନ କ୍ଷେତ୍ରରେ, ନାଲକୋ ୨୦୨୫ -୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ରେ ଆଲୁମିନା ହାଇଡ୍ରେଟ୍ ଏବଂ ଆଲୁମିନିୟମ କାଷ୍ଟ ଧାତୁ ଉତ୍ପାଦନରେ ସର୍ବୋତ୍ତମ ପ୍ରଦର୍ଶନ କରିଛି। ସେହିପରି, ବିକ୍ରି କ୍ଷେତ୍ରରେ ନାଲ୍‌କୋ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୬,୯୯,୯୧୩ ମେଟ୍ରିକ ଟନ୍ ଆଲୁମିନା ବିକ୍ରି କରିଛି, ଯାହା ୨୦୧୩- ୧୪ ଆର୍ଥିକ ବର୍ଷରେ ହାସଲ କରିଥିବା ପୂର୍ବ ସର୍ବାଧିକ ୬,୫୬,୪୮୦ ମେଟ୍ରିକ ଟନକୁ ଅତିକ୍ରମ କରିଛି। ଏ ସମ୍ପର୍କରେ ନାଲ୍‌କୋ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ ଅର୍ଦ୍ଧବାର୍ଷିକ ଏବଂ ଦ୍ୱିତୀୟ ତ୍ରୟମାସିକ ଫଳାଫଳ ସମସ୍ତ କର୍ମଚାରୀଙ୍କ କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତା ତଥା ସମସ୍ତ ଅଂଶୀଦାରଙ୍କ ଦୃଢ ସମର୍ଥନର ପ୍ରମାଣ। ଆନ୍ତର୍ଜାତୀୟ ବଜାରରେ ଆଲୁମିନିୟମ ମୂଲ୍ୟରେ ଅସ୍ଥିରତା ସତ୍ତ୍ୱେ ଏହି ଉନ୍ନତ ପ୍ରଦର୍ଶନ କମ୍ପାନୀର କାର୍ଯ୍ୟଦକ୍ଷତା, ମୂଲ୍ୟ ଅପ୍ଟିମାଇଜେସନ୍ ସମ୍ବନ୍ଧୀୟ ପଦକ୍ଷେପ ଏବଂ ବର୍ଦ୍ଧିତ ଉତ୍ପାଦନ ତଥା ବିକ୍ରି ପରିମାଣ ଦ୍ୱାରା ହାସଲ ହୋଇପାରିଛି।

## ୩୨୫ କୋଟି ଜିଏସ୍‌ଟି ଠକେଇର ପର୍ଦ୍ଦାଫାସ

- ମାଷ୍ଟରମାଇଣ୍ଡକୁ ଧରିଲା ଡିଜିଜିଆଇ ଭୁବନେଶ୍ୱର ଜୋନାଲ ୟୁନିଟ୍
- ଜାଲ୍ କମ୍ପାନୀ ତିଆରି କରି ନକଲି ନିର୍ଦ୍ଦେଶକଙ୍କୁ ଦିଆଯାଇଥିଲା ନିଯୁକ୍ତି

**ମୁମ୍ବଇ,୭।୧୧(ଏଜେନ୍ସି):** ଦେଶରେ ଏକ ବଡ଼ ଧରଣର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଠକେଇ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏଥିରେ ୩୨୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଜିଏସ୍‌ଟି ଠକେଇ ହୋଇଛି। ଦ୍ରବ୍ୟ ଏବଂ ସେବା ଟିକସ ଇଣ୍ଟେଲିଜେନ୍ସ (ଡିଜିଜିଆଇ)ର ଭୁବନେଶ୍ୱର ଜୋନାଲ ୟୁନିଟ୍ ଏକ ବଡ଼ ଅପରେସନ ଚଳାଇ ବୁଧବାର ମୁମ୍ବାଇର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏଥିରେ ମୁମ୍ବାଇର ବାସିନ୍ଦା ନିଲେଶ ଯୋଗେଶ ଜାଗିୱାଲାଙ୍କୁ ଗିରଫ କରାଯାଇଛି। ଜାଗିୱାଲାଙ୍କୁ ୩୨୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏହି ଜିଏସ୍‌ଟି ଠକେଇ ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି।

ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ ଅଭିଯୁକ୍ତ ୧୦୫ ରୁ ଅଧିକ ନକଲି କମ୍ପାନୀ ତିଆରି କରିଥିଲେ ଏବଂ ଜାଲିଆତି କରି ଇନପୁଟ୍ ଟିକସ କ୍ରେଡିଟ୍ (ଆଇଟିସି) ଲାଭ କରିଥିଲେ। ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ନେଟୱାର୍କ ଜାଲ୍ ଡକ୍ୟୁମେଣ୍ଟ ବ୍ୟବହାର କରି କମ୍ପାନୀ ପଞ୍ଜୀକୃତ କରିଥିଲା ଏବଂ ସମ୍ପୂର୍ଣ୍ଣ ଠକେଇ କରିବା ପାଇଁ ନକଲି ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରିଥିଲା। ସମ୍ପୂର୍ଣ୍ଣ ନେଟୱାର୍କ ଭର୍ଚୁଆଲ୍ ଭିତ୍ତିଭୂମି ମାଧ୍ୟମରେ ପରିଚାଳିତ ହେଉଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ନିଲେଶ ଜାଗିୱାଲା ଏବଂ ତାଙ୍କ ଟିମ୍ ଅନେକ ନିଷ୍କ୍ରିୟ କମ୍ପାନୀ କିଣିଥିଲେ ଏବଂ ଠକେଇ କରିବା ପାଇଁ ସକ୍ରିୟ ଜିଏସ୍‌ଟିନ୍ ବ୍ୟବହାର କରିଥିଲେ। ତା'ପରେ ସେମାନେ ମୂଳ ନିର୍ଦ୍ଦେଶକମାନଙ୍କୁ ହଟାଇ ଡିଆର୍-୧୨ ଫାଇଲିଂ ମାଧ୍ୟମରେ ଡମି ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରିଥିଲେ। ନେଟୱାର୍କ ସହିତ ସଂଯୁକ୍ତ ଅପରେଟରମାନେ ଜିଏସ୍‌ଟି ପୋର୍ଟାଲ୍ ପରିଚାଳନା ପାଇଁ ବ୍ୟବହୃତ ସିମ୍ କାର୍ଡଗୁଡ଼ିକୁ ନିୟନ୍ତ୍ରଣ କରୁଥିଲେ। ଏହି ସିମ୍ କାର୍ଡଗୁଡ଼ିକ ନକଲି ଇନଭଏସ୍ ଜାରି କରିବା, ନକଲି ବ୍ୟାଙ୍କିଙ୍ଗ କାରବାର କରିବା ଏବଂ ପରେ ନଗଦ ଉଠାଣ ଓ କମିଶନ ପେମେଣ୍ଟ ମାଧ୍ୟମରେ ପ୍ରକୃତ ହିତାଧିକାରୀଙ୍କ ପରିଚୟ ଲୁଚାଇବା ପାଇଁ ବ୍ୟବହାର କରାଯାଉଥିଲା। ମୁମ୍ବାଇ ଏବଂ ପୁଣେରେ ଚଢାଉ ସମୟରେ, କର୍ତ୍ତୃପକ୍ଷ ବହୁ ପରିମାଣର ଅପରାଧମୂଳକ ସାମଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀଗୁଡ଼ିକରେ ଅନେକ କମ୍ପାନୀର ନକଲି ସିଲ୍, ମୋବାଇଲ୍ ଫୋନ୍, ଜିଏସ୍‌ଟି ପଞ୍ଜିକରଣ ସହିତ ଜଡିତ ସିମ୍ କାର୍ଡ, ଡିଜିଟାଲ୍ ରେକର୍ଡ, ବ୍ୟାଙ୍କ ଆକାଉଣ୍ଟ ଡକ୍ୟୁମେଣ୍ଟ, କାରବାର ରେକର୍ଡ ଏବଂ ଡିଜିଟାଲ୍ ଯୋଗାଯୋଗ ସହିତ ଜଡିତ ଫାଇଲ୍ ଅନ୍ତର୍ଭୁକ୍ତ ଥିଲା। ପୂର୍ବରୁ, ଅକ୍ଟୋବର ୧୭ରେ ଏହି ଘଟଣାରେ ପୁଣେରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା ଯେ ସେ ନିଲେଶ ଯୋଗେଶ ଜାଗିୱାଲାଙ୍କ ଜଣେ ଘନିଷ୍ଠ ସହଯୋଗୀ ଏବଂ ନେଟୱାର୍କର କାର୍ଯ୍ୟ ସଂଯୋଜକ। ବର୍ତ୍ତମାନ, ଉଭୟ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

**ଜିଏସ୍‌ଟି ୨.୦ରୁ ସରକାରଙ୍କୁ ଲାଗିଲା ଝଟ୍‌କା**

## କାର୍ଯ୍ୟକାରୀ ପରେ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ମନ୍ଥର

**୩୬ ଟିରୁ ୨୦ ରାଜ୍ୟରେ ରାଜସ୍ୱ ଆଦାୟରେ ରେକର୍ଡ ହ୍ରାସ**




**ନୂଆଦିଲ୍ଲୀ,୭।୧୧(ଏଜେନ୍ସି):** ଅକ୍ଟୋବର ମାସରେ ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ ଜିଏସ୍‌ଟି ୨.୦ କାର୍ଯ୍ୟକାରୀ କରାଯିବା ପରେ ହିଁ ସେହି ମାସରେ ଜିଏସ୍‌ଟି ସଂଗ୍ରହ ମନ୍ଥର ପଡିଛି। ଏମିତିକି ଦେଶର ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୨୦ଟିରେ ସାମଗ୍ରୀ ଏବଂ ସେବା କର ସଂଗ୍ରହ ହ୍ରାସ ପାଇଛି। ଏହାକୁ ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ୨୦୨୫-୨୦୨୫ ଆର୍ଥିକବର୍ଷର ସବୁଠାରୁ ଦୁର୍ବଳ ପ୍ରଦର୍ଶନ କରିଥିବା ମାସ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ମୁଖ୍ୟତଃ ଜିଏସ୍‌ଟି ୨.୦ ଲାଗୁ ହେବା ପରେ ବ୍ୟବସାୟୀମାନଙ୍କ ଦ୍ୱାରା ଟିକସ ହାରରେ ସଂଶୋଧନ ଯୋଗୁଁ ହୋଇଛି। ଏହି ମାସର ଧୀର ଅଭିବୃଦ୍ଧି ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଦୃଢ଼ ସଂଗ୍ରହ ପରେ ଟିକସ ସଂଗ୍ରହରେ ହ୍ରାସକୁ ପ୍ରତିଫଳିତ କରୁଛି।

ଅକ୍ଟୋବରରେ ରାଜ୍ୟ ଜିଏସ୍‌ଟି(ସିଜିଏସ୍‌ଟି) ସଂଗ୍ରହ କେବଳ ୨ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ କି ସାମଗ୍ରିକ ଜିଏସ୍‌ଟି ସଂଗ୍ରହ ୪.୬ ପ୍ରତିଶତ ବୃଦ୍ଧି ପାଇଛି। ଦେଶର ଅନେକ ପ୍ରମୁଖ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ନକାରାତ୍ମକ ରହିଛି। ଏଥିରେ ହିମାଚଳ ପ୍ରଦେଶ (-୧୭%), ଝାଡ଼ଖଣ୍ଡ (-୧୫%), ଉତ୍ତରାଖଣ୍ଡ (-୧୩%), ଆନ୍ଧ୍ର ପ୍ରଦେଶ (-୯%), ମଧ୍ୟପ୍ରଦେଶ (-୫%), ରାଜସ୍ଥାନ (-୩%), ଏବଂ ଦିଲ୍ଲୀ (-୧%) ଅନ୍ତର୍ଭୁକ୍ତ। ଏହି ସମୟରେ, ହରିୟାଣା (୦%), ମହାରାଷ୍ଟ୍ର (୩%), ତାମିଲନାଡୁ (୪%) ଏବଂ ଗୁଜରାଟ (୬%) ଭଳି ବଡ଼ ଅଂଶ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ରହିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ସଂଖ୍ୟାଗୁଡ଼ିକ ଟିକସ ସଂଗ୍ରହରେ ଅସ୍ଥିରତାକୁ ସୂଚିତ କରୁଛି।

କର୍ଣ୍ଣାଟକ ଏବଂ ତେଲେଙ୍ଗାନାରେ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହରେ ୧୦ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି, ଯେତେବେଳେ ଏହି ରାଜ୍ୟଗୁଡ଼ିକରେ ସେପ୍ଟେମ୍ବରରେ ସଂଗ୍ରହ ମନ୍ଥର ଥିଲା। ଅଧିକାରୀ ଏବଂ ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ ଜିଏସ୍‌ଟି ୨.୦ ରେ ଟିକସ ହାର ହ୍ରାସ ଯୋଗୁଁ ଏହି ପରିବର୍ତ୍ତନ ହୋଇଥିଲା। ଜିଏସ୍‌ଟି ୨.୦ ଚଳିତବର୍ଷ ସେପ୍ଟେମ୍ବର ୨୨ ରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଅକ୍ଟୋବର ମାସର ଏହି ସଂଖ୍ୟା ମୁଖ୍ୟତଃ ସେପ୍ଟେମ୍ବରରେ କାର୍ଯ୍ୟକଳାପ ଉପରେ ଆଧାରିତ।

## ପଟିଆରେ ମେଟ୍ରୋର ନୂଆ ଶୋ' ରୁମ୍

**ଭୁବନେଶ୍ୱର,୭।୧୧(ସମିସ) :** ଭୁବନେଶ୍ୱରସ୍ଥିତ ପଟିଆଠାରେ ମେଟ୍ରୋର ୯୦୦ ବର୍ଗ ଫୁଟ ବିଶିଷ୍ଟ ୩ୟ ସୋ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଉଦଘାଟନ କରିଛନ୍ତି। ଏହି ଅବସରରେ ମେଟ୍ରୋର ଏରିଆ ମ୍ୟାନେଜର ତରୁଣ ଗୁହା, ଷ୍ଟୋର ମ୍ୟାନେଜର ଏସ୍‌କେ ଜାଫର ହୁସେନ ଏବଂ ୱାର୍ଡ ନଂ ୬ର କାଉନସିଲର ପ୍ରୀତିନନ୍ଦା ରାଉତରାୟ ଉପସ୍ଥିତ ଥିଲେ। ଏହି ଷ୍ଟୋରକୁ ମିଶାଇ ଓଡ଼ିଶାରେ ମେଟ୍ରୋର ୯ଟି ଷ୍ଟୋର ସମ୍ବଲପୁର, ଅନୁଗୁଳ, ବ୍ରହ୍ମପୁର, କଟକ, ରାଉରକେଲା, ଝାରସୁଗୁଡ଼ାରେ ଆଦି ସ୍ଥାନରେ ରହିଛି। ମେଟ୍ରୋ ବ୍ରାଣ୍ଡସ ହେଉଛି ସବୁଠାରୁ ବଡ଼ ଭାରତୀୟ ଫୁଟୱେର ସ୍ପେଶାଲିଟି ଖୁଚୁରା ବ୍ୟବସାୟୀମାନଙ୍କ ମଧ୍ୟରୁ ଗୋଟିଏ। ଏଠାରେ ପୁରୁଷ, ମହିଳା ଏବଂ ପିଲାଙ୍କ ଫୁଟୱେୟାର ବ୍ୟତିତ ଏଥିରେ ହ୍ୟାଣ୍ଡବ୍ୟାଗ୍, ବେଲ୍ଟ, ୱାଲେଟ ଇତ୍ୟାଦିର ବିସ୍ତୃତ ପରିସର ରହିଛି। ମେଟ୍ରୋ ବ୍ରାଣ୍ଡସ ଏହାର ନିଜସ୍ୱ ବ୍ରାଣ୍ଡ ମେଟ୍ରୋ, ମୋଚି, ୱାକୱେ, ଡାଭଞ୍ଚି ଏବଂ ଜେ. ଫଣ୍ଟିନି ସହିତ କିଛି ଅନ୍ୟ ବ୍ରାଣ୍ଡ ଯେପରିକି କ୍ରୋକ୍ସ, ଫିଟ୍ ଫ୍ଲପ, ଫିଲା, କ୍ଲାର୍କସ୍, ସ୍କେଚର୍ସ, ପୁମା ଏବଂ ଆଡିଡାସ ପରି କିଛି ତୃତୀୟ ପକ୍ଷ ବ୍ରାଣ୍ଡ ଅଧିନରେ ଜୋତା ଖୁଚୁରା ବିକ୍ରି କରେ।



## ବାଲିଯାତ୍ରାରେ ଭାରତ ମସଲାର ଲକି ଡ୍ର'

- ପ୍ରଥମ ଭାଗ୍ୟଶାଳୀ ବିଜେତା ଯାଜପୁରର ବସନ୍ତ
- ଦ୍ୱିତୀୟ ଧାମରାର ଦୀୟା ଓ ୩ୟ ବାଲକାଟିର ଆଶୁତୋଷ



**କଟକ,୭।୧୧(ସମିସ):** ଭାରତ ମସଲା ପକ୍ଷରୁ ଚଳିତ ବର୍ଷ ଗୋଟିଏ ମସଲା କିଣିଲେ ଗୋଟିଏ ଫ୍ରି ରେ ପାଇବା ସ୍କିମ୍ ଜାରି ରହିଛି। ଏତଦ୍‌ବ୍ୟତୀତ ସର୍ବନିମ୍ନ ୨୫୦ ଟଙ୍କାର ମସଲା କିଣି ସୁନିଶ୍ଚିତ ଉପହାର ମଧ୍ୟ ଗ୍ରାହକ ପାଇପାରୁଛନ୍ତି। କେବଳ ସେତିକି ନୁହେଁ ସୁନିଶ୍ଚିତ ଉପହାର ସହ ଗୋଟିଏ ଲକି ଡ୍ର କୁପନ ପାଇବାକୁ ସକ୍ଷମ ହେଉଛି ଜଣେ ଗ୍ରାହକ। ବାଲି ଯାତ୍ରାରୁ ମସଲା କ୍ରୟ କରି କୁପନ ହାସଲ କରିଥିବା ଭାଗ୍ୟଶାଳୀ ବିଜେତାଙ୍କୁ ନେଇ ଆଜି ଭାରତ ମସଲା ପକ୍ଷରୁ ତଳ ପଡିଆରେ ଥିବା ନିଜସ୍ୱ ଷ୍ଟଲରେ ଏକ ଲକି ଡ୍ର କାର୍ଯ୍ୟକ୍ରମ କମ୍ପାନୀର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଲକି ଡ୍ର' ର ଭାଗ୍ୟଶାଳୀ ପ୍ରଥମ ବିଜେତା ଯାଜପୁର ଟାଉନର ବସନ୍ତ କୁମାର ସାହୁଙ୍କୁ ମାଇକ୍ରୋ ଓଭେନ୍, ୨ୟ ବିଜେତା ଭଦ୍ରକ ଧାମରାର ଦିୟା ନାୟକଙ୍କୁ ରେସିଂ ବାଇ ସାଇକେଲ। ୩ୟ ବିଜେତା ବାଲକାଟିର ଆଶୁତୋଷ ପାଣିଗ୍ରାହୀଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ସଦରର ପୂର୍ଣ୍ଣଚନ୍ଦ୍ର ପରିଡାଙ୍କୁ ଫ୍ରାଏ ପ୍ୟାନ୍ ଶ୍ରୀ ପଣ୍ଡା ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଅକ୍ଟୋବରରେ ସେବା କ୍ଷେତ୍ରର ଅଭିବୃଦ୍ଧି ଧିମା

**ନୂଆଦିଲ୍ଲୀ,୭।୧୧(ଏଜେନ୍ସି):** ଗୁରୁବାର ପ୍ରକାଶିତ ଏକ ସର୍ଭେ ଅନୁଯାୟୀ, ପ୍ରତିଯୋଗିତାମୂଳକ ଚାପ ଏବଂ ପ୍ରବଳ ବର୍ଷା ଯୋଗୁଁ ଦେଶର ସେବା କ୍ଷେତ୍ରର ଅଭିବୃଦ୍ଧି ହାର ଅକ୍ଟୋବରରେ ବିଗତ ୫ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏଥିରେ କୁହାଯାଇଛି ଯେ ଚାହିଦାରେ ବୃଦ୍ଧି ଏବଂ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଆଶ୍ୱସ୍ତିର ପରିଚାଳନା ପରିସ୍ଥିତିରେ ଉନ୍ନତି ଆଣିଛି। ଏସ୍‌ଆଣ୍ଡପି ଗ୍ଲୋବାଲ୍ ଦ୍ୱାରା ସଂକଳିତ ଏଚ୍‌ଏସ୍‌ବିସି ଇଣ୍ଡିଆ ସେବା ପର୍ଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍‌ଆଇ) ଅକ୍ଟୋବରରେ ୫୮.୯କୁ ହ୍ରାସ ପାଇଛି ଯାହା ସେପ୍ଟେମ୍ବରରେ ୬୦.୯ ଥିଲା। ଏହି ହ୍ରାସ ଲଗାତାର ଚାରି ମାସ ୬୦ ଉପରେ ପାଠନ ପରେ ଆସିଛି। ସର୍ଭେରେ କୁହାଯାଇଛି, ଅକ୍ଟୋବର ତଥ୍ୟ ଭାରତୀୟ ସେବା ଉତ୍ପାଦନ ଏବଂ ନୂତନ ବ୍ୟବସାୟରେ ହ୍ରାସ ଦେଖାଦେଇଛି, କିନ୍ତୁ ବିସ୍ତାର ପାଇଁ ଯଥେଷ୍ଟ ସ୍ଥାନ ରହିଛି।

## ବେଦାନ୍ତ ଝାରସୁଗୁଡା ଓଡ଼ିଶା ସ୍କୋୟ ମାର୍ଶାଲ ଆର୍ଟସ୍ ଚାମ୍ପିଅନସିପ୍‌ର ଆୟୋଜକ




**ଭୁବନେଶ୍ୱର,୭।୧୧(ସମିସ):** ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ବେଦାନ୍ତ ମାର୍ଶାଲ ଆର୍ଟସ୍ ତାଲିମ କେନ୍ଦ୍ରରେ ୨୦ତମ ଓଡ଼ିଶା ରାଜ୍ୟ ସ୍କୋୟ ମାର୍ଶାଲ ଆର୍ଟସ୍ ଚାମ୍ପିଅନସିପ୍ ଆୟୋଜନ କରିଥିଲା। ଓଡ଼ିଶାର ସ୍କୋୟ ଆସୋସିଏସନ୍ ସହିତ ମିଳିତ ଭାବରେ ଅନୁଷ୍ଠିତ ଏହି ଚାମ୍ପିଅନସିପରେ ରାଜ୍ୟର ୧୯୦ ଜଣ ଯୁବ ଖେଳାଳି ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ, ଯେଉଁମାନେ ଝାରସୁଗୁଡ଼ା, କଟକ, ନବରଙ୍ଗପୁର, ଖୋର୍ଦ୍ଧା, ସମ୍ବଲପୁର, ସୁନ୍ଦରଗଡ଼, ଗଞ୍ଜାମ, ରାୟଗଡ଼ା, ଅନୁଗୁଳ ଏବଂ ପୁରୀ ଭଳି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିଲେ। ସ୍କୋୟ ହେଉଛି ଏକ ପାରମ୍ପରିକ ମାର୍ଶାଲ ଆର୍ଟ ଯାହା ଜମ୍ମୁ ଏବଂ କାଶ୍ମୀର ଅଂଚଳରେ ଉତ୍ପନ୍ନ ହୋଇଥିଲା, ଅନନ୍ୟ ଖଣ୍ଡା-ଢାଲ ଯୁଦ୍ଧ କୌଶଳ ମିଶ୍ରଣ ପାଇଁ ଏହା ଜଣାଶୁଣା। ଏହି କାର୍ଯ୍ୟକ୍ରମରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡାର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ଏବଂ ଝାରସୁଗୁଡାର ଅତିରିକ୍ତ ତହସିଲଦାର ଜ୍ୟୋତି ସାହୁଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ।

## ଶ୍ରୀଲେଦର୍ସର ଭୁବନେଶ୍ୱର ଷ୍ଟୋର୍ ପୁନଃ ଉଦ୍‌ଘାଟିତ




**ଭୁବନେଶ୍ୱର,୭।୧୧(ସମିସ):** ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଶ୍ରୀଲେଦର୍ସ ଭୁବନେଶ୍ୱର ଷ୍ଟୋର ପୁନଃ ଉଦ୍‌ଘାଟିତ ହୋଇଯାଇଛି। ଷ୍ଟୋରର ତଳମହଲାରେ ମହିଳା, ଶିଶୁଙ୍କ ଫୁଟ୍‌ୱେର ଏବଂ ଆସେସୋରିଜ୍, ପ୍ରଥମ ମହଲାରେ ପୁରୁଷଙ୍କ ଫୁଟ୍‌ୱେର ଓ ଆସେସୋରିଜ ଏବଂ ଦ୍ୱିତୀୟ ମହଲାରେ ଫୁଟ୍‌ୱେର ଏବଂ ଆସେସୋରିଜ୍ ଗୁଡିକର ପ୍ରିମିୟମ କଲେକ୍ସନ ରହିଛି। ଏଠାରେ ଗ୍ରାହକଙ୍କ ସୁବିଧା ପାଇଁ ଏସ୍‌କାଲେଜଟର ଲାଗିଛି। ସୂଚନାଯୋଗ୍ୟ ଯେ, ୧୯୯୬ ଜୁଲାଇ ୩ ତାରିଖରେ ଶ୍ରୀଲେଦର୍ସ ଭୁବନେଶ୍ୱର ଖୋଲିଥିଲା। ସେତେବେଳେ ଏହି ଷ୍ଟୋର ୨୨୦୦ ବର୍ଗଫୁଟ ଏବେ ୧୨,୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି। ଏ ସମ୍ପର୍କରେ ଶ୍ରୀଲେଦର୍ସର ଏମ୍‌ଡି ସତ୍ୟବ୍ରତ ଦେ (ଦାଦା) କହିଛନ୍ତି ଯେ, ଆମ ଗ୍ରାହକମାନଙ୍କର ନିରନ୍ତର ପୃଷ୍ଠପୋଷକତା ଆମକୁ ଏହି ଷ୍ଟୋର ସମ୍ପ୍ରସାରିତ କରିବାକୁ ବାଧ୍ୟ କରିଛି ଯଦ୍ୱାରା ଆମେ ଅଧିକ କିସମ ଏବଂ ଡିଜାଇନ ଯୋଗାଇଦେଇ ସେମାନଙ୍କର ଆବଶ୍ୟକତା ପୂରଣ କରିପାରିବୁ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଦପ୍ତର ପ୍ରତିନିଧି ରୋଡିତା ଦେ (ଡାଇରେକ୍ଟର, ଶ୍ରୀଲେଦର୍ସ ଲିମିଟେଡ) ଏବଂ ଭୁବନେଶ୍ୱର ଶ୍ରୀଲେଦର୍ସ ଡିଲରସିପ୍‌ର ମାଲିକ ଜି.କେ.ବେହେରା ଉପସ୍ଥିତ ଥିଲେ।

## ଟାଟା ପାୱାର 'ଓ ମାଇଁ ବିଉଟିଫୁଲ୍ ଓଡ଼ିଶା ଫଟୋଗ୍ରାଫି ପ୍ରତିଯୋଗିତା ସମୟସୀମା ବଢ଼ିଲା



**ଭୁବନେଶ୍ୱର,୭।୧୧(ସମିସ):** ପୂର୍ବ ସଂସ୍କରଣଗୁଡ଼ିକର ଅଭୂତପୂର୍ବ ସଫଳତାରେ ଉତ୍ସାହିତ ହୋଇ ଟାଟା ପାୱାର ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ କମ୍ପାନୀଗୁଡ଼ିକ (ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍ ଏବଂ ଟିପିଡବ୍ଲୁଓଡିଏଲ୍) ସେମାନଙ୍କର ପ୍ରମୁଖ ଫଟୋଗ୍ରାଫି ପ୍ରତିଯୋଗିତା 'ଓ ମାଇଁ ବିୟୁଟିଫୁଲ୍ ଓଡ଼ିଶା ୩.୦ ର ତୃତୀୟ ସଂସ୍କରଣ ଆରମ୍ଭ କରିଛନ୍ତି। କମ୍ପାନୀ ଏହି ପ୍ରତିଯୋଗିତା ମାଧ୍ୟମରେ ରାଜ୍ୟର ଉତ୍ସାହୀ ଫଟୋଗ୍ରାଫରମାନଙ୍କୁ ଓଡ଼ିଶାର ଅତୁଳନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମୃଦ୍ଧ ଜୈବ ବିବିଧତା ପ୍ରଦର୍ଶନ କରିବାକୁ ଆମନ୍ତ୍ରଣ କରିଛି। ଚଳିତ ବର୍ଷର ବିଷୟବସ୍ତୁ ଓଡ଼ିଶାର ବନ୍ୟପ୍ରାଣୀ ଏବଂ ଜୈବବିବିଧ ଭୂଦୃଶ୍ୟ' ଉତ୍ସାହୀ ଫଟୋଗ୍ରାଫର ମାନଙ୍କ ମାଧ୍ୟମରେ ରାଜ୍ୟର ପରିବେଶଗତ ସମ୍ପଦକୁ ଜୀବନ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଘନ ଜଙ୍ଗଲ ଏବଂ ଆର୍ଦ୍ରଭୂମିରୁ ଆରମ୍ଭ କରି ବିଶାଳ ପକ୍ଷୀ ଏବଂ ପ୍ରାଣୀ ସମ୍ପଦ ପର୍ଯ୍ୟନ୍ତ, ଏହି ପ୍ରତିଯୋଗିତା ଓଡ଼ିଶାର ପ୍ରାକୃତିକ ବିବିଧତା ଓ ପ୍ରକୃତି ସହିତ ଏହାର ଗଭୀର ସମ୍ପର୍କକୁ ପାଳନ କରୁଛି। ଲଗାତାର ତୃତୀୟ ବର୍ଷ ଧରି ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା, ବର୍ତ୍ତମାନ କମ୍ପାନୀର ଦୀର୍ଘ ସ୍ଥାୟୀତ୍ୱ ଏବଂ ସାଂସ୍କୃତିକ ପରିଚାଳନା ପ୍ରୟାସର ଏକ ଅଂଶ ଭାବରେ ଗୋଷ୍ଠୀ କୈନ୍ଦ୍ରିକ ଆକର୍ଷଣୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ଏହି ଅଭିଯାନ ସୃଜନଶୀଳ ଅଭିବ୍ୟକ୍ତି ମାଧ୍ୟମରେ ପରିବେଶ ସଚେତନତା, ସ୍ଥାନୀୟ ଗୌରବ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି।

● ମଦ୍ୟପ ଟ୍ରାକ୍ଟର ଚାଳକର ଉନ୍ମତ୍ତ କାଣ୍ଡ

## ଭାଙ୍ଗିଲା ୩ ଟ୍ରଲି; ୪ ଗୁରୁତର



**କଟକ, ୭।୧୧(ସମିସ):** ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ କାର୍ତ୍ତିକ ପୂଜା ଭସାଣି ବେଳେ ଅଘଟଣ ଘଟିଛି। ଷ୍ଟୁଆର୍ଟ କଲେଜ ନିକଟରେ ବିଳମ୍ବିତ ରାତିରେ ଏକ ଶୋଭାଯାତ୍ରା ଯାଉଥିବା ବେଳେ ଶୋଭାଯାତ୍ରାରେ ବାଜା ନେଇକି ଯାଉଥିବା ଏକ ଟ୍ରାକ୍ଟର ଟ୍ରଲି ଚାଳକଙ୍କ ଉପରେ ମାଡ଼ିଯିବାରୁ ଦୁର୍ଘଟଣା ଘଟିଛି। ଶୋଭାଯାତ୍ରାକାରୀ ଦଳ ରାସ୍ତା ଉପରେ ବସିକି ଖାଉଥିବା ବେଳେ ଲାଇଟ୍ ଗେଟ୍ ଲାଗିଥିବା ଟ୍ରଲି, ଲାଇଟ୍ ରାସ୍ତାକଡ଼ରେ ରଖିଥିଲେ। ଏହି ସମୟରେ ମଦ୍ୟପ ଡ୍ରାଇଭର ଜଣକ ଟ୍ରାକ୍ଟରଟିକୁ ଦ୍ରୁତଗତିରେ ଆଣି ଟ୍ରଲି ଉପରେ ଚଢାଇ ଦେଇଥିଲା। ଏଥିରେ ୩ଟି ଟ୍ରଲି ଭାଙ୍ଗିବା ସହ ୪ଜଣ ଶୋଭାଯାତ୍ରାକାରୀ ଗୁରୁତର ହୋଇଛନ୍ତି। କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଗୁରୁତର ଶୋଭାଯାତ୍ରାକାରୀଙ୍କୁ ଏସସିବିକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରାଯାଇଥିବା ବେଳେ ମଦ୍ୟପ ଡ୍ରାଇଭରକୁ ଅଟକ ରଖାଯାଇଛି।

## ସମ୍ପର୍କୀୟ ଖୁଡ଼ୀ ଓ ଭଉଣୀକୁ ଅସଦାଚରଣ; ପୁତୁରା ଗିରଫ

**ସାଲେପୁର, ୭।୧୧(ସମିସ):** ପାରିବାରିକ କଳହକୁ କେନ୍ଦ୍ରକରି ନିଜ ସଂପର୍କୀୟ ଖୁଡ଼ୀ ଓ ଭଉଣୀକୁ ଗାଳିଗୁଲଜ କରିବା ସହ ଅସଦାଚରଣ କରିବା ଅଭିଯୋଗରେ ସାଲେପୁର ପୁଲିସ ପୁତୁରାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସାଲେପୁର ଥାନା ତେନ୍ତୋଳ ଗ୍ରାମର ପ୍ରଫୁଲ୍ଲ ସାମଲ ନିୟମିତ ବ୍ୟବଧାନରେ ଖୁଡ଼ୀ ନୟନା ସାମଲ ଓ ତାଙ୍କ ଝିଅ ପୂଜା ସାମଲକୁ ଗାଳିଗୁଲଜ କରିବା ସହ ଅସଦାଚରଣ ପ୍ରଦର୍ଶନ କରୁଥିଲା। ନୟନା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୫୪୮/୨୦୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୁତୁରା ପ୍ରଫୁଲ୍ଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଥାନା ଆଇଆଇସି ଅନିତା ସାମଲ ପ୍ରକାଶ କରିଛନ୍ତି।

## ଜରିଆ ଚରମ ଘାଟରେ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ

**ମାହାଙ୍ଗା, ୭।୧୧(ସମିସ):** ଠାକୁର ଶ୍ରୀ ଶ୍ରୀ କେଶବ ଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ମାହାଙ୍ଗା ବଗାରସ୍ଥିତ ପ୍ରସିଦ୍ଧ ବିଶ୍ୱଭାତୃତ୍ୱ ଦିବ୍ୟମ୍ବା ପରିଷଦ ଓ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, ସ୍ୱର୍ଣ୍ଣକ୍ଷେତ୍ର ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୁଣ୍ୟତୋୟା ଜରାଆ ନଦୀର ଚରମ ଘାଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ବହୁ ଶ୍ରଦ୍ଧାଳୁମାନେ ଜରାଆ ଚରମ ଘାଟରେ ବୁଡ ପକାଇବା ସହିତ ଅସ୍ଥି ବସର୍ଜନ, ପିଣ୍ଡଦାନ, ମୁଣ୍ଡନ କ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ବ୍ରାହ୍ମ ମୁହୂର୍ତ୍ତରୁ ବେଦପାଠ, ବିଷ୍ଣୁ ସହସ୍ରନାମ, ହୋମ ଓ ଅଖଣ୍ଡନାମସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ବିଶ୍ୱଭାତୃତ୍ୱ ଦିବ୍ୟାମ୍ବା ପରିଷଦ, ସ୍ୱର୍ଣ୍ଣକ୍ଷେତ୍ର ପରିଷଦର ସଭାପତି ନିମାଇ ଚରଣ ଦାସ, ସାଧାରଣ ସମ୍ପାଦକ ସୁରେଶ ଜେନା, ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘର ସାଂଗଠନିକ ମୁଖ୍ୟ କୈଳାସ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ କୈଳାସଚନ୍ଦ୍ର ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉକ୍ତ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭିରୁଡ଼ା ଓ ହରିଡ଼ାପଶିରେ ଅବକାରୀ ଚଢ଼ଉ



**ତିଗିରିଆ, ୭।୧୧(ସମିସ):** ତିଗିରିଆ ଥାନା ଭିରୁଡ଼ା ପଞ୍ଚାୟତସ୍ଥିତ ଭିରୁଡ଼ା ଗ୍ରାମର ଉପରଗଡ, ଗରପଡ଼ା, ପାଇକସାହି ଓ ଅଚଳକୋଟରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ ସହଯୋଗରେ ମିଳିତ ଚଢ଼ଉ କରାଯାଇଥିଲା। ସର୍ବମୋଟ ୧୩୩୦ ଲିଟର ଦେଶୀ ମଦ ସହ ୧୦୯ ୯୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଚଢ଼ଉରେ ବିଭାଗ ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଥିବା ବେଳେ କାହାକୁ ଗିରଫ କରାଯାଇନାହିଁ। ଚଢ଼ଉରେ ଆଠଗଡ ଅବକାରୀ ଉପଅଧୀକ୍ଷକ ସିଏଚ ତିରୁପତି, ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, ବାଙ୍କୀ ଅବକାରୀ ଉପନିରୀକ୍ଷକ ବିଶ୍ୱଜିତ ଆରୁଖଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଯବାନଙ୍କ ପରିବାରକୁ ଆକ୍ରମଣ ଅଭିଯୋଗ

**ତିଗିରିଆ, ୭।୧୧(ସମିସ):** ତିଗିରିଆ ଥାନା ଅଧୀନ ବିନ୍ଧାଣିମା ଗ୍ରାମର ମେଡିକାଲ ଛକରେ ରହୁଥିବା ଅବସରପ୍ରାପ୍ତ ଯବାନଙ୍କ ପରିବାର ଲୋକଙ୍କୁ ଗ୍ରାମର ବଡ଼ ପାଇକସାହିର ଦୁଇଜଣ ଯୁବକ ମଦ୍ୟପାନ କରି ଆକ୍ରମଣ କରିଥିବା ନେଇ ଯବାନଙ୍କ ପରିବାର ପକ୍ଷରୁ ତିଗିରିଆ ଥାନାରେ ଅଭିଯୋଗ କରାଯାଇଛି। ଏହି ଘଟଣାରେ ଯବାନଙ୍କ ଭାଇ, ପୁଅ ଓ ଝିଅ ଆହତ ହୋଇଥିବା ଜଣାପଡିଛି। ଘଟଣାରେ ସେନା କର୍ମଚାରୀଙ୍କ ପରିବାର ପକ୍ଷରୁ ପ୍ରତିବାଦ କରାଯାଇଥିଲା ବେଳେ ଉତକ୍ଷିପ୍ତ ହୋଇ ଯୁବକ ଦୁଇଜଣ ତାଙ୍କ ଭାଇକୁ ଆକ୍ରମଣ କରିଥିଲେ। ଉକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପୁଅ, ଝିଅ ପ୍ରମୁଖ ଘଟଣାସ୍ଥଳରେ ପ୍ରତିବାଦ କରିବାରୁ ଆକ୍ରମଣକାରୀ ଉଭୟଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣ ଘଟଣାର ଭିଡିଓ ଉତ୍ତୋଳନ କରାଯାଇଥିବା ବେଳେ ତାହା ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି।

**ପାନୀୟଜଳରୁ ବଞ୍ଚିତ ବଡ଼ପୋଖରୀ ଗାଁ**

# ପାଞ୍ଚ ମାସହେଲା ସୌର ପାଣି ଟାଙ୍କି ଅଚଳ

**ଅଭିଯୋଗ ଶୁଣୁନି ପ୍ରଶାସନ**

**ଟାଙ୍ଗୀ, ୭ ।୧୧(ସମିସ):** ଜନସାଧାରଣ ପାନୀୟଜଳ ପାଇବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କରାଯାଇଛି। ପ୍ରକୃତରେ ଯୋଜନା ଯୋଜନାରେ ରହିଯାଉଥିବା ଅନୁଭବ ହେଉ ନାହିଁ। ବିଗତ ସରକାର ଯେଉଁ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି ତାହା ଯଦି ଅଚଳ ହୋଇଯାଉଛି ବର୍ତ୍ତମାନ ଶାସନ କଳ ତାକୁ ଆଉ ମରାମତି କରୁନି କି ନୂତନ ଜଳଯୋଗାଣ କରୁନାହାନ୍ତି। ଯାହାଫଳରେ ଜନସାଧାରଣ ପାନୀୟଜଳ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମସ୍ୟା ଦେଖିବାକୁ ମିଳିଛି କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ବଡପୋଖରୀ ଗାଁରେ। ସୂଚନା ଅନୁସାରେ, ବଡ଼ପୋଖରୀ ଗାଁରେ ୪୧ ଆଦିବାସୀ ପରିବାର ବାସ କରନ୍ତି। ଜନସାଧାରଣଙ୍କ ପାନୀୟ ଜଳ ନିମନ୍ତେ ବିଗତ ସରକାର ସୋଲାର ଟାଙ୍କିର ବ୍ୟବସ୍ଥା କରିଥିଲେ। ପାଞ୍ଚ ମାସ



ହେଲା ଉକ୍ତ ସୋଲାର ପାଣି ଟାଙ୍କି ଖରାପ ହେବା ଫଳରେ ଆଦିବାସୀ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଖରୀ ଓ ପଥର ଖାଦାନ ପାଣି ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି। ଉକ୍ତ ସୋଲାର ପାନୀୟ ଜଳ ମରାମତି ନିମନ୍ତେ ବିଡ଼ିଓ ଓ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାହା ମରାମତି ହୋଇପାରି ନାହିଁ। ଯଦି ଉକ୍ତ ସୋଲାର ଜଳ ମରାମତି କରା ନ ଯାଏ ସମସ୍ତ ଆଦିବାସୀ ମହିଳା ଗରା ବାଲ୍ଟି ଧରି ବ୍ଲକ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ ଜଣାଇଛନ୍ତି।

## ପୂର୍ବ ଶତ୍ରୁତାରୁ ୨ ପରିବାର ଭିତରେ ଗଣ୍ଡଗୋଳ

**ଭଦ୍ରେଶ୍ୱର, ୭।୧୧(ସମିସ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଗୋପାଳପୁର ଗ୍ରାମପଞ୍ଚାୟତ ବେଗୁନିଆପଦା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଙ୍ଘର୍ଷର ସୂତ୍ରପାତ ହୋଇଛି। ଏହି ସଙ୍ଘର୍ଷରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲା ବେଳେ ଜଣଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିଲା ବେଳେ ଜଣେ ଗୁରୁତର ଥିବାର ଜଣାଯାଇଛି। ଦୀର୍ଘ ଦିନ ହେଲା ବେଗୁନିଆପଦା ଗ୍ରାମର ରାନୁ ଦାସଙ୍କ ପରିବାର ମଧ୍ୟରେ ଏକ ଜମିକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଏକାଧିକବାର ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ତରଫରୁ କୌଣସି ଦୃଷ୍ଟାନ୍ତମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହି ବିବାଦ ଶୁକ୍ରବାର ଦିନ ଉଗ୍ରରୂପ ଧାରଣ କରିଥିଲା। ଏହି ଆକ୍ରମଣରେ ଉଭୟ ପକ୍ଷର ଅଭିରାମ ଦାସ(୭୫), ରାନୁ ଦାସ (୪୨), ସସ୍ମିତା ଦାସ(୪୫), ପ୍ରଭାସିନୀ ଦାସ (୨୨) ୪ ଜଣ ଆହତ ହୋଇଛନ୍ତି। ଏହି ୪ ଆହତଙ୍କ ମଧ୍ୟରୁ ୨ଜଣ ପୃଥକ ପୃଥକ ଭାବେ ଥାନାରେ ଲିଖିତ ଅଭିଯୋଗ କରି ଘରକୁ ଫେରିଆସିଥିଲେ। ତେବେ ଘରକୁ ଫେରିଆସିବା ପରେ ପୁନର୍ବାର ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ୨ ଗୋଷ୍ଠୀ ପରସ୍ପର ଉପରେ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅପରପକ୍ଷର ଶୈଳେନ୍ଦ୍ର ଗୁରୁ (୪୫) ଓ ତାଙ୍କ ଭାଇ ଧିରେନ୍ଦ୍ର ଗୁରୁ(୪୮) ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଦୁଇ ଭାଇଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ଶୈଳେନ୍ଦ୍ର ଓ ଧିରେନ୍ଦ୍ରକୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଶୈଳେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାର ଜଣାଯାଇଛି। ଅପରପକ୍ଷରେ ଶୈଳେନ୍ଦ୍ରଙ୍କ ପରିବାର ପକ୍ଷରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗିରହିଛି।

**୪ ଆହତ, ୨ ଗୁରୁତର, ଥାନାରେ ୩ ଅଭିଯୋଗ**

## ଏନ୍‌ସିସି ପକ୍ଷରୁ ହେରିଟେଜ ୱାକ୍



**କଟକ, ୭।୧୧(ସମିସ):** ଭାରତର ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ, କଟକ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟରେ ଏକ ଅଭିନବ ହେରିଟେଜ୍ ୱାକ୍ ଆୟୋଜନ କରାଯାଇଛି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ୧୫ ଶହରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ୍‌ମାନେ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା ଐତିହାସିକ ବାରବାଟୀ ଦୁର୍ଗଠାରୁ ଆରମ୍ଭ ହୋଇ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ଦେଇ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ପର୍ଯ୍ୟନ୍ତ ଅତିକ୍ରମ କରିଥିଲା। କ୍ୟାଡେଟ୍‌ମାନେ ବ୍ୟାନର୍, ପୋଷ୍ଟର ନେଇ ଜାତୀୟ ଏକତା, ସାହସ ଓ ଯୁବ ଶକ୍ତିର ଗୀତ ଗାଇଥିଲେ। ଏହାସହ ଏକ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭିନ୍ନ ଏନ୍‌ସିସିର ଅଧିକାରୀ, ଅଧ୍ୟାପକ ଓ ସ୍ଥାନୀୟ ଗଣମାନ୍ୟ ଅତିଥିମାନେ ଫ୍ଲାଗ୍ ଅଫ୍ କରିଥିଲେ। ଏହି ଅବସରରେ କଟକ ଗ୍ରୁପ୍‌ର ଗ୍ରୁପ୍ କମାଣ୍ଡର୍ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଆମ ଗୌରବମୟ ଅତୀତ ଓ ଆଜିର ଯୁବ ଶକ୍ତି ମଧ୍ୟରେ ଥିବା ସମ୍ପର୍କକୁ ସୁଦୃଢ଼ କରିଛି। ସାମୁଦ୍ରିକ ସଂଗ୍ରହାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ଓ ଦେଶପ୍ରେମ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଏଫ୍‌ଏସ୍‌ଟିପି କେନ୍ଦ୍ର ସମ୍ପ୍ରସାରଣ ପ୍ରକଳ୍ପର ଶିଳାନ୍ୟାସ

**ଚୌଦ୍ୱାର, ୭।୧୧(ସମିସ):** ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହିରେ ପ୍ରତିଷ୍ଠିତ ମଳପଙ୍କ ବିଶୋଧନା ଗାର (ଏଫ୍‌ଏସ୍‌ଟିପି)ର ସଂପ୍ରସାରଣ ବ୍ଲକ୍ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଆଡମିନିଷ୍ଟ୍ରେଟିଭ ବିଲଡିଂ ପ୍ରକଳ୍ପକୁ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଶିଳାନ୍ୟାସ କରିଥିଲେ। ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ପୌରପାଳିକା ତରଫରୁ ପୂର୍ବରୁ ଏହି ସ୍ଥାନରେ ମଳପଙ୍କ ବିଶୋଧନାଗାର ପ୍ରତିଷ୍ଠା ସହିତ ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପ ପାଇଁ ଉକ୍ତ ସ୍ଥାନରେ ପୌରପାଳିକା ତରଫରୁ ପ୍ରାୟ ୫ଏକର ଜମି ପୌରପାଳିକା ଅଧିଗ୍ରହଣ କରିଥିଲା। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଶେଷ ଉକ୍ତ ସ୍ଥାନକୁ ଜବରଦଖଲ କରି ବେଆଇନ ଭାବେ ଗୃହ ନିର୍ମାଣ କରିଥିଲେ। ପୌରପାଳିକା ତରଫରୁ ଏହି ଜବରଦଖଲକୁ ଉଚ୍ଛେଦ କରାଯାଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ପ୍ରକାଶ କରି ଖୁବ ଶୀଘ୍ର ବାକିଥିବା ସରକାରୀ ଯାଗା ଚିହ୍ନଟ କରାଯାଇ ଦଖଲକୁ ନିଆଯାଇ ଅନ୍ୟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ଯନ୍ତ୍ରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।




## ପ୍ରାଧ୍ୟାପିକା ନିବେଦିତା ପଟ୍ଟନାୟକଙ୍କ ବିୟୋଗରେ ଶୋକ

**କଟକ, ୭ ।୧୧(ସମିସ):** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପିକା ତଥା ମୁଖ୍ୟ ନିବେଦିତା ପଟ୍ଟନାୟକଙ୍କ ବିୟୋଗରେ ସ୍ଥାନୀୟ ଗଡ଼ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର ପୂର୍ବତନ ସଭାପତି ପ୍ରଫେସର ଦିନେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତି, ଅଧ୍ୟାପକ ଅକ୍ଷୟ କୁମାର ଦାଶ, ଡକ୍ଟର ସଚୀନ୍ଦ୍ର ରାଉଳ, ଡକ୍ଟର ଅଶୋକ କୁମାର ରାୟ ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ପୁତ୍ରବଧୂ ତଥା ସାହିତ୍ୟିକ ଅଖିଳ ମୋହନ ପଟ୍ଟନାୟକଙ୍କ କନ୍ୟା ନିବେଦିତା ପଟ୍ଟନାୟକଙ୍କ ଗତମାସ ୨୮ ତାରିଖରେ ବାଙ୍ଗାଲୋରଠାରେ ହୃଦ୍‌ଘାତରେ ପରଲୋକ ହୋଇଥିଲା। ସେ ସେଠାରେ ତାଙ୍କର ଝିଅ ସାବେରୀ ମହାନ୍ତିଙ୍କ ବାସଭବନରେ ଅବସ୍ଥାନ କରୁଥିଲେ।

## ଭାରତୀୟ ପାନୋରମାରେ ପ୍ରଦର୍ଶିତ ହେବ 'ମହିମା ଅଲେଖ'

**କଟକ, ୭।୧୧(ସମିସ):** ଓଡ଼ିଶାରେ ଜନ୍ମିତ ମହିମା ଧର୍ମ ଉପରେ ଆଧାରିତ ଚଳଚ୍ଚିତ୍ର 'ମହିମା ଅଲେଖ' ଆସନ୍ତା ୫୬ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ-୨୦୨୫ର ସମ୍ମାନଜନକ ଭାରତୀୟ ପାନୋରମା ବିଭାଗରେ ପ୍ରଦର୍ଶିତ ହେବା ପାଇଁ ମନୋନୀତ ହୋଇଛି। କାଦମ୍ବିନୀ ମିଡିଆ ଓ ଡିଜିଏଫ୍ ଫାଇଭ୍ ସି'ର ମିଳିତ ବ୍ୟାନର୍‌ରେ ନିର୍ମିତ ତଥା ଡ. ଅଚ୍ୟୁତ ସାମନ୍ତଙ୍କ ନିବେଦିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା ଡ.ଇତି ସାମନ୍ତ ଓ ଡ.ସ୍ନେହାଶ୍ରୀ ସ୍ୱାଇଁ କରିଥିବା ବେଳେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ବିଶିଷ୍ଟ ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ନିର୍ଦ୍ଦେଶନା ଦେଇଛନ୍ତି। ଓଡ଼ିଶାର ଧର୍ମ ପ୍ରବାହରେ ମହିମା ଧର୍ମ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ସୂଚନା ଅନୁସାରେ, ମହିମା ଧର୍ମର ଦର୍ଶନ, ନିୟମ ଶୃଙ୍ଖଳା, ସୋପାନ ଭେଦ, ଧର୍ମ ପରିଚ୍ଛଦ, ଆହାର ବିହାର ବିଧି, ନିର୍ଦ୍ଦିଷ୍ଟ ପଦ୍ଧତିର ଈଶ୍ୱର ଧ୍ୟାନ ଓ ଭଜନ, ସଂଘ ଚେତନା ଆଦିକୁ ଭିତ୍ତି କରିଛି 'ମହିମା ଅଲେଖ'ର କାହାଣୀ।




## ଏସିଆନ୍ ଲାକ୍ରୋସ୍ ଦଳରେ ଜିତେନ୍ଦ୍ର

**ସାଲେପୁର, ୭ ।୧୧(ସମିସ):** ଚଳିତ ମାସ ୧୮ ତାରିଖରୁ ୨୨ ତାରିଖ ମଧ୍ୟରେ ସାଉଦିଆରବର ରିୟାଦ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ଲାକ୍ରୋସ୍ କ୍ରୀଡ଼ାରେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ରାମକାପୁର ଗ୍ରାମର ଶ୍ରୀଧର ଓ ମିନତୀ ବେହେରାଙ୍କ ପୁତ୍ର ଜିତେନ୍ଦ୍ର ବେହେରା। ଏହାଦ୍ୱାରା ଓଡ଼ିଶାର ପରିଚୟକୁ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ଯାଉଥିବାରୁ ସାଲେପୁର ସମେତ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଅଞ୍ଚଳର କ୍ରୀଡ଼ାପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ସାଇକଲ ଚାଳକଙ୍କୁ ଧକ୍କାଦେଇ ପିକ୍‌ଅପ ଦୁର୍ଘଟଣାଗ୍ରସ୍ତ

**କଣ୍ଟାପଡ଼ା, ୭।୧୧(ସମିସ):** ଓଲଟପୁର ଥାନା ଫୁଲନଖରା-ନିଆଳି ରାଜ୍ୟ ରାଜପଥ ନଂ ୬୦ର ବାଗଲପୁର ନିକଟରେ ଅପରାହ୍ନ ୪ଟାରେ ଏକ ପିକ୍‌ଅପ ଭ୍ୟାନ୍ ଜଣେ ସାଇକଲ ଚାଳକଙ୍କୁ ଧକ୍କା ଦେଇ ଗୁରୁତର କରିବା ପରେ ରାସ୍ତାକଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଗାଡିଟି ସେଠାରେ ଅଟକି ଯାଇଥିଲା। ଏହି ଦୁର୍ଘଟଣାରେ ୫୦ ବର୍ଷର ସାଇକଲ ଚାଳକ ଗୁରୁତର ହୋଇଥିବା ବେଳେ ଗାଡିର ବାମ ପାଶ୍ୱର୍ରେ ବସିଥିବା ଜଣେ ଯାତ୍ରୀ ଓ ଚାଳକଙ୍କ ଜୀବନ ଅଳ୍ପକେ ବଞ୍ଚିଯାଇଛି। ଗାଡିଟି କଟକ ଜଗତପୁରଠାରୁ ସ୍କୁଲର ମଧ୍ୟାହ୍ନଭୋଜନ ପାଇଁ ଉଦ୍ଦିଷ୍ଟ ଚାଉଳ ନିଆଳି ଓ କଣ୍ଟାପଡା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲରେ ଦେଇ ଫେରୁଥିବା ବେଳେ ଚାଳକ ଜଣକ ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଇଥିଲା। ସ୍ଥାନୀୟ ଯୁବକ ଏବଂ ଓଲଟପୁର ପୁଲିସ ଗୁରୁତର ଆହତ ସାଇକଲ ଚାଳକଙ୍କୁ ଡାକ୍ତରଖାନାକୁ ପଠାଇବା ସହ ଗାଡି ଓ ସାଇକଲକୁ ଥାନାକୁ ନେଇଯାଇଛି।



# ଜ୍ଞାନପ୍ରଭା ମିଶନର 'ଶକ୍ତି ରୂପେଣ ସଂସ୍ଥିତା' ଛାତ୍ରୀ ସମ୍ମିଳନୀ

**କଟକ, ୭।୧୧(ସମିସ)**

ଜ୍ଞାନପ୍ରଭା ମିଶନ ଆନୁକୂଲ୍ୟରେ ତୃତୀୟ ଥର ପାଇଁ ଶ୍ରୀଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ 'ଶକ୍ତି ରୂପେଣ ସଂସ୍ଥିତା' କାର୍ଯ୍ୟକ୍ରମ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡ଼ିୟମ୍‌ରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦାନ କରିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଝିଅମାନଙ୍କୁ ଚରିତ୍ର ଗଠନ, ସଦାଚାର, ପବିତ୍ରତା ଆଉ ସଂଯମତା ଶକ୍ତିରେ ଜାଗ୍ରତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଯୋଗଦାନ କରି କଟକ ବାରବାଟୀର ବିଧାୟିକା ସୋଫିଆ ଫିର୍ଦୋଷ ପିଲାମାନଙ୍କୁ ବଡ ଭାବିବା ଆଉ ବଡ ହେବାର ସ୍ୱପ୍ନ ଦେଖିବାକୁ କହିଥିଲେ। କୋଶଳ ଗ୍ରୁପର ପ୍ରତିଷ୍ଠାତ୍ରୀ ଡ. ପଦ୍ମିନୀ ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଥିଲେ। ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି ଆଜିର ଝିଅର କର୍ତ୍ତବ୍ୟ ବିଷୟରେ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହାପୁନମ୍ ତାପସ କୁମାର ଯୋଗଦାନ କରି ପିଲାମାନଙ୍କୁ ଆଧୁନିକ ସଭ୍ୟତା ଆଉ ସୁଯୋଗର ସୁବିନିଯୋଗ କରିବା ପାଇଁ ପ୍ରେରଣା ଦେଇଥବା ବେଳେ ଡ.ଶ୍ୟାମା କାନୁନଗୋ ଝିଅଙ୍କୁ ସବୁ କାର୍ଯ୍ୟକୁ ଦିବ୍ୟତାର ସହିତ ସମ୍ପାଦିତ କରିବାକୁ କହିଥିଲେ। ଜିଏସଟି ଅତିରିକ୍ତ ଆୟୁକ୍ତ ପ୍ରତିମା ମହାନ୍ତିଙ୍କ ଉପସ୍ଥିତି ପିଲାମାନଙ୍କୁ ଉତ୍ସାହିତ କରିଥିଲା। ଜ୍ଞାନପ୍ରଭା ମିଶନର ସଭାପତି ଜ୍ୟୋତି ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ। ଉକ୍ତ ବିଶାଳ ଛାତ୍ରୀ ସମାବେଶରେ ବାଳିକାଙ୍କୁ ପ୍ରାର୍ଥନା, ଧ୍ୟାନ ଓ ଯୋଗାସନର ଶିକ୍ଷା ପ୍ରଦାନ କରାଯାଇଥିଲା। ପୂଜ୍ୟ ଗୁରୁଜୀଙ୍କ ଲିଖିତ 'ଆମେ ଜାଗ୍ରତ ମାତୃ ଶକ୍ତି' ଓ "ଡରି ନାହୁଁ ଆମେ ଡରିବୁ ନାହିଁ" ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରମହଂସ ପ୍ରଜ୍ଞାନାନନ୍ଦଜୀ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ସ୍ୱାଗତ ଅଭିଭାଷଣ ଜ୍ଞାନପ୍ରଭା ମିଶନର ଉପସଭାପତି ସ୍ୱାମୀ ଜ୍ଞାନସ୍ୱରୂପାନନ୍ଦ ଗିରି ପ୍ରଦାନ କରିଥିଲେ ଏବଂ ସମ୍ପାଦିକା ସ୍ୱାମୀ ଶାରଦାନନ୍ଦ ଗିରି ଏହି ମିଶନର ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ତଥା ଶକ୍ତି ରୂପେଣ ସଂସ୍ଥିତା ବିଷୟରେ ସଂକ୍ଷେପରେ ସୂଚନା ଦେଇଥିଲେ। ଜ୍ଞାନପ୍ରଭା ମିଶନର ସହ ସଂପାଦିକା ସ୍ୱାମୀ ଗିରିଜାନନ୍ଦ ଗିରି ଧନ୍ୟବାଦ ଦେଇଥିଲେ। ରଞ୍ଜିତା ଧଳ ଏବଂ ବାଣୀ ଶତାବ୍ଦୀ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମଟି ଜ୍ଞାନପ୍ରଭା ମିଶନ କଟକ ଓ ଭୁବନେଶ୍ୱରର ସମସ୍ତ ସଦସ୍ୟା ଓ ସଦସ୍ୟଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା।




## ବିନ୍ଧାଣିମାରେ ପଞ୍ଚୁକ ଯାତ୍ରା ଭସାଣି ଶେଷ

**ତିଗିରିଆ, ୭।୧୧(ସମିସ):** ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ପଞ୍ଚାୟତରେ ଚାଲିଥିବା ପଞ୍ଚୁକ ଯାତ୍ରାର ଆଜି ଭସାଣି ପର୍ବ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ଏହି ଯାତ୍ରା ଗତ ବୁଧବାର ମୁଣ୍ଡନ ଯାତ୍ରାରେ ଉଦଯାପିତ ହୋଇଥିବା ବେଳେ ଗତକାଲି ଗୁରୁବାର ଥିବାରୁ ଆଜି ଭସାଣି ପର୍ବ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ୧୮ ଟି ଯାକ ପୂଜା କମିଟିର ମେଢ଼ ଦିନ ୧୧ଟାରେ ହାଟ ଛକ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରେ ଦିନ ୧୨ଟା ସମୟରେ ସମସ୍ତ ପୂଜା କମିଟିର ସଭାପତି ଓ ଯାତ୍ରା ମହାସଙ୍ଘର ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପେଣ୍ଡାଲ ପୂଜା କମିଟି, ହାଟ ଛକ, କୁଞ୍ଜବିହାରିପୁର ଶାସନ, କଳ୍ପନା ଛକ, ଚତୁର୍ଥ, ଜଗନ୍ନାଥ ସାହି, ବଡ଼ପାଇକ ସାହି, ଚଣ୍ଡୀ ସାହି, ବଡ଼ କୁମ୍ଭାର ସାହି, ବାଇପାସ ପୂଜା କମିଟି, କରଣ ସାହି, ପାଟଣା ସାହି, ବସଷ୍ଟାଣ୍ଡ, ଜୟହିନ୍ଦ କ୍ରୀଡା ଓ ସାଂସ୍କୃତିକ କ୍ଲବ, ବୃନ୍ଦାବନଜୀଉ ପୂଜା, କମଳେଇ ବିମଳେଇ ପୂଜା କମିଟି, ଶିବଶମ୍ଭୁ ପୂଜା କମିଟି, ହରିହରପୁର ଶାସନ ଓ ମଠ ସାହି ପୂଜା କମିଟିର ମେଢ଼ ଯାଇ ବିନ୍ଧାଣିମା ପଞ୍ଚାୟତ ପରିଭ୍ରମଣ କରିଥିଲେ। ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଭକ୍ତମାନେ ସମସ୍ତ ମେଢ଼ଙ୍କୁ ପଞ୍ଚାୟତ ପରିକ୍ରମା କରାଇଥିଲେ। ସନ୍ଧ୍ୟାରେ ବିନ୍ଧାଣିମା ମେଡିକାଲ ଛକ ନିକଟରେ ଭସାଣି ଉତ୍ସବକୁ ଉଦଯାପିତ କରାଯାଇ ମୃଣ୍ମୟୀ ମୂର୍ତ୍ତିକୁ ଗାଈ ନାଳ, କୁସୁନ୍ଦା ପୋଖରୀ ଓ ରାଜୁଆଣୀ ପୋଖରୀରେ ବିସର୍ଜନ କରାଯାଇଥିଲା। ତିଗିରିଆ ପୁଲିସ ସମେତ ଅତିରିକ୍ତ ଫୋର୍ସ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।



# ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ

## ପୁଣି ଜବତ ହେଲା ଗୁପ୍ତ କ୍ୟାମେରା



**ପୁରୀ, ୭।୧୧(ସମିସ):** ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଗୁପ୍ତ କ୍ୟାମେରା। ଗୁଜରାଟର ଜଣେ ଶ୍ରଦ୍ଧାଳୁ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ବେଳେ ଜେଟିପି ଏବଂ ସେବାୟତ ତାଙ୍କୁ ଧରିଛନ୍ତି। ଯୁବକଜଣଙ୍କ ହେଲେ, ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡେ। ତାଙ୍କଠାରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଜବତ କରାଯାଇଛି। ଏହି ଘଟଣାରେ ସିଂହଦ୍ୱାର ଥାନା ପୁଲିସ ଭରତଙ୍କୁ ପଚରାଉଚରା କରିଛି। ଅପରପକ୍ଷେ, ଏହି ଘଟଣା ପୁଣିଥରେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ବିଭିନ୍ନ ସମୟରେ ଏହା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ଶୁକ୍ରବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି।

ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଭରତ ଗୁପ୍ତ କ୍ୟାମେରା ସଂଯୋଗ ଥିବା ଚଷମା ପିନ୍ଧି ମନ୍ଦିର ଭିତରକୁ ଯାଇଥିଲେ। ପ୍ରବେଶ ପଥରେ ଏହା ଜଣାପଡ଼ି ନଥିଲା। ତେବେ ଜଗମୋହନ ନିକଟରେ ସନ୍ଦେହ ହେବାରୁ ତାଙ୍କୁ ସେବାୟତ ଓ ଜେଟିପି ଧରିଥିଲେ। ତାଙ୍କୁ ସିଂହଦ୍ୱାର ଥାନାକୁ ହସ୍ତାନ୍ତର କରିଥିଲେ। ସିଂହଦ୍ୱାର ପୁଲିସ ଭରତଙ୍କଠାରୁ ଗୁପ୍ତ କ୍ୟାମେରା ଲାଗିଥିବା ଚଷମାକୁ ଜବତ କରିବା ସହ ତାଙ୍କୁ ପଚରାଉଚରା ମଧ୍ୟ କରାଯାଇଥିଲା। ତେବେ ଏହି ପଚରାଉଚରା କରାଯିବା ପରେ ଆଗାମୀ ଦିନରେ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ତାଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି। ସେପଟେ ଶ୍ରୀମନ୍ଦିର ଭିତରୁ କ୍ୟାମେରା ଜବତ ହେଲେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଇନ ନାହିଁ। କେବଳ ଜରିମାନା ଦେବାର ନିୟମ ରହିଛି। ଏଣୁ ରାଜ୍ୟ ସରକାର ଶ୍ରୀମନ୍ଦିର ଆଇନରେ ତୁରନ୍ତ ପରିବର୍ତ୍ତନ କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ନିୟମ ଆଣିବାକୁ ସାଧାରଣରେ ଦାବି ହୋଇଛି।

## ସେବାୟତ ବେଶରେ ଗର୍ଭଗୃହକୁ ପଶିଲେ

**ପୁରୀ,୭।୧୧(ସମିସ):** ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ମାଲମାଲ ସୁରକ୍ଷା କର୍ମୀ ମନ୍ଦିର ଭିତରେ ଏବଂ ବାହାରେ ପଇଁତରା ମାରୁଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟୁଛି। ଗୁପ୍ତ କ୍ୟାମେରା ମନ୍ଦିର ଭିତରକୁ ବାରମ୍ବାର ଯାଉଥିବା ବେଳେ ପ୍ରାୟ ଅଧିକାଂଶ ଦିନ ଭକ୍ତ ପକେଟ୍‌ମାରର ଶିକାର ହେଉଛନ୍ତି। ଶୁକ୍ରବାର ମନ୍ଦିର ଭିତରେ ଆଉ ଏକ ଅଭାବନୀୟ ଘଟଣା ଘଟିଛି। ସେବାୟତ ବେଶରେ ଜଣେ ଶ୍ରଦ୍ଧାଳୁ ଧ୍ୱଜୁଡ଼ି ଦ୍ୱାର ଦେଇ ଗର୍ଭଗୃହକୁ ପ୍ରବେଶ କରିଛନ୍ତି। ଯୁବକଜଣକ ହେଉଛନ୍ତି, ଯାଜପୁର ଶାନ୍ତନୁ ମିଶ୍ର। ତାଙ୍କୁ ଅନ୍ୟ ସେବକମାନେ ଧରିବା ପରେ କଥା ପଦାକୁ ଆସିଥିଲା। ତାଙ୍କୁ ସିଂହଦ୍ୱାର ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି। ଶାନ୍ତନୁଙ୍କୁ ପୁଲିସ ପଚରାଉଚରା କରିବା ପରେ ନୋଟିସ୍ ଦେଇ ଛାଡ଼ି ଦେଇଛି। କେଉଁ ପରିସ୍ଥିତିରେ ଏବଂ କାହିଁକି ସେ ଗର୍ଭଗୃହ ଭିତରକୁ ଯାଇଥିଲେ, ସେ ନେଇ ପୁଲିସ ପଚରାଉଚରା କରିଛି। ହେଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ଗର୍ଭଗୃହକୁ ପ୍ରବେଶ କରିଥିବା ଜଣେ ଯୁବକଙ୍କୁ ଅନ୍ୟ ସେବକମାନେ ଧରିଥିଲେ। ତାଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବା ପରେ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି।

## ମାଟ୍ରିକ୍ ପରୀକ୍ଷା ଫର୍ମପୂରଣ ଆଜିଠାରୁ

**କଟକ, ୭।୧୧ (ସମିସ):** ୨୦୨୬ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମପୂରଣ ସଂକ୍ରାନ୍ତରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଆସନ୍ତା ୮ରୁ ନଭେମ୍ବର ୨୨ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଅନଲାଇନ୍‌ରେ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ଫର୍ମପୂରଣ ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା କରାଯିବ। ସେହିଭଳି ପତ୍ରମାଧ୍ୟମ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଉପ-ସମ୍ପାଦକଙ୍କ ଦ୍ୱାରା ଅଫଲାଇନ୍‌ରେ ଫର୍ମପୂରଣ କରାଇବେ ବୋଲି କୁହାଯାଇଛି। ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଫର୍ମପୂରଣ ପ୍ରକ୍ରିୟା ଉପରୋକ୍ତ ଅବଧିରେ ଜିଲ୍ଲା ଓ ବ୍ଲକ୍ ଷ୍ଟଡିସେଣ୍ଟର୍‌ର ମୁଖ୍ୟଙ୍କ ଦ୍ୱାରା ସମ୍ପାଦନ କରାଯିବ। ମଧ୍ୟମା ପରୀକ୍ଷା ପାଇଁ ସଂସ୍କୃତ ଟୋଲ୍‌ର ମୁଖ୍ୟମାନେ ଆସନ୍ତା ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ଅଫଲାଇନ୍‌ରେ କରିବେ ବୋଲି ବୋର୍ଡ କହିଛି।

## ବେନିୟମ କାର୍ଯ୍ୟ ପାଇଁ ୩ ସେବାୟତ ନିଲମ୍ବିତ

**ପୁରୀ, ୭।୧୧(ସମିସ):** ବେନିୟମ କାର୍ଯ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନର ନୀତି ଆଦର୍ଶ ଉଲ୍ଲଂଘନ କରୁଥିବା ସେବାୟତଙ୍କ ବିରୋଧରେ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି ମନ୍ଦିର ପ୍ରଶାସନ। ଗତ ମାସ ବାହାରକାଠ ନିକଟରେ ଯାତ୍ରୀମାନଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ ଏବଂ ଉକ୍ତ ଅର୍ଥକୁ ନେଇ ନିଜନିଜ ଭିତରେ ମାରପିଟ୍ ହୋଇଥିଲା। ଏହାଦ୍ୱାରା ଶ୍ରୀମନ୍ଦିର ଶୃଙ୍ଖଳା, ସୁରକ୍ଷା ଓ ଗରିମା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ସୁଆର ବଡୁସେବକ ନାରାୟଣ ପଣ୍ଡା ଏବଂ ଖୁଣ୍ଟିଆ ସେବକ ରାଜାରାମ ଖୁଣ୍ଟିଆଙ୍କୁ ନିଲମ୍ବିତ କରଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ର ୨୧ (କ) ଧାରା ଅନୁଯାୟୀ ଦୁହିଁଙ୍କୁ ୨ମାସ ପାଇଁ ନିଲମ୍ବନ କରିଛନ୍ତି। ସେହିଭଳି ଶ୍ରୀମନ୍ଦିର ପରିସରରେ ଡାଲ୍‌ଡା ଘିଅ ବ୍ୟବହାର କରିବାକୁ ପ୍ରରୋଚନା ଦେଇଥିବାରୁ ମହାସୁଆର ସେବକ ବେନା ମହାସୁଆରଙ୍କୁ ମଧ୍ୟ ୨ମାସ ପାଇଁ ସେବା କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

ଉପରୋକ୍ତ ତିନିଜଣ ସେବକଙ୍କୁ ସ୍ୱଷ୍ଟ ଭାବେ ଚେତାଇ ଦିଆଯାଇଛି ଯେ ଏହି ନିଲମ୍ବନ ସମୟରେ ସେମାନେ ନିଜେ କିମ୍ବା ଅନ୍ୟ କୌଣସି ସେବାୟତ କିମ୍ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା କୌଣସି ପ୍ରକାର ବିଶୃଙ୍ଖଳା କରିବାକୁ ଅପଚେଷ୍ଟା କଲେ ନିଲମ୍ବନ ଅବଧିକୁ ବୃଦ୍ଧି କରାଯିବ। ଏଥିସହ ଆହୁରି ଅଧିକ କଠୋର୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ପରିସରରେ ମହାପ୍ରଭୁଙ୍କ ନୀତିକାନ୍ତି ବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନରେ କୌଣସି ପ୍ରକାର ବାଧକ ସାଜିଲେ ସମ୍ପୃକ୍ତ ସେବାୟତ କିମ୍ବା ଅନ୍ୟ ବ୍ୟକ୍ତିବିଶେଷଙ୍କୁ ଛଡ଼ାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସ୍ୱଷ୍ଟ କରିଛନ୍ତି। ଏଥିସହ ଶ୍ରୀମନ୍ଦିରର ଶୃଙ୍ଖଳା ଏବଂ ଗରିମା ରକ୍ଷା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

**ନାଟମଣ୍ଡପରେ ମାରପିଟ୍ ପାଇଁ ୨ ଓ ଡାଲ୍‌ଡା ଘିଅ ବ୍ୟବହାର ଘଟଣାରେ ଜଣେ ନିଲମ୍ବିତ**

## କଳିଙ୍ଗା ଘାଟିରେ ଦୁର୍ଘଟଣା | ବସ୍ ଓଲଟି ମହିଳା ମୃତ, ୫ ଗୁରୁତର

**ଜି.ଉଦୟଗିରି, ୭।୧୧ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟି ଅନ୍ଧାରିକୋଟି ନିକଟରେ ଶୁକ୍ରବାର ଭୋର ୪ଟାରେ ଶ୍ରୀରାମ ନାମକ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ଗଞ୍ଜାମ ଜିଲ୍ଲା ଆସିକା ବାବନପୁରର ସୂର୍ଯ୍ୟକାନ୍ତି ନାୟକ(୫୫)। ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଏବଂ ଅଗ୍ନିଶମ ଅଧିକାରୀ ମହେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୁରୁତର ଏବଂ ମୃତକଙ୍କୁ ଉଦ୍ଧାର କରି ଜି.ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବରଗଡ଼ରୁ ବ୍ରହ୍ମପୁର ଯାଉଥିବା ବେଳେ ବସ୍‌ଟି ଘାଟିରେ ଭାରସାମ୍ୟ ହରାଇ ଗାର୍ଡୱାଲ୍‌ରେ ପିଟି ହେବା ସହ ଓଲଟି ପଡ଼ିଥିଲା।

କଳିଙ୍ଗା ଘାଟିରେ ସେପ୍ଟେମ୍ବର ୧୬ରେ ହୋଇଥିବା ଭୂ-ସ୍ଖଳନର ୪୭ଦିନ ପରେ ଚଳିତ ମାସ ୧ ତାରିଖରୁ କେବଳ ଦୁଇଚକିଆ ଏବଂ ଚାରି ଚକିଆ ଭଳି ହାଲୁକା ଯାନ ଯିବା ପାଇଁ ଅନୁମତି ଥିଲା। ବଡ଼ଗାଡି ବା ଭାରୀଯାନ ଯାତାୟାତ କରିବାକୁ ଏଯାବତ୍ ଅନୁମତି ମିଳିନାହିଁ।

## ନିର୍ବାଚନରେ ଶିଶୁଙ୍କୁ ବ୍ୟବହାର କରୁଛି ବିଜେପି: କଂଗ୍ରେସ

**ଭୁବନେଶ୍ୱର, ୭।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ଶିଶୁମାନଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରୁଛି ବିଜେପି। ନିର୍ବାଚନ ପ୍ରଚାର ସମୟରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ଦଳ ଜାଣିଶୁଣି ଶିଶୁମାନଙ୍କୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଛି। ଏପରି ସଂଗିନ୍ ଅଭିଯୋଗ ଆଣି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି କଂଗ୍ରେସ। କଂଗ୍ରେସର ଏକ ପ୍ରତିନିଧିଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଛି। ଏଥିରେ ଦର୍ଶାଯାଇଛି ଯେ ଏହି ପ୍ରଚାରରେ ନାବାଳିକା ଝିଅମାନେ ମଧ୍ୟ ଅଛନ୍ତି। ୫ ନଭେମ୍ବରରେ ନୂଆପଡ଼ା ବିଧାନସଭା ଅନ୍ତର୍ଗତ ଖୁଟାବନ ଭେରା ପଞ୍ଚାୟତରେ ଜଣେ ନାବାଳିକା ବିଜେପି ପତାକା ଧରି 'ଜୟ ଢୋଲକିଆ ଜିତିବେ' ବୋଲି ସ୍ଲୋଗାନ ଦେଉଥିବା ଦେଖାଯାଇଛି। ଏହାସହ ଏହିପରି ଶିଶୁମାନଙ୍କ ଦୁରୁପଯୋଗ ନୂଆପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଥିବା ତଥ୍ୟ ମଧ୍ୟ ମିଳିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ଏହି ଭିଡିଓ ପ୍ରମାଣ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ ଦେଇଛି। ଏହିପରି କାର୍ଯ୍ୟ ନିର୍ବାଚନ ଆଚରଣ ନିୟମର ଗୁରୁତର ଉଲ୍ଲଂଘନ ଓ ଆଇନ ଅନୁସାରେ ଦଣ୍ଡନୀୟ ଅପରାଧ। ଶିଶୁମାନଙ୍କୁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ କରିବା ସଂପୂର୍ଣ୍ଣ ନିଷିଦ୍ଧ ଏବଂ ଏହାର ଉଲ୍ଲଂଘନ କଲେ ଅନୁସାରେ ଦଣ୍ଡ ବ୍ୟବସ୍ଥା ରହିଛି। ତେଣୁ ତୁରନ୍ତ ଏହି ମାମଲାରେ ନିର୍ବାଚନ ଅଧିକାରୀ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ଦଳ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଉକ୍ତ ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ସୋନାଲି ସାହୁ, ଡଃ ମନୀଷା ଦାସ ପଟ୍ଟନାୟକ ଓ ମଧୁସ୍ମିତା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

### ଧାର୍ଯ୍ୟ ପରିମାଣଠାରୁ କମ୍ ଖଣିଜ ଦ୍ରବ୍ୟ ଉତ୍ପାଦନ ପାଇଁ ରାଜସ୍ୱ ହାନୀ ପ୍ରସଂଗ

## ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୭।୧୧ (ସମିସ):** ଖଣି ଲିଜ୍ ଚୁକ୍ତିନାମାରେ ଉଲ୍ଲେଖ ପରିମାଣଠାରୁ କମ୍ ଲୁହାପଥର ଉତ୍ତୋଳନ କରୁଥିବା ଲିଜ୍‌ଧାରୀଙ୍କ ବିରୋଧରେ ସରକାର ୨୦୧୬ର ନିୟମାବଳୀର ନିୟମ-୧୨ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଏହା ଦ୍ୱାରା ରାଜ୍ୟ ସରକାର ରାଜସ୍ୱ ହରାଉଥିବା ଦର୍ଶାଇ ରୁଜୁ ଜନସ୍ୱାର୍ଥ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ମାମଲାର ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିଟିଜେନ୍ସ ଆକ୍ସନ୍ ଫୋରମ୍ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଇସ୍ପାତ ଓ ଖଣି ବିଭାଗ ସଚିବ, ଖଣି ନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିଛନ୍ତି ଅଦାଲତ। ନଭେମ୍ବର ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ, ରାଜ୍ୟରେ ୬୩ଟି ବୈଧ ଲୁହାପଥର ଖଣି ଲିଜ୍ ପ୍ରଦାନ କରାଯାଇଛି। ପରିବେଶ ମଞ୍ଜୁରୀ ଅନୁସାରେ ବାର୍ଷିକ ପ୍ରାୟ ୨୪୬ ମିଲିୟନ ଟନ୍ ଆଇରନ୍ ଓର୍ ଉତ୍ପାଦନ କରାଯିବା କଥା। କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୧୫୯ ମିଲିଅନ ଟନ୍ ଖଣିଜ ଦ୍ରବ୍ୟ ଉତ୍ପାଦନ କରାଯାଇଛି। ଲିଜ୍ ସର୍ତ୍ତ ଉଲ୍ଲଂଘନ କରି କମ୍ ପରିମାଣର ଖଣିଜ ଦ୍ରବ୍ୟ ଉତ୍ତୋଳନ କାରଣରୁ ରାଜ୍ୟ ସରକାର ପ୍ରତିବର୍ଷ ୧ହଜାର କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏଣୁ ଉକ୍ତ ଲିଜଧାରୀଙ୍କ ବିରୋଧରେ ନିୟମ ଅନୁସାରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏପରି ଖଣିରୁ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ସଂସ୍ଥା ମାଧ୍ୟମରେ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁପ୍ରିୟ ପାତ୍ର ଓ ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ବ୍ୟାଙ୍କରେ ନକଲି ସୁନା ରଖି ୮୫ଲକ୍ଷ ଋଣ

**ବାଲିଗୁଡ଼ା, ୭।୧୧ (ସମିସ):** ଲୋକେ ବନ୍ଧକ ରଖୁଥିବା ସୁନା ଅସଲି ନା ନକଲି, ତାହା ଯାଞ୍ଚ କରିବା ପାଇଁ ବ୍ୟାଙ୍କ ଆପ୍ରାଇଜର୍ ଭାବେ ନିଯୋଜିତ ହୋଇଥିଲେ। ମାତ୍ର ନିଜେ ଠକେଇ କରି ବ୍ୟାଙ୍କକୁ ୮୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୂନ ମାରିଦେଲେ। ଏପରି ଜଣେ ଧୂର୍ତ୍ତ ବଣିଆକୁ ବାଲିଗୁଡ଼ା ପୁଲିସ ଆଜି ବ୍ରହ୍ମପୁରରୁ ଗିରଫ କରିଛି। ସେ ହେଲା, ପି. ସତ୍ୟରାମ ଆଚାରୀ। ୩ ଜଣଙ୍କ ନାମରେ ନକଲି ସୁନା ରଖି ସେ ଏପରି ଠକେଇ କରିଥିବା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବାଲିଗୁଡ଼ାରେ ସତ୍ୟରାମଙ୍କ ଏକ ସୁନା ଅଳଙ୍କାର ଦୋକାନ ଥିଲା। ସେ ବାଲିଗୁଡ଼ା ୟୁକୋ ବ୍ୟାଙ୍କରେ କିଛି ବର୍ଷ ଧରି ଆପ୍ରାଇଜର୍ ଥିଲେ। ଏହାର ସୁଯୋଗ ନେଇ ନିଜର ସୁନା ଦୋକାନରେ କାମ କରୁଥିବା ୩ କର୍ମଚାରୀଙ୍କ ନାମରେ ୧୪ଗୋଟି ନକଲି ସୁନା ଅଳଙ୍କାର ବନ୍ଧକ ରଖି ୮୫ ଲକ୍ଷ ୮୬ ହଜାର ଟଙ୍କା ଋଣ ନେଇଥିଲେ। କର୍ମଚାରୀମାନେ ଜାଣିବା ପୂର୍ବରୁ ତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇ ନେଇଯାଉଥିଲା। ଟଙ୍କା ନ ସୁଝିବାରୁ ୨୦୨୪ରେ ନିଲାମ ପାଇଁ ଯାଞ୍ଚ ହେବାରୁ ଏହା ନକଲି ସୁନା ବୋଲି ଜଣାପଡ଼ିଥିଲା। ଗତ ମେ' ୨୧ ଦିନ ବାଲିଗୁଡା ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ମାନସ ରଂଜନ ନାୟକ ବ୍ୟାଙ୍କରେ ନକଲି ସୁନା ଅଳଙ୍କାର ରଖି ଋଣ ନେଇଥିବା ନେଇ ଏତଲା ଦେଇଥିଲେ। ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିଲା। ଖବର ପାଇ ଅଭିଯୁକ୍ତ ଆଚାରୀ ଫେରାର ହୋଇଯାଇଥିଲା। ସେ ବ୍ରହ୍ମପୁରରେ ଥିବା ଖବର ପାଇ ପୁଲିସ ଚଢ଼ଉ କରି ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତେବେ ବାଲିଗୁଡାର କିଛି ବ୍ୟକ୍ତିଙ୍କ ଠାରୁ ମଧ୍ୟ ସେ ଲକ୍ଷାଧିକ ଟଙ୍କା ଧାର ନେଇଥିବା ପୁଲିସ ସୂଚନା ଦେଇଛି।

୨୦୨୪ ସେପ୍ଟେମ୍ବର ମାସରେ ଫୁଲବାଣୀ ୟୁକୋ ବ୍ୟାଙ୍କର ସହକାରୀ ପରିଚାଳକ ଓ ଭଞ୍ଜନଗର ଜଣେ ସୁନାରି ବାଲିଗୁଡା ୟୁକୋ ବ୍ୟାଙ୍କରେ ପହଞ୍ଚି ପୁନର୍ବାର ସୁନାର ଯାଞ୍ଚ କରିଥିଲେ। କିନ୍ତୁ ଏହି ଘଟଣାରେ ବ୍ୟାଙ୍କର କିଛି କର୍ମଚାରୀ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି ବୋଲି ମଧ୍ୟ କହିଛନ୍ତି ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ।

## ପୀତବାସ ହତ୍ୟା ମାମଲା | ବିକ୍ରମଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ଆବେଦନ

**ବ୍ରହ୍ମପୁର, ୭।୧୧(ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ତାଙ୍କ ଓକିଲ ଗୁରୁବାର ଦାଖଲ କରିଥିବା ଏକ ପିଟିସନ୍‌ର ଶୁକ୍ରବାର ଶୁଣାଣି ହୋଇଛି। ପିଟିସନ୍ ଉପରେ ଉଭୟ ପକ୍ଷର ଶୁଣାଣି ଶେଷ ହୋଇଥିବା ବେଳେ ଆସନ୍ତା ୧୩ ତାରିଖରେ ରାୟ ପ୍ରକାଶ କରିବାକୁ ଦିନ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି।

ସ୍ଥାନୀୟ ଏସଡିଜେଏମ୍‌ଙ୍କ କୋର୍ଟରେ ବିକ୍ରମଙ୍କ ଓକିଲ ବରିଷ୍ଠ ଆଇନଜୀବୀ କୁମାରକାନ୍ତ ବେହେରା ଯୁକ୍ତି ବାଢ଼ିଛନ୍ତି ଯେ ବିନା କୌଣସି ବିଶ୍ୱାସଯୋଗ୍ୟ ତଥା ଠୋସ୍ ପ୍ରମାଣରେ ବିକ୍ରମଙ୍କୁ ପୁଲିସ ଗିରଫ କରିଛି। ପୁଲିସ ପକ୍ଷରୁ କୋର୍ଟଙ୍କୁ କୌଣସି ଠୋସ୍ କାରଣ ବା ପ୍ରମାଣ ଦିଆଯାଇନଥିବାରୁ ବିକ୍ରମଙ୍କ ଗିରଫକୁ ବେଆଇନ ଦର୍ଶାଇ ତାଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ଓକିଲ ଶ୍ରୀ ବେହେରା ଯୁକ୍ତି ଉପସ୍ଥାପନ କରିଥିଲେ।

ତେବେ ଏହି ଯୁକ୍ତିକୁ ସରକାରୀ ଓକିଲ ରାଜେନ୍ଦ୍ର ସାବତ ବିରୋଧ କରିଥିଲେ। ବିକ୍ରମଙ୍କ ବିରୋଧରେ ଆବଶ୍ୟକ ପ୍ରମାଣ ଥିବା ସେ ଦର୍ଶାଇଥିଲେ। ଏହି ପିଟିସନ୍ ଉପରେ ଉଭୟପକ୍ଷର ଶୁଣାଣି କରିବା ପରେ କୋର୍ଟ ରାୟକୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି। ସେପଟେ, ବିକ୍ରମଙ୍କୁ ସର୍ତ୍ତମୂଳକ ଖଲାସ ଆବେଦନକୁ ବିରୋଧ କରି ତଥା ଏହି ମାମଲାରେ ସରକାରୀ ଓକିଲଙ୍କୁ ମକଦ୍ଦମା ପରିଚାଳନାରେ ସହଯୋଗ କରିବାକୁ ଶତାଧିକ ଓକିଲ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀଙ୍କ ନେତୃତ୍ୱରେ ଏସଡିଜେଏମଙ୍କ କୋର୍ଟରେ ୱକାଲତନାମା ଦାଖଲ କରିଥିବା ଜଣାପଡ଼ିଛି। ଅପରପକ୍ଷେ, ଏହି ହତ୍ୟା ମାମଲାରେ ଗିରଫ ହୋଇଥିବା ୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଉମା ବିଶୋୟୀ ଓ ଯୋଗେନ୍ଦ୍ର ରାଉତକୁ ପୁଣି ରିମାଣ୍ଡରେ ନେଇ ଅଧିକ ଜେରା କରାଯିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ।

## ଅଚ୍ୟୁତ ସାମନ୍ତଙ୍କୁ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର, ୭।୧୧ (ସମିସ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶୁକ୍ରବାର ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍।

ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ. ଟି.ଆର୍. ପାରିଭିନ୍ଦର, କୁଳପତି ପ୍ରଫେସର୍ ପରମଜିତ ଜୟସ୍ୱାଲ ଓ କୁଳସଚିବ ପ୍ରଫେସର୍ ଭି ସାମୁଏଲ୍ ରାଜଙ୍କ ଉପସ୍ଥିତିରେ ଭାରତର ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏଥିପାଇଁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତିକ୍ରମେ ଶ୍ରୀ ସାମନ୍ତଙ୍କୁ ଏହି ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟ ଏହାର ପ୍ରଶଂସାପତ୍ରରେ ଶ୍ରୀ ସାମନ୍ତଙ୍କୁ ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି। ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

# ସରକାରଙ୍କ ଭୁଲ୍; ଦଣ୍ଡ ଭୋଗୁଛନ୍ତି ଆଶାୟୀ

## ଦଳେ ରାସ୍ତାରେ, ଦଳେ କୋର୍ଟରେ

**ଭୁବନେଶ୍ୱର,୭।୧୧ (ସମିସ):** ଲିଭ୍ ଟ୍ରେନିଂ ଟିଚର (ଏଲ୍‌ଟିଆର୍) ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ରହିଛି। ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟଗ (ଓଏସ୍‌ଏସ୍‌ସି) ପରୀକ୍ଷା ପରିଚାଳନା କରିନାହିଁ। ପୁନଶ୍ଚ ଯେଉଁ ପରୀକ୍ଷା ହୋଇଛି, ସେଥିରେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇଛି। ଫଳରେ ମାମଲା କୋର୍ଟରେ ପହଞ୍ଚିବା ସହ ସମ୍ପୂର୍ଣ୍ଣର୍ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଛି। ହିନ୍ଦୀ ଶିକ୍ଷକ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଥିବାବେଳେ ସଂସ୍କୃତ ଶିକ୍ଷକ ଆଶାୟୀମାନେ ଦୁଇଦିନ ହେଲା ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ଅପରପକ୍ଷରେ ହିନ୍ଦୀ ପରି ସଂସ୍କୃତ ଶିକ୍ଷକ ପଦ ପାଇଁ ୫ଗୁଣାରୁ ଅଧିକ ଆଶାୟୀ ଆବେଦନ କରିଥିବାବେଳେ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିବାରୁ ସମ୍ପୂର୍ଣ୍ଣ ନିଯୁକ୍ତି ପରୀକ୍ଷା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତିରେ ୭୨୯ଟି ସଂସ୍କୃତ ଶିକ୍ଷକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ପ୍ରାୟ ୪୯୬୯ ଜଣ ଆଶାୟୀ ଆବେଦନ କରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଅର୍ଥାତ୍ ମୋଟ୍ ପଦ ପାଇଁ ପ୍ରାୟ ୭ଗୁଣା ଆଶାୟୀ ଆବେଦନ କରିଥିଲେ। ଅପରପକ୍ଷରେ ମୋଟ୍ ପଦର ୫ଗୁଣାରୁ ଅଧିକ ଆଶାୟୀ ଆବେଦନ କଲେ ପ୍ରିଲିମିନାରୀ ପରୀକ୍ଷା ହେବା ପରେ ମୁଖ୍ୟ ପରୀକ୍ଷା ହେବ ବୋଲି ସ୍ୱଷ୍ଟ ଉଲ୍ଲେଖ କରାଯାଇଛି। ଏହାସତ୍ତ୍ୱେ ଉଭୟ ହିନ୍ଦୀ ଓ ସଂସ୍କୃତ ଆଶାୟୀଙ୍କ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିଲା। ହିନ୍ଦୀ ଶିକ୍ଷକଙ୍କ ମାମଲା କୋର୍ଟରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ଗତମାସ ୧୬ ତାରିଖରେ ହାଇକୋର୍ଟ ରଦ୍ଦ କରିଛନ୍ତି। ଅନୁରୂପ ଭାବେ ସଂସ୍କୃତ ଶିକ୍ଷକ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରି ପ୍ରିଲିମିନାରୀ ପରୀକ୍ଷା କରିବାକୁ କୋର୍ଟରେ ମାମଲା ବିଚାରଧୀନ ରହିଛି। ଅପରପକ୍ଷରେ ସଂସ୍କୃତ ବ୍ୟତୀତ ଅନ୍ୟ ସମସ୍ତ ପଦ ପାଇଁ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଆସନ୍ତା ୧୫ ତାରିଖରେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଣ୍ଟିବେ। ଏଣୁ ସଂସ୍କୃତ ଆଶାୟୀଙ୍କ ପରୀକ୍ଷା ଫଳ ପ୍ରକାଶ କରି ସେମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉ ବୋଲି ଆଶାୟୀମାନେ ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ୨ଦିନ ଧରି ଆନ୍ଦୋଳନ କରିଛନ୍ତି। ଓଏସ୍‌ଏସ୍‌ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋର୍ଟରେ ମାମଲା ବିଚାରଧୀନ ରହିଥିବାରୁ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଚୂଡ଼ାନ୍ତ ରାୟ ବା କୋର୍ଟଙ୍କ ନିର୍ଦ୍ଦେଶ ବିନା ପରୀକ୍ଷା ଫଳ ପ୍ରକାଶ ପାଇବ ନାହିଁ।

ସରକାରଙ୍କ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ଦହଗଞ୍ଜ ହେଉଛନ୍ତି। ପରୀକ୍ଷା ଦେଇ ଚାକିରି ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ନିଯୁକ୍ତି ପତ୍ର ଦିଆଯାଉ ନାହିଁ। କେବଳ ଏଲ୍‌ଟିଆର୍ ନୁହେଁ, ପ୍ରତିଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ଆଶାୟୀଙ୍କ ମାନସିକ ସ୍ଥିତି ଦୋହଲି ସାରିଛି। ସରକାର ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା କରିବାରେ ବାରମ୍ବାର ବିଫଳ ହେଉଥିବା ଅଭିଯୋଗ ହେଉଛି।

### ୧୬ରେ ହିନ୍ଦୀ ଶିକ୍ଷକଙ୍କ ପ୍ରିଲିମିନାରୀ ପରୀକ୍ଷା

ରଦ୍ଦ ହୋଇଥିବା ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ପରୀକ୍ଷା ଆସନ୍ତା ୧୬ତାରିଖରେ ଅନୁଷ୍ଠିତ ହେବ। ଅବିଭକ୍ତ ୧୩ଟି ଜିଲ୍ଲାର ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବେ ଆଶାୟୀ ଛାତ୍ରଛାତ୍ରୀ। ଓଏମ୍‌ଆର୍ ବେସଡ୍ ପରୀକ୍ଷା ପାଇଁ ଆବେଦନ କରିଥିବା ପିଲାମାନେ ଆସନ୍ତା ୧୦ ତାରିଖ ଠାରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଦୁଇ ଘଣ୍ଟାରେ ସମୁଦାୟ ଶହେ ମାର୍କର ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଏସ୍‌ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ



**ଭୁବନେଶ୍ୱର, ୭।୧୧ (ସମିସ):** ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ଆଶାୟୀମାନେ ଦୁଇଦିନ ଧରି ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ରାତିରେ କାର୍ଯ୍ୟାଳୟ ସମ୍ମୁଖରେ ଶୋଇବା ସହ ଚୂଡାନ୍ତ ପରୀକ୍ଷାଫଳ ପ୍ରକାଶ ନ କଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଓଏସ୍‌ଏସ୍‌ସିର ସମସ୍ତ ନିୟମ ଅନୁଯାୟୀ ପରୀକ୍ଷା ଦେଇଥିଲେ ମଧ୍ୟ ସେମାନଙ୍କୁ କାହିଁକି ନିଯୁକ୍ତି ଦିଆଯାଉନି ବୋଲି ଗର୍ଜନ କରିଛନ୍ତି। ଆଶାୟୀଙ୍କ କହିବା କଥା ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିବା କିଛି ପରୀକ୍ଷାର୍ଥୀ ଉଦ୍ଦେଶ୍ୟମୂଳକ ଭାବେ କୋର୍ଟ ଯାଉଛନ୍ତି। ବିଜ୍ଞପ୍ତିରେ ଏକାଧିକ ତ୍ରୁଟି ସେମାନଙ୍କୁ କେସ୍ କରିବାକୁ ସୁଯୋଗ ଦେଉଛି। ହେଲେ ପରୀକ୍ଷା ଦେଇ ମେଧା ଆଧାରରେ ଚୟନ ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଉନି ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟ ଏଲ୍‌ଟିଆର୍ ପଦ ପାଇଁ କୋର୍ଟରେ ମାମଲା ହୋଇଥିଲେ ମଧ୍ୟ କେସ୍ ନମ୍ବର ପକାଇ ରେଜଲ୍ଟ ପ୍ରକାଶ କରାଯାଇଛି। ତାହେଲେ ସଂସ୍କୃତ ଶିକ୍ଷକଙ୍କ ସହ ବୈମାତୃକ ମନୋଭାବ କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସମାନ ବିଜ୍ଞପ୍ତିରେ ଆସନ୍ତା ୧୫ ତାରିଖ ଦିନ ସମସ୍ତେ ନିଯୁକ୍ତି ପତ୍ର ପାଇବାକୁ ଯାଉଥିବାବେଳେ ସେମାନଙ୍କୁ କାହିଁକି ବାଦ୍ ଦିଆଯାଉଛି ବୋଲି ପଚାରିଛନ୍ତି। ମେଧାବୀ ପରୀକ୍ଷାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ସରିଛି। ମାମଲା ବିଚାରଧୀନ ଥିଲେ ମଧ୍ୟ ଅନ୍ୟ ବିଷୟରେ ନିଯୁକ୍ତି ପରି କେସ୍ ନମ୍ବର ପକାଇ ସେମାନଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ଆନ୍ଦୋଳନରତ ଆଶାୟୀମାନେ ଦାବି କରିଛନ୍ତି। ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ବିଳମ୍ବିତ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।


**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୪୫- ହଂକଂରେ ନୌକା ଦୁର୍ଘଟଣାରେ ୧୫୫୦ ଲୋକଙ୍କ ମୃତ୍ୟୁ।
- ୧୯୬୫- ବ୍ରିଟେନରେ, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡକୁ ଉଠାଇ ଦିଆଗଲା।
- ୧୯୮୮-ଚୀନ୍‌ରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୯୦୦ ଲୋକଙ୍କ ମୃତ୍ୟୁ।
- ୨୦୦୦- ବିଲ୍ କ୍ଲିଣ୍ଟନ୍‌ଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍ ନ୍ୟୁୟର୍କ ସିଟ୍‌ରୁ ଜିତି ରେକର୍ଡ କଲେ।
- ୨୦୦୮ - ଭାରତର ପ୍ରଥମ ମାନବ ରହିତ ମହାକାଶଯାନ ଚନ୍ଦ୍ରଯାନ-୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା।



## ହୀରା ଖଚିତ ଆଖି

ଫିଲ୍ମ ତଥା ଟିଭିରେ ବେଳେ ବେଳେ ଏମିତି ଚରିତ୍ର ନଜର ଆସିଛନ୍ତି, ଯେଉଁମାନଙ୍କ ଦାନ୍ତ ସୁନାର ହୋଇଥାଏ। ସେହିପରି ବାସ୍ତବ ଜୀବନରେ ବି କିଛି ଧନୀ ଲୋକ ଏମିତି ଥାନ୍ତି, ଯେଉଁମାନେ ସୁନାର ଦାନ୍ତ ଲଗାଇଥାନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତି ସୁନା ନୁହେଁ, ବରଂ ହୀରା ଖଚିତ ଆଖି ପାଇଁ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଆଲବାମା ନିବାସୀ ସେଲ୍ଟର ଜୋନ୍ସଙ୍କ ପାଖରେ ବିଶ୍ୱର ସବୁଠୁ ଦାମୀ କୃତ୍ରିମ ଆଖି ଅଛି। ଜୋନ୍ସ ଜଣେ ଗହଣା ଦୋକାନର ମାଲିକ। ସେ ତାଙ୍କ କୃତ୍ରିମ ଆଖିରେ ୨ କ୍ୟାରେଟ୍‌ର ହୀରା ଲଗାଇଛନ୍ତି। ସେ ଡାହାଣ ଚକ୍ଷୁର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇବା ପରେ ତାଙ୍କ କୃତ୍ରିମ ଆଖିରେ ହୀରା ଲଗାଇବା ନିଷ୍ପତ୍ତି ନେଲେ। ତେବେ ସେ ଏକ ଭୟାନକ ରୋଗ ଯୋଗୁଁ ନିଜ ଡାହାଣ ଆଖିର ଦୃଷ୍ଟିଶକ୍ତି ହରାଇବା ପରେ କୃତ୍ରିମ ଆଖି ଲଗାଇବାକୁ ଚାହିଁଲେ। ତେଣୁ ଏ ଲାଗି ସେ ବିଶେଷଜ୍ଞ ଜନ୍ ଲିମ୍‌ଙ୍କ ପାଖକୁ ଗଲେ। ଏଠାରେ ଜୋନ୍ସ ଏକ ବିଶେଷ ପ୍ରକାର ଆଖି ତିଆରି ପାଇଁ ବରାଦ ଦେଲେ। ଜୋନ୍ସ ଏମିତି ଏକ ଆଖି ଚାହୁଁଥିଲେ, ଯାହାକି ତାଙ୍କୁ ଜଣେ ଅଳଙ୍କାର ଡିଜାଇନର ବୋଲି ଦର୍ଶାଇ ପାରୁଥିବ। ତାଙ୍କ ଆଖିରେ ଲାଗିଥିବା ହୀରା ଉପରେ ଆଲୋକ ପଡ଼ିଲେ ଚିକ୍‌ମିକ୍ କରେ। ସେହିପରି ସେ ତାଙ୍କର ହୀରା ଆଖି ଯୋଗୁଁ ଯୁଆଡ଼େ ଯାଆନ୍ତି ଚର୍ଚ୍ଚାରେ ରହନ୍ତି। ତେବେ ଏହି କୃତ୍ରିମ ଆଖି ତାଙ୍କ ଜୀବନରେ ନୂଆ ଆଲୋକ ଆଣିଥିବା କହିଛନ୍ତି। ଲିମ୍ ଛଅ ସପ୍ତାହ ଶିଶୁଙ୍କଠାରୁ ଆରମ୍ଭ କରି ୧୦୧ ବର୍ଷ ବୟସ୍କ ପାଇଁ ପ୍ରାୟ ୧୦ ହଜାର କୃତ୍ରିମ ଚକ୍ଷୁ ତିଆରି କରିଛନ୍ତି। ହେଲେ ଜୋନ୍ସଙ୍କର କୃତ୍ରିମ ଆଖି ସବୁଠୁ ଦାମୀ ବୋଲି ଲିମ୍ କହନ୍ତି। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଏକଥା ସାମ୍ନାକୁ ଆସିବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ମା' ହେଲେ କ୍ୟାଟ୍ରିନା



ବିବାହର ଚାରି ବର୍ଷ ପରେ ବଲିଉଡ୍‌ର ପାୱାର କପଲ୍ କାଟ୍ରିନା କୈଫ୍ ଏବଂ ଭିକି କୌଶଲ ମା' ବାପା ହୋଇଛନ୍ତି। ଏହି ଦମ୍ପତି ଆଜି (ନଭେମ୍ବର ୭ ତାରିଖ) ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି। ୪୨ ବର୍ଷୀୟା କ୍ୟାଟ୍ରିନା ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି। ଉଭୟ ମା' ଓ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସୂଚନା ମିଳିଛି। କାଟ୍ରିନା ଏବଂ ଭିକି ଉଭୟ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ପ୍ରଶଂସକଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି। ପୋଷ୍ଟରେ ଲେଖାଯାଇଛି- "ଆମ ଖୁସିର ବଣ୍ଡଲ୍ ଆସିଗଲା। ଅତ୍ୟନ୍ତ ଆନନ୍ଦ ଏବଂ ଉତ୍ସାହର ସହିତ ଆମେ ଆମ ପୁଅକୁ ସ୍ୱାଗତ କରୁଛୁ। ନଭେମ୍ବର ୭, ୨୦୨୫। କ୍ୟାଟ୍ରିନା ଏବଂ ଭିକି।" ପୋଷ୍ଟ ସେୟାର୍ ହେବା ପରେ ବଲିଉଡ୍ ତାରକାଙ୍କଠାରୁ ଆରମ୍ଭ କରି ପ୍ରଶଂସକଙ୍କ ପର୍ଯ୍ୟନ୍ତ ସମସ୍ତେ ଭିକି ଓ କେଟ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତବର୍ଷ ଆରମ୍ଭରୁ କ୍ୟାଟ୍ରିନା ଗର୍ଭବତୀ ଥିବା କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିଲେ ମଧ୍ୟ ଏହି ଦମ୍ପତି କିନ୍ତୁ ଗୋପନୀୟତା ବଜାୟ ରଖିଥିଲେ। ଶେଷରେ ସେପ୍ଟେମ୍ବର ୨୦୨୫ରେ, କ୍ୟାଟ୍ରିନା ମା' ହେବାକୁ ଯାଉଥିବା କଥା ଘୋଷଣା କରି ଏହି ଖବର ଉପରେ ବିରାମ ଲଗାଇଥିଲେ।

## ପିଲାଙ୍କ ପାଇଁ ବ୍ୟାଙ୍କ




ଜାପାନ କେବଳ ଟେକ୍ନୋଲୋଜି ଏବଂ ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଆଗରେ ରହିଛି ତାହା ନୁହେଁ; ଏଠାକାର ସ୍ୱଚ୍ଛ ବାତାବରଣ, ସଫା ରାସ୍ତା, ଲୋକଙ୍କ ଜୀବନଶୈଳୀ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଏହି କ୍ରମରେ ଏଠାରେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାଙ୍କକୁ ନେଇ ଚର୍ଚ୍ଚା ହେଉଛି। ଜାପାନରେ ପିଲାମାନଙ୍କ ପାଇଁ ରହିଛି ସ୍ୱତନ୍ତ୍ର ବ୍ୟାଙ୍କ। ଏହି ବ୍ୟାଙ୍କଗୁଡ଼ିକ ଭିତରକୁ ପିଲାମାନଙ୍କ ବାପା-ମାଆଙ୍କୁ ମଧ୍ୟ ପ୍ରବେଶ ପାଇଁ ଅନୁମତି ନାହିଁ। କୁନି କୁନି ପିଲାମାନଙ୍କୁ ଛୋଟ ବୟସରୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏଭଳି ଏକ ପରିକଳ୍ପନା କରାଯାଇଛି। ବ୍ୟାଙ୍କରେ ପିଲାମାନେ ନିଜେ ନିଜେ ଟଙ୍କା ଜମା କରିଥାନ୍ତି। ସେମାନଙ୍କୁ ସେମାନଙ୍କ ସଞ୍ଚୟ ଉପରେ ସୁଧ ମିଳିଥାଏ। ଏହାଦ୍ୱାରା ପିଲାମାନେ ଖୁବ୍ କମ୍ ବୟସରୁ ଆର୍ଥିକ ପରିଚାଳନା ଶିଖିପାରନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରାଯାଇଛି। ଏଥିରେ କୁହାଯାଇଛି ଯେ, ପିଲାମାନଙ୍କ ପାଇଁ ଜାପାନ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଅନ୍ୟ ଦେଶମାନଙ୍କରେ ପିଲାମାନେ ବୟସ୍କଙ୍କ ତତ୍ତ୍ୱାବଧାନରେ ରୁହନ୍ତି। ପିଲାଙ୍କୁ କେଉଁଠିକୁ ଏକାକି ଛଡ଼ାଯାଇ ନ ଥାଏ। ହେଲେ ଜାପାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ଏଠାରେ ପିଲାମାନେ ବୟସ୍କଙ୍କ ବିନା ନିଜ କାମ ନିଜେ କରନ୍ତି। ଏକାକି ସ୍କୁଲ ଯାଆନ୍ତି। ଏସବୁ ଜାପାନର ପିଲାମାନଙ୍କ ପାଇଁ ସାଧାରଣ କଥା। କେବଳ ସେତିକି ନୁହେଁ, ଜାପାନରେ ଚୋରି ମାମଲା ବି ଦେଖିବାକୁ ମିଳେନାହିଁ। ଯଦି ଜଣେ ବ୍ୟକ୍ତି ଏଠାରେ ନିଜର ଫୋନ୍, ମନିପର୍ସ କିମ୍ବା ବ୍ୟାଗ୍‌କୁ କେଉଁଠି ଛାଡ଼ି ଦେଇଥାନ୍ତି, ଏକ ଘଣ୍ଟା ପରେ ଉକ୍ତ ସ୍ଥାନରେ ସେହି ସାମଗ୍ରୀ ମିଳିଯାଇଥାଏ। ସେହିପରି ହଜିଯାଇଥିବା ସାମଗ୍ରୀକୁ ଖୋଜିଲେ ଏଠାରେ ମିଳିବାର ଆଶା ଶତ ପ୍ରତିଶତ ରହିଥାଏ।

## ଶିଶୁ





ପ୍ରଶାନ୍ତ କୁମାର ସାହୁ

ଶିଶୁଟିଏ ଥିଲେ ଘରେ ସବୁ ଦିନ ପରବ
ଲୋଡ଼ା ନାହିଁ ସୁନା ରୁପା ଲୋଡ଼ା ନାହିଁ ଦରବ।
ଲୋଡ଼ା ନାହିଁ ହୀରା ଲୀଳା ମୋତି ଅବା ମାଣିକ
ଲୋଡ଼ା ନାହିଁ ଜହ୍ନ ତାରା ପୁଅ ଝିଅ ଫରକ।
ଶିଶୁଟିଏ ପରିବାର ଦେଶ ପାଇଁ ଗରବ
ଫେରାଇ ଆଣିବ ଦିନେ ଅତୀତ ଗଉରବ।
ଶିଶୁଟିଏ ଜାଣେ ନାହିଁ ଛନ୍ଦ ଅବା କପଟ
ଶିଖାଇବ ନିତି ତାକୁ ସତ୍ୟ ନ୍ୟାୟ ସୁବାଟ।
ଶୁଣାଇବ ଗୀତ ଗପ ଛୋଟ ଛୋଟ କାହାଣୀ
ଶୁଣାଇବ କେବେ କେବେ ବଡ଼ ଲୋକ ଜୀବନୀ।
ଛାତିରେ ମନରେ ତା'ର ଭରିଦେବ ସାହସ
ସ୍ନେହ ପ୍ରେମେ ବାନ୍ଧିଦେଇ ଭରିଦେବ ଉଲ୍ଲାସ।
ଆଜି ସିନା କଳି ସିଏ କାଲି ଫୁଟି ବାସିବ
ଦୁନିଆଟି ନିଶ୍ଚେ ଦିନେ ତା' ପାଇଁ ହସିବ।

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି, ଢେଙ୍କାନାଳ
ମୋ-୯୭୭୭୦୯୦୦୫୬

## ପ୍ରହେଳିକା

- ଗୋରା ଶାସକଙ୍କ ବିରୁଦ୍ଧେ ସେହି
ଲଢ଼ିଥିଲେ କାରାବରଣ ସହି
ବାପୁଜୀଙ୍କ ସହ ହାତ ମିଳାଇ
ଇଂରେଜଙ୍କୁ ଦେଲେ ଦେଶୁ ହଟେଇ
ସ୍ୱାଧୀନ ହୋଇଲା ଦେଶ
ପ୍ରଥମ ପ୍ରଧାନମନ୍ତ୍ରୀ ସେ ହୋଇଲେ
କୁହ ତାଙ୍କ ନାମ କିସ।

ଉତ୍ତର-ଜବାହାରଲାଲ୍ ନେହରୁ

- ନଭେମ୍ବର ମାସ ଚଉଦ ଦିନ
ହସିଉଠେ ସର୍ବ ଶିଶୁଙ୍କ ମନ
ଚାଚା ନେହରୁଙ୍କ ଜନ୍ମ ଦିବସ
ପାଳନ୍ତି ସଭିଏଁ ହୋଇ ହରଷ
ପରବଟିଏ ସେ ଆମ
ଚାଚାଙ୍କ ଜନମ ଦିନ ସେ ଆସଇ
କୁହ ଦେଖି ତା'ର ନାମ।

ଉତ୍ତର-ଶିଶୁ ଦିବସ

- ମଗୁଶିର କୃଷ୍ଣ ଅଷ୍ଟମୀ ଦିନ
ପର୍ବଟିଏ ରାଜ୍ୟେ ହୁଏ ପାଳନ
ଜ୍ୟେଷ୍ଠ ସନ୍ତାନକୁ ମିଳେ ସମ୍ମାନ
ପିନ୍ଧିଥାଏ ସିଏ ନୂଆ ବସନ
ହୁଏ ପୂଜାବିଧି କର୍ମ
ଏଣ୍ଡୁରି ପିଠାର ବାସ ମହକଇ
କୁହ ସେ ପରବ ନାମ।

ଉତ୍ତର-ପ୍ରଥମାଷ୍ଟମୀ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ମାର୍ଗଶିର ମାସେ ପ୍ରଥମାଷ୍ଟମୀ ଯେ



ନିରଞ୍ଜନ ସାହୁ

ଏଣ୍ଡୁରି ପିଠାଟି ବାସଇ
ପ୍ରଥମ ସନ୍ତାନ ପଢୁଆଁ ହେବାକୁ
ମାମୁଁଘରୁ ସବୁ ଆସଇ ।
ମାମୁଁଘରୁ ଆସେ ନୂତନ ପୋଷାକ
ପ୍ରଥମ ସନ୍ତାନ ପାଇଁକି
ପିଠାମିଠା ବଡ଼ ଶରଧାରେ ଧରି
ମାମୁଁ ଆସିଥାନ୍ତି ଧାଇଁକି ।
କେଉଁ କାଳରୁ ଏ ବିଧି ରହିଅଛି
ମାମୁଁ ଯେ ପଢୁଆଁ କରିବେ
ବଡ଼ ଭଣଜା କି ବଡ଼ ଭାଣିଜୀଙ୍କ
ମନରେ ସନ୍ତୋଷ ଭରିବେ ।
ଘରର ପ୍ରଥମ ସନ୍ତାନ ଉପରେ
ଅନେକ ଦାୟିତ୍ୱ ରହିଛି
ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ସମ୍ମାନ
ଦେବାକୁ ଦୁନିଆ କହିଛି ।
ପ୍ରଥମାଷ୍ଟମୀରେ ପଢୁଆଁ ହୁଅନ୍ତି
ପ୍ରଥମ ସନ୍ତାନ ଯେତେକ
ଏହି ସମ୍ମାନରେ ସମ୍ମାନିତ ସିଏ
ତାଙ୍କ ଲାଗି କଥା ଏତେକ ।
ନୂଆ ବିରି ନୂଆ ଅରୁଆ ଚାଉଳ
ଯେମିତି ଯେଉଁଠୁ ଆଣିବ
ହଳଦୀ ପତରେ ପିଠା ଗଢ଼ା ହେବ
ପୁର ପଶିଥିବ ଜାଣିବ ।
ଏଣ୍ଡୁରି ପିଠାର ବହୁତ ଆଦର
ପ୍ରଥମ ଅଷ୍ଟମୀ ପରବେ
ପିଲା ଠାରୁ ବୁଢ଼ା, ରଙ୍କ ଠାରୁ ରାଜା
ପିଠା ଖାଇଥାନ୍ତି ସରବେ ।



ନିହଲ ପ୍ରସାଦ, ଢେଙ୍କାନାଳ
ମୋ-୯୯୩୮୭୪୧୫୮୩



## ନୂତନ ପ୍ରକାଶ





ସୁଧାଂଶୁ ଶେଖର ଦ୍ୱିବେଦୀ

ଶରତ ଋତୁର ମୃଦୁ ସନ୍ଧ୍ୟା। ଗ୍ରାମ୍ୟ ଜୀବନର ନିସ୍ତବ୍ଧତା ମଧ୍ୟରେ ଅନତି ଦୂରରୁ ମୃଦଙ୍ଗର ମୃଦୁ ଶବ୍ଦ ପ୍ରତିଧ୍ୱନିତ ହେଉଥାଏ। ସେଇ ଗାଁରେ ସଂଗ୍ରାମ ନାମକ ବାଳକଟିଏ ରହୁଥାଏ। ସଂଗ୍ରାମ ଅଳ୍ପଭାଷୀ, ଆତ୍ମସଙ୍କୋଚରେ ଗ୍ରସ୍ତ। ବିଦ୍ୟାଳୟରେ କୌଣସି ପ୍ରତିଯୋଗିତା ହେଲେ ଅନ୍ୟ ବିଦ୍ୟାର୍ଥୀ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରନ୍ତି କିନ୍ତୁ ସଂଗ୍ରାମ ସବୁବେଳେ ନିରବ ରୁହେ। ତା' ଭିତରର ଆତ୍ମବଳ ଲୁପ୍ତ ହୋଇଯାଇଛି ବୋଲି ସେ ଅନୁଭବ କରେ । ଦିନେ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ହେବ ବୋଲି ଘୋଷଣା ହେଲା। ସଂଗ୍ରାମର ସାଙ୍ଗ ସନ୍ତୋଷ ଖୁସି ହୋଇ କହିଲା- ମୁଁ ମଞ୍ଚକୁ ଯାଇ ବକ୍ତୃତା ଦେବି। ତୁ ଯିବୁ ନା ସଂଗ୍ରାମ ? ସାଙ୍ଗର କଥା ଶୁଣି ସଂଗ୍ରାମ ପୂର୍ବପରି ମୌନବ୍ରତ ଧାରଣ କରି ବସିରହିଲା। ତା'ର ଦୃଷ୍ଟି ଭୂମିରେ ନିବଦ୍ଧ ଥାଏ। ଯେମିତି ଭୟ ଓ ଶଙ୍କା ତାକୁ ଆବୋରି ନେଇଛି। ସନ୍ଧ୍ୟା ସମୟରେ ଘରକୁ ଫେରି ସେ ଜେଜେଙ୍କ ପାଖରେ ବସିଗଲା। ଜେଜେ ସ୍ନେହସିକ୍ତ ସ୍ୱରରେ ପଚାରିଲେ-କ'ଣ ହେଇଛି କିରେ ସଂଗ୍ରାମ? ତୁ ଏମିତି ଚୁପଚାପ୍ ବସିଛୁ ? ସଂଗ୍ରାମ ନମ୍ର ହୋଇ କହିଲା- ଜେଜେ ! ମୋ ମନରେ ପ୍ରବଳ ଇଚ୍ଛା ଥିବା ସତ୍ତ୍ୱେ ମୁଁ ବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରୁନି। ଜେଜେ ତା' ମନର କଥା ବୁଝି ତାକୁ କୋଳରେ ବସାଇ ଏକ ପୁରୁଣା ପୁସ୍ତକ ବାହାର କଲେ। ପୃଷ୍ଠା ଓଲଟାଇ ଗୋଟେ ଚିତ୍ରକୁ ସଙ୍କେତ କରି କହିଲେ- ବଟବୃକ୍ଷ ପରି ଧୈର୍ଯ୍ୟବାନ ମହାପୁରୁଷ ହେଉଛନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ସେ ତାଙ୍କ ଜୀବନରେ ସବୁବେଳେ ଗୋଟେ କଥା କହୁଥିଲେ- ନିଜ ଜୀବନର ମୋଡ଼କୁ ବଦଳାଇବା ପାଇଁ ତୁରନ୍ତ ନୂଆ ନୂଆ ସଂକଳ୍ପ ଆରମ୍ଭ କର। ଜେଜେଙ୍କ ମାର୍ଗଦର୍ଶନରେ ସଂଗ୍ରାମ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହେଲା। ରାତିରେ ଆକାଶର ତାରା ସବୁ ଝିଲମିଲ୍ ହେଉଥାନ୍ତି। ସଂଗ୍ରାମ ନିଜ ପଢ଼ା ଘରେ ବସି ବକ୍ତୃତା ଲେଖୁଥାଏ। ତା' ହୃଦୟରେ ଆଶଙ୍କା ଥାଏ ହେଲେ ମନରେ ଏକ ନୂତନ ପ୍ରକାଶ ସାହାସ ବାନ୍ଧୁଥାଏ। ତା' ପରଦିନ ବିଦ୍ୟାଳୟରେ ପ୍ରତିଯୋଗିତା ଥାଏ। ମଞ୍ଚରେ ପହଞ୍ଚି ସଂଗ୍ରାମର ହୃଦୟ ଧକ୍ ଧକ୍ ହେଲା। ନିଜକୁ ଦୃଢ଼ କରି ଜେଜେଙ୍କ ମାର୍ଗଦର୍ଶନକୁ ମନେ ପକାଇଲା। ଏକ ଦୀର୍ଘ ନିଶ୍ୱାସ ନେଇ ଆତ୍ମବିଶ୍ୱାସର ସହିତ ଧୀର ଓ ନମ୍ର କଣ୍ଠରେ ନିଜ ବକ୍ତୃତା ଆରମ୍ଭ କଲା। ଶବ୍ଦରେ ସ୍ପଷ୍ଟତା ଏବଂ ଭାବର ବିସ୍ତାର ଆସିଗଲା। ସେ ଅନର୍ଗଳ କହି ଚାଲିଲା। ବକ୍ତୃତା ସମାପ୍ତ ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ତାଳିର ଧ୍ୱନି ଗୁଞ୍ଜରିତ ହେଉଥାଏ। ସଂଗ୍ରାମକୁ ଜଣା ଯାଉଥାଏ ଆଜି ସେ ନିଜକୁ ଚିହ୍ନିପାରିଛି। ସେହିଦିନଠାରୁ ସେ ଆଉ ମୌନ କି ସଙ୍କୋଚ ବାଳକ ହୋଇ ରହିଲା ନାହିଁ। ଅନ୍ଧାରରୁ ପ୍ରକାଶ ଦିଗକୁ ଅଗ୍ରସର ହେଲା। ଇଚ୍ଛାଶକ୍ତି ଦୃଢ଼ କରି ଯେବେ କୌଣସି କାମ କରେ କି ପାଠ ପଢ଼େ ପୂରା ଉତ୍ସାହରେ ପ୍ରକାଶିତ ହୋଇ ଆଗକୁ ବଢ଼ି ଚାଲିଲା।

ବିସି-୭୪, ସଲ୍ଟ ଲେକ୍, କଲିକତା
ମୋ-୯୬୮୧୩୭୩୫୧୨






ସିଦ୍ଧ ମାନିସ ସାହୁ
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର





ପ୍ରିୟଲ ଶାହ
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାରଖଣ୍ଡ





ଅମୃତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ଉପମିତା ଦାସ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଦଶରଥପୁର, ଯାଜପୁର

# ଆଜି ସିରିଜ୍ ନିର୍ଣ୍ଣାୟକ ଲଢ଼େଇ

ବ୍ରିସବେନ, ୭ ।୧୧ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଟି-୨୦ ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ୫ମ ମୁକାବିଲା ଶନିବାର ବ୍ରିସବେନରେ ଖେଳାଯିବ। ଉଭୟ ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି।

**ଭାରତ-ଅଷ୍ଟ୍ରେଲିଆ ୫ମ ଟି-୨୦**
**ଆରମ୍ଭ: ଅପରାହ୍ଣ ୧ଟା ୪୫**
**ଭେନ୍ୟୁ: ବ୍ରିସ୍‌ବେନ୍**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

୨-୧ରେ ଅଗ୍ରଣୀ ଥିବା ଭାରତ ଏହି ମ୍ୟାଚ୍ ଜିତି ସିରିଜ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପାଇଁ 'କରବା ମର' ସ୍ଥିତି ସୃଷ୍ଟି କରିଛି। ସିରିଜରେ ପଛୁଆ ଥିବା କଙ୍ଗାରୁ ଦଳ ଏଠାରେ ବିଜୟୀ ହୋଇ ଡ୍ର ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ପରାସ୍ତ ହୁଏ ତେବେ ସିରିଜ ମଧ୍ୟ ହାତଛଡ଼ା କରିବ। ତେଣୁ ଭାରତ ଅପେକ୍ଷା ଅଷ୍ଟ୍ରେଲିଆ ନିଶ୍ଚିତ ଭାବେ ଏହି ମ୍ୟାଚରେ ଚାପରେ ରହିବ।

ପୂର୍ବରୁ ସିରିଜର କାନବେରାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ମେଲବୋର୍ଣ୍ଣ ମୁକାବିଲାକୁ ୪ ୱିକେଟରେ ଜିତି ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଭ୍ରମଣକାରୀ ଭାରତ ୩ୟ ଓ ୪ର୍ଥ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରି ଯଥାକ୍ରମେ ୫ ୱିକେଟ୍ ଓ ୪୮ ରନରେ ବିଜୟୀ ହୋଇଥିଲା। ଫଳରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ମଧ୍ୟ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ସହ ଦୁଇଟି ଉପଲବ୍ଧି ହାସଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମତଃ ଅଷ୍ଟ୍ରେଲିଆ ମାଟିରେ ଦୀର୍ଘ ୧୭ ବର୍ଷ ହେଲା ଟି-୨୦ ସିରିଜ ପରାସ୍ତ ନ ହେବାର ରେକର୍ଡ ବଜାୟ ରଖିବ। ଦ୍ୱିତୀୟରେ ଗତ ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ମଧ୍ୟ ଟି-୨୦ରେ ନେବାକୁ ଭାରତୀୟ ଦଳ ଲକ୍ଷ୍ୟ ରଖିଛି। ତେଣୁ ସୂର୍ଯ୍ୟକୁମାର ଓ ତାଙ୍କ ଦଳ ଟି-୨୦ ସିରିଜକୁ ଦମ୍‌ଦାର ଭାବେ ଫିନିଶ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବେ।

# ଭାରତୀୟ ଫୁଟ୍‌ବଲ୍‌ରେ ଛେତ୍ରୀ ଯୁଗର ଅନ୍ତ

ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଭାରତୀୟ ଫୁଟ୍‌ବଲର କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ତାଙ୍କୁ ଆଉ ନୀଳ ଜର୍ସି ପରିଧାନ କରି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାର ଦେଖିବାକୁ ମିଳିବ ନାହିଁ। ଚଳିତ ଏଏଫ୍‌ସି ଏସିଆନ୍ କପ୍-୨୦୨୭ ଫାଇନାଲ ରାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟରୁ ଭାରତ ବିଦାୟ ନେବା ସହ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଥିବା ୪୧ ବର୍ଷୀୟ ଛେତ୍ରୀ କହିଛନ୍ତି। ଗତ ବର୍ଷ ଜୁନରେ ଛେତ୍ରୀ ପ୍ରଥମେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ଅଲ୍‌ବିଦା କରିଥିଲେ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଥିଲା। କିନ୍ତୁ ଆଇଏସ୍‌ଏଲ୍‌ର ଗତ ସଂସ୍କରଣରେ ଦମ୍‌ଦାର ପ୍ରଦର୍ଶନ କରି ୧୪ଟି ଗୋଲ୍ ଦେବାପରେ ସେ ସମୟରେ ଭାରତୀୟ ଦଳର କୋଚ୍ ଥିବା ମନୋଲୋ ମରକ୍ୟୁଜଙ୍କ ଅନୁରୋଧକ୍ରମେ ଚଳିତ ବର୍ଷ ଜୁନରେ ସେ ତାଙ୍କ ଅବସର ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଏଥିସହ ପୁଣିଥରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଶୁକ୍ରବାର ଏକ ସାକ୍ଷାତ୍‌କାରରେ ଛେତ୍ରୀ କହିଛନ୍ତି, 'ଯେତେବେଳେ ମୁଁ ଦ୍ୱିତୀୟଥର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲି ମୋର କେବଳ ଗୋଟିଏ ଲକ୍ଷ୍ୟ ଥିଲା ଯେ ଏଏଫ୍‌ସି ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ ଲାଗି ଯଥାସମ୍ଭବ ଯୋଗଦାନ ଦେବି। ଯୋଗ୍ୟତା ଅର୍ଜନ ଲାଗି ଯଦି କୌଣସି ସମ୍ଭାବନା ନ ଥିଲା ତାହାଲେ ହୁଏତ ମୁଁ ପ୍ରତ୍ୟାବର୍ତ୍ତନ କରି ନ ଥାନ୍ତି। ଗାଣିତିକ ଭାବେ ଆମେ ଆଉ ଯୋଗ୍ୟତା ଅର୍ଜନ କରିପାରୁନାହୁଁ। ତେଣୁ ଏହା ଅବସର ନେବାର ଏକ ପ୍ରକୃଷ୍ଟ ସମୟ ବୋଲି ଅନୁଭବ କଲି। କୋଚ୍ ଖଲିଦ ଜମିଲ ସାର୍‌ଙ୍କୁ ମୋର ନିଷ୍ପତ୍ତି ବିଷୟରେ କହିବା ସହଜ ଥିଲା' ବୋଲି ଛେତ୍ରୀ ଏହି ସାକ୍ଷାତ୍‌କାର ସମୟରେ କହିଛନ୍ତି।



### ୭ଥର ଏଆଇଏଫ୍‌ଏଫ୍ ଶ୍ରେଷ୍ଠ ଖେଳାଳି

ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଛେତ୍ରୀ ୭ଥର ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ସେହିଭଳି ଭାରତକୁ ୩ଥର ନେହରୁ କପ୍ (୨୦୦୭, ୨୦୦୯, ୨୦୧୨), ୩ଥର ସାଫ୍ ଚାମ୍ପିଅନସିପ୍ (୨୦୧୧, ୨୦୧୫ ଓ ୨୦୨୧), ଥରେ ଏଏଫ୍‌ସି ଚ୍ୟାଲେଞ୍ଜ କପ୍ (୨୦୦୮) ବିଜୟୀ କରାଇଛନ୍ତି। ଏହାବାଦ୍ ୨୭ ବର୍ଷ ପରେ ୨୦୧୧ରେ ଭାରତକୁ ଏଏଫ୍‌ସି ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କ୍ଲବସ୍ତରରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ ସେ ଆଇ-ଲିଗ୍ (୨୦୧୪ ଓ ୨୦୧୬), ଆଇଏସ୍‌ଏଲ୍ (୨୦୧୯), ସୁପର୍ କପ୍ (୨୦୧୮) ଟ୍ରଫି ଜିତିଛନ୍ତି।

### କ୍ୟାରିୟର ଗୋଲ୍

| କାଟାଗୋରୀ | ମ୍ୟାଚ୍ | ଗୋଲ୍ |
|---|---|---|
| ଅନ୍ତର୍ଜାତୀୟ | ୧୫୭ | ୯୫ |
| କ୍ଲବ | ୪୦୨ | ୧୭୭ |
| ମୋଟ୍ | ୫୫୯ | ୨୭୨ |

### ୯୫ ଗୋଲ୍ ସହ ଟପ୍ ସ୍କୋରର

ସିକନ୍ଦରାବାଦ ଜନ୍ମିତ ଛେତ୍ରୀ ପ୍ରଥମେ ୨୦୦୨ରେ ମୋହନ ବାଗାନ ପକ୍ଷରୁ ଖେଳି ଘରୋଇ ଫୁଟବଲରେ ପାଦ ଥାପିଥିଲେ। ଏହାପରେ ୨୦୦୪ରେ ଭାରତୀୟ ୨୦ ବର୍ଷରୁ କମ୍ ଦଳ ଓ ଏହାର ବର୍ଷକ ପରେ ୧୨ ଜୁନ ୨୦୦୫ରେ ପାକିସ୍ତାନ ବିପକ୍ଷରେ ସିନିଅରସ୍ତରରେ ଖେଳି ଛେତ୍ରୀ ପଦାର୍ପଣ କରିଥିଲେ। ଜାତୀୟ ଦଳ ପକ୍ଷରୁ ଦୁଇ ଦଶନ୍ଧି ଧରି ଖେଳିଥିବା ଛେତ୍ରୀଙ୍କୁ ଭାରତୀୟ ଫୁଟ୍‌ବଲର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଏ। ସେ ଦେଶ ପାଇଁ ୧୫୭ଟି ମ୍ୟାଚ୍ ଖେଳି ୯୫ଟି ଗୋଲ୍ ଦେଇଛନ୍ତି। ଭାରତୀୟ ଫୁଟବଲର ସେ ସର୍ବକାଳୀନ ସର୍ବାଧିକ ସ୍କୋରର ବିବେଚିତ ହୋଇଛନ୍ତି। ସେହିଭଳି ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ ସେ କ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୩ ଗୋଲ୍) ଲିଓନେଲ ମେସି (୧୧୪), ଇରାନର ଅଲି ଡାଇ (୧୦୮)ଙ୍କ ପଛକୁ ଛେତ୍ରୀ ୪ର୍ଥ ସ୍ଥାନରେ ରହିଛନ୍ତି।

**ହକି ଇଣ୍ଡିଆର ଶତବାର୍ଷିକୀ ଉତ୍ସବ**

# ସାରା ଦେଶରେ ଖେଳାଗଲା ହଜାରେ ମ୍ୟାଚ୍

ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଭାରତୀୟ ହକିର ସର୍ବୋଚ୍ଚ ସଂସ୍ଥା 'ହକି ଇଣ୍ଡିଆ'ର ୧୦୦ ବର୍ଷ ପୂର୍ତ୍ତିପାଳନ ଶୁକ୍ରବାର ଧୁମ୍‌ଧାମରେ ଜାତୀୟ ରାଜଧାନୀରେ ପାଳିତ ହୋଇଯାଇଛି। ହକି ଇଣ୍ଡିଆର ଖେଳାଯାଇଥିଲା। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଭାରତୀୟ ଏକାଦଶର ନେତୃତ୍ୱ ନେଇଥିଲେ। ପ୍ରଥମଥର ଲାଗି ଭାରତୀୟ ପୁରୁଷ ଓ ମହିଳା ଖେଳାଳି ଏକାଠି ଗୋଟିଏ ଦଳ ହୋଇ ମ୍ୟାଚ ଖେଳିଥିଲେ। କରିଥିଲେ। ଏହି ଅବସରରେ ବହୁ ପୂର୍ବତନ ହକି ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଯେଉଁମାନଙ୍କ ମଧ୍ୟରେ ଧ୍ୟାନଚାନ୍ଦଙ୍କ ପୁଅ ଅଶୋକ କୁମାର, ଗୁର୍‌ବକ୍ସ ସିଂହ, ଅଜିତ୍ ପାଲ୍ ସିଂହ, ଅସଲାମ ଶେର୍ ଖାନ, ଜାଫର ଇକବାଲ, ଅସୁନ୍ତ ଲାକ୍ରା ଓ ସୁଭଦ୍ରା ପ୍ରଧାନ ରହିଥିଲେ।



- ହକି ଇଣ୍ଡିଆ ଏକାଦଶକୁ ୩-୧ରେ ହରାଇଲା କ୍ରୀଡ଼ାମନ୍ତ୍ରୀ ଏକାଦଶ
- କଳିଙ୍ଗରେ ଦୀପ୍, ସୁନିତା ଓ ଲିଲିମା ସମ୍ବର୍ଦ୍ଧିତ

ଏହି ଶତବାର୍ଷିକୀ ଲାଗି ମେଜର ଧ୍ୟାନଚାନ୍ଦ ନ୍ୟାସନାଲ ହକି ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବ କ୍ରୀଡ଼ା ଉତ୍କର୍ଷ, ଗର୍ବ ଓ ଏକତାର ଏକ ଶତାବ୍ଦୀକୁ ଚିହ୍ନିତ କରିଥିଲା। ଏହି ଅବସରରେ ଭାରତୀୟ ଏକାଦଶ ଓ କ୍ରୀଡ଼ାମନ୍ତ୍ରୀ ଏକାଦଶ ମଧ୍ୟରେ ୩୦ ମିନିଟ୍ ବିଶିଷ୍ଟ ଏକ ପ୍ରଦର୍ଶନୀ ମ୍ୟାଚ୍ ଏହି ମ୍ୟାଚରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ନେତୃତ୍ୱରେ ଖେଳିଥିବା କ୍ରୀଡ଼ାମନ୍ତ୍ରୀ ଏକାଦଶ ୩-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ସେହିଭଳି ଶତବାର୍ଷିକୀ ଉତ୍ସବ ଅବସରରେ ସାରା ଦେଶରେ ୫୦୦ ଜିଲ୍ଲାରେ ୧୦୦୦ ହକି ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ୩୬ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ

ସେହିଭଳି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ଉତ୍ସବରେ ଓଡ଼ିଶାର ୩ ଅନ୍ତର୍ଜାତୀୟ ମହିଳା ଖେଳାଳି ଦୀପଗ୍ରେସ ଏକ୍କା, ସୁନିତା ଲାକ୍ରା ଓ ଲିଲିମା ମିଞ୍ଜଙ୍କୁ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିକେ ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ।

# ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ଭୁବନେଶ୍ୱର, ୭ ।୧୧ (ସମିସ): ସ୍ଥାନୀୟ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚାରିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୫ ଓ ୧୭ ବର୍ଷରୁ କମ୍ ବୟସବର୍ଗରେ ୨୮୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେଇଛନ୍ତି। ପ୍ରଥମ ଦିନରେ ବାଳକ/ବାଳିକ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୮୦ଟି ମ୍ୟାଚ୍ ଖେଳାଯାଇଛି। ପ୍ରାୟ ସମସ୍ତ ସିଡେଡ୍ ଖେଳାଳି ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଶୁକ୍ରବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ସମ୍ପାଦକ ନିଲୀନ କୁମାର, ଉପସଭାପତି ପ୍ରଦୀପ ପଟ୍ଟନାୟକ, ଆୟୋଜକ କମିଟିର ସଂମ୍ପାଦକ ଅଜିତ ମହାନ୍ତି, ନିର୍ଦ୍ଦେଶକ ଶୁଭମ ନାୟକ, ପର୍ଯ୍ୟବେକ୍ଷକ ଶିବମ ଅଗ୍ରୱାଲ, ସଂଯୋଜକ ତାରାକାନ୍ତ ଦାଶ, ଅବଦୁଲ ହାକିମ, ଜୟପ୍ରକାଶ ଜେନା, ମୁଖ୍ୟ ରେଫରୀ ରୀତା ଦାଶ ଓ ଲକ୍ଷାପତି ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପାକିସ୍ତାନକୁ ହରାଇଲା ଭାରତ

ମୋଙ୍ଗକକ୍, ୭ ।୧୧ (ଏଜେନ୍ସି): ହଂକଂରେ ଖେଳାଯାଉଥିବା ୬ ଓଭରବିଶିଷ୍ଟ ହଂକଂ ସିକ୍ସେସ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ଡିଏଲ୍ ପଦ୍ଧତିରେ ୨ ରନରେ ପାକିସ୍ତାନକୁ ହରାଇଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ଦୁଇ ଓପନର ରବିନ ଉଥପ୍ପା (୧୧ ବଲରେ ୨୮ ରନ)ଓ ଭରତ ଚିପିଲି (୧୩ ବଲରେ ୨୪ ରନ)ଙ୍କ ଉପଯୋଗୀ ପାଳି ବଳରେ ୬ ଓଭରରେ ୪ ୱିକେଟ୍ ହରାଇ ୮୬ ରନ କରିଥିଲା। ଅଧିନାୟକ ଦିନେଶ କାର୍ତ୍ତିକ ୬ଟି ବଲରେ ୧୭ ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଶାହବାଜ ୨ଟି ୱିକେଟ ହାସଲ କରିଥିଲେ। ଜବାବରେ ପାକିସ୍ତାନ ୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ କରିଥିବାବେଳେ ବର୍ଷା ହୋଇଥିଲା। ଏହାପରେ ଫଳାଫଳ ପାଇଁ ଡିଏଲ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଯେଉଁଥିରେ ଭାରତ ୨ ରନରେ ବିଜୟୀ ହୋଇଥିଲା। ଭାରତ ଏହାର ଶେଷ ମ୍ୟାଚରେ ଶନିବାର କୁଏତକୁ ଭେଟିବ।

**ହଂକଂ ସିକ୍ସେସ**

ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, କୁଏତ, ଆଫଗାନିସ୍ତାନ ଓ ଆୟୋଜକ ହଂକଂକୁ ମିଶାଇ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆଇସିସି ଅନୁମୋଦିତ ହାସଲ କରିଛି। ୬ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରତ୍ୟେକ ଦଳରେ ୬ଜଣ ଲେଖାଏ ଖେଳାଳି ରହିଥାନ୍ତି।

# ଆଇପିଏଲ୍-୧୯ ଖେଳିବେ ଧୋନି: ସିଏସ୍‌କେ

ଚେନ୍ନଇ,୭ ।୧୧(ଏଜେନ୍ସି): ମହେନ୍ଦ୍ର ସିଂ ଧୋନି ଏଥର ମଧ୍ୟ ଆଇପିଏଲ୍ ଖେଳିବେ। ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ତରଫରୁ ଏନେଇ ଶୁକ୍ରବାର ଅଫିସିଆଲ୍ ଭାବେ ସ୍ପଷ୍ଟ କରାଯାଇଛି। ଫଳରେ ଧୋନି ଆଇପିଏଲ ଖେଳିବ କି ଯେଉଁ ଚାଲିଥିବା ଚର୍ଚ୍ଚା ଚାଲିଥିଲା ତାହାର ଅନ୍ତ ଘଟିଛି। ଆଇପିଏଲ୍‌ର ୨୦୨୬ ତଥା ୧୯ତମ ସଂସ୍କରଣରେ ୪୪ ବର୍ଷୀୟ ଧୋନି ଖେଳିବା ବୋଲି ସିଏସ୍‌କେ ମୁଖ୍ୟ କାର୍ଯ୍ୟନିର୍ବାହୀ କାଶି ବିଶ୍ୱନାଥନ୍ କହିଛନ୍ତି। ଧୋନିଙ୍କ ଭଳି ବିଶ୍ୱନାଥନ ମଧ୍ୟ ୨୦୦୮ରୁ ସିଏସ୍‌କେ ସହିତ ଜଡିତ ରହି ଆସିଛନ୍ତି। ଧୋନିଙ୍କ ନେତୃତ୍ୱରେ ସିଏସ୍‌କେ ପାଞ୍ଚଥର (୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩) ଆଇପିଏଲ ଟାଇଟଲ ହାସଲ କରିଛି। ସେ ସିଏସ୍‌କେ ତରଫରୁ ୨୪୮ଟି ମ୍ୟାଚ୍ ଖେଳି ୪,୮୬୫ ରନ ସଂଗ୍ରହ କରିଛନ୍ତି। ଗତ ସଂସ୍କରଣ ସିଏସକେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ଓ ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ଥିଲା।

**ଏସିଆ କପ୍ ଟ୍ରଫି ବିବାଦ**

# ସମାଧାନ ଲାଗି କମିଟି ଗଠନ କରିବ ଆଇସିସି

ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଏସିଆ କପ୍ ଟ୍ରଫି ବିବାଦର ସମାଧାନ ଲାଗି ବିସିସିଆଇ ବଡ଼ ପଦକ୍ଷେପ ନେଇଛି। ରିପୋର୍ଟ ଅନୁସାରେ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବୈଠକରେ ଏସିଆ କପ୍ ଟ୍ରଫି ପ୍ରସଙ୍ଗ ଉଠିଥିଲା। ଦୁବାଇରେ ଅବସ୍ଥିତ ଆଇସିସିର ମୁଖ୍ୟାଳୟରେ ବସିଥିବା ଏହି ବୈଠକରେ ଭାରତୀୟ ଦଳ ଯେପରି ଶୀଘ୍ର ଟ୍ରଫି ଗ୍ରହଣ କରିପାରିବ ସେଥିଲାଗି ମାମଲାର ସମାଧାନ ପାଇଁ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଆଇସିସିର ସମସ୍ତ ସଦସ୍ୟ କହିଥିଲେ ଯେ ଉଭୟ ଭାରତ ଓ ପାକିସ୍ତାନ କ୍ରିକେଟ ଜଗତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରସଙ୍ଗର ସମାଧାନ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ହେବା ଉଚିତ୍। ଏସିଆ କପ୍ ବିବାଦ ସମ୍ପର୍କରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଯାହା ଅଧିନରେ ଏହି ପ୍ରସଙ୍ଗର ସମାଧାନ ଲାଗି ଏକ କମିଟି ଗଠନ କରାଯିବ। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବର ୨୮ ତାରିଖରେ ଏସିଆ କପ୍ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପାକିସ୍ତାନକୁ ୫ ୱିକେଟରେ ପରାସ୍ତ କରି ଭାରତ ଟ୍ରଫି ଜିତିଥିଲା। ତେବେ ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ଦଳର ଖେଳାଳିମାନେ ଏସିଆ କ୍ରିକେଟ କାଉନସିଲ (ଏସିସି) ମୁଖ୍ୟ ପାକିସ୍ତାନର ମୋହସିନ ନକଭୀଙ୍କ ହାତରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲେ। ଷ୍ଟେଜ ଉପରେ ନକଭୀ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ଭାରତୀୟ ଖେଳାଳି ଟ୍ରଫି ଗ୍ରହଣ କରିବାକୁ ଯାଇ ନ ଥିଲେ। ଶେଷରେ ନକଭୀ ଟ୍ରଫି ନେଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ।

# ଫାଓ ଅନୁମତି ବିନା ଟୁର୍ଣ୍ଣାମେଣ୍ଟ ବେଆଇନ

କଟକ,୭।୧୧(ସମିସ): କୌଣସି କ୍ଲବ କିମ୍ବା ସଂଗଠନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ହେଲେ ଜିଲ୍ଲା ସଂଘଠାରୁ ଅନୁମତି ନେବାକୁ ପଡିବ। ଏହାଛଡ଼ା ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଟୁର୍ଣ୍ଣାମେଣ୍ଟ ପାଇଁ ସ୍ୱୀକୃତି ଦିଆଯିବ। ଯଦି ଏହା ବ୍ୟତୀତ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଏ ତାହେଲେ ଏହାକୁ ବେଆଇନ ଘୋଷିତ କରାଯିବ। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳି ଏବଂ ଅଫିସିଆଲଙ୍କ ବିରୋଧରେ ଫାଓର ଶୃଙ୍ଖଳା କମିଟି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଜି ଫାଓ ପକ୍ଷରୁ ଆୟୋଜିତ ସମନ୍ୱୟ କମିଟି ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଶୁକ୍ରବାର ବାରବାଟୀ ଷ୍ଟାଡିୟମସ୍ଥିତ ଗେଷ୍ଟ ହାଉସ୍‌ରେ ଆୟୋଜିତ ଫାଓର ବୈଠକରେ ସମସ୍ତ କର୍ମକର୍ତ୍ତାଙ୍କ ସମେତ ଟୁର୍ଣ୍ଣାମେଣ୍ଟ କମିଟି, ଚୟନ କମିଟି ସଦସ୍ୟ ଉପସ୍ଥିତ ଥିଲେ। ସନ୍ତୋଷ ଟ୍ରଫି ନିମନ୍ତେ ଆସନ୍ତା ୧୫ଦିନ ମଧ୍ୟରେ ପ୍ରସ୍ତୁତି ଶିବିର ଆରମ୍ଭ କରାଯିବ। ଶିବିରରେ ଭାଗନେବା ପାଇଁ ଚୟନ ହୋଇଥିବା ଖେଳାଳି ପ୍ରତ୍ୟେକଦିନ ଉପସ୍ଥିତ ରହିବାକୁ ବାଧ୍ୟ। ଯଦି କେହି ଏହି ଶୃଙ୍ଖଳା ଭଙ୍ଗ କରନ୍ତି ତାହେଲେ ଫାଓର କୌଣସି ଟୁର୍ଣ୍ଣାମେଣ୍ଟରେ ସେମାନେ ଅଂଶ ଗ୍ରହଣ କରି ପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ଯୁବ ଫୁଟବଲ ଦଳର ପ୍ରଦର୍ଶନ ନେଇ ଦୀର୍ଘ ସମୟ ଆଲୋଚନା କରାଯାଇଥିଲା। ଫାଓ ପକ୍ଷରୁ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ଜାନୁଆରୀରେ ଓଡ଼ିଶା ମହିଳା ଲିଗ୍ ଖେଳାଯିବ। ଏଥିରେ ୧୨ଟି ଦଳ ଭାଗ ନେବେ। ସମନ୍ୱୟ କମିଟି ବୈଠକରେ ବରିଷ୍ଠ ଉପସଭାପତି ବିଜୟ ଦାସ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ବୀରେନ୍ଦ୍ର କୁମାର ବେହେରା, ସହଦେବ ରାଉତ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ମହମ୍ମଦ ସହିଦ ଜବାର, ବିଶ୍ୱରଞ୍ଜନ ଘଡେଇ, ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ଆଜିଠୁ ବିଦର୍ଭ ବିପକ୍ଷ ରଣଜୀ**

# ଓଡ଼ିଶାର ଚିନ୍ତା ଚୂଡ଼ାନ୍ତ ଏକାଦଶ ଗଠନ

କଟକ,୭।୧୧(ସମିସ): ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବିପକ୍ଷରେ ଚଳିତ ରଣଜୀ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍ ଖେଳିବ ଓଡ଼ିଶା ଦଳ। ଶନିବାର ଠାରୁ ନାଗପୁର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ପ୍ରଥମ ତିନୋଟି ମ୍ୟାଚ୍‌ରୁ ଦୁଇଟି

- ବିଫଳତା ଆଣୁଛି ବ୍ୟାଟିଂ ଲାଇନ୍‌ଅପ୍‌ରେ ପରିବର୍ତ୍ତନ
- ନିରାଶ କରୁଛନ୍ତି ପ୍ରମୁଖ ବୋଲର; ଖେଳି ପାରନ୍ତି ଜାମେଲା
- ରାଜେଶଙ୍କ ବୋଲିଂ ଆଭରେଜ୍ ୨୦୦ ଟପିଛି

ପରାଜୟ ଜାଲରେ ଛନ୍ଦି ହୋଇ ନିନ୍ଦା ମୁଣ୍ଡାଇଥିବା ଓଡ଼ିଶା ଏହି ଧାରାରୁ ମୁକୁଳିବାକୁ ନିହାତି ଉଦ୍ୟମ କରିବ। ଅନ୍ୟପକ୍ଷରେ ଖେଳାଳିଙ୍କ ମନୋବଳକୁ ଦୃଢ଼ ରଖିବାକୁ ଶୁକ୍ରବାର ମ୍ୟାଚ୍ ପୂର୍ବ ଟିମ୍ ମିଟିଂରେ ଆଲୋଚନା କରାଯାଇଛି। ବିଦର୍ଭ ବିପକ୍ଷ ଶେଷ ୫ଟି ମ୍ୟାଚ୍‌ରେ ଓଡ଼ିଶା ଗୋଟିଏ ହେଲେ ବିଜୟ ସୁଯୋଗ ପାଇନଥିଲେ ସୁଦ୍ଧା



ନାଗପୁର ମୁକାବିଲା ରୋମାଞ୍ଚକ ହେବ ବୋଲି ଅନୁମାନ କରାଯାଇପାରେ। ଅକ୍ଷୟ ୱାଡେକରଙ୍କ ନେତୃତ୍ୱାଧୀନ ବିଦର୍ଭକୁ ଓଡ଼ିଶାର ଶୁଭ୍ରାଂଶୁ ବାହିନୀ କଡା ଟକ୍କର ଦେବା ଲକ୍ଷ୍ୟରେ ରହିଛି।

ନିକଟ ଅତୀତରେ ଶେଷ ହୋଇଥିବା ଇରାନୀ କପ୍‌ରେ ବିଦର୍ଭ ଚାମ୍ପିଅନ ଟାଇଟଲ ହାସଲ କରିବା ପରେ ରଣଜୀ ଟ୍ରଫିରେ ଭାଗ ନେଇଛି। ପ୍ରଥମ ତିନୋଟି ମ୍ୟାଚ୍‌ରୁ ବିଦର୍ଭକୁ ଗୋଟିଏ ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ଦ୍ୱାରା ୧୩ ପଏଣ୍ଟ ମିଳିଛି। ଦଳ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହିଛି। ଯଶ ରାଥୋଡ, ଅମନ ମୋଖାଡେ, ଧ୍ରୁବ ସୋରେ, ଅକ୍ଷୟ କର୍ଣ୍ଣେୱାର ଦଳର ବ୍ୟାଟିଂ ଭାର ସମ୍ଭାଳିଛନ୍ତି। ଯଶ ଏବଂ ଅମନଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ନଚିକେତ ଭୂତେ ହେଉଛନ୍ତି ଦଳର ସଫଳ ବୋଲର। ୩ଟି ମ୍ୟାଚରୁ ସେ ୧୫ଟି ୱିକେଟ ଅକ୍ତିଆର କରିଛନ୍ତି। ହର୍ଷ ଦୁବେ, ପ୍ରଫୁଲ୍ଲ ହିଙ୍ଗେ, ପାର୍ଥ ରେଖାଡେଙ୍କ କାନ୍ଧରେ ବିଦର୍ଭର ଶକ୍ତିଶାଳୀ ବୋଲିଂ ଲାଇନଅପ ଭରସା କରୁଛି। ବିଦର୍ଭକୁ ଟକ୍କର ଦେବା ଓଡ଼ିଶା ପାଇଁ କାଠିକର ପାଠ ହୋଇପାରେ।

ବିଦର୍ଭ ବିପକ୍ଷ ମ୍ୟାଚ୍ ପୂର୍ବରୁ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି। ଡାହାଣହାତୀ ପେସ୍ ବୋଲର ସୁନୀଲ କୁମାର ରାଉଳଙ୍କୁ ବାଦ୍ ଦେଇ ଦଳରେ ପେସ୍ ବୋଲର ପ୍ରଶାନ୍ତ ରଣା ଏବଂ ବାମହାତୀ ସ୍ପିନର ଜାମେଳା ଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ପୂର୍ବରୁ ବାଦଲ ବିଶ୍ୱାଲ ଏବଂ ସୁମିତ ଶର୍ମା ପ୍ରମୁଖ ସ୍ପିନର ଭାବେ ଦଳରେ ରହିଛନ୍ତି। ବିଦର୍ଭ ବିପକ୍ଷରେ ସୁମିତଙ୍କୁ ବିଶ୍ରାମ ଦିଆଯାଇ ଜାମେଳାଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇପାରେ। ତେବେ ଓଡ଼ିଶାର ଭରସାଯୋଗ୍ୟ ପେସ୍ ବୋଲର ରାଜେଶ ମହାନ୍ତିଙ୍କ ବିଫଳତା ଦଳ ପାଇଁ ଚିନ୍ତା ସୃଷ୍ଟି କଲାଣି। ୩ଟି ମ୍ୟାଚ୍‌ରୁ ସେ ମାତ୍ର ଗୋଟିଏ ୱିକେଟ ପାଇଛନ୍ତି। ମୋଟ୍ ୬୦ ଓଭର ବୋଲିଂ କରିଥିବା ରାଜେଶଙ୍କ ଆଭରେଜ ୨୦୭ ରହିଛି। ତାଙ୍କର ପ୍ରତ୍ୟାବର୍ତ୍ତନ ଓଡ଼ିଶା ପାଇଁ ନିହାତି ଆବଶ୍ୟକ ହୋଇଛି। ନବାଗତ ସମ୍ବିତ ବରାଳ ୫ଟି ଏବଂ ବାଦଲ ବିଶ୍ୱାଳ ୬ଟି ୱିକେଟ ଦଖଲ କରି ଅନ୍ୟମାନଙ୍କ ଠାରୁ ଆଗରେ ରହିଛନ୍ତି। ବ୍ୟାଟିଂ ବିପଳତା ଓଡ଼ିଶା ପାଇଁ ଅନ୍ୟଏକ ଚିନ୍ତାର କାରଣ। ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି, ସମ୍ବିତ ବରାଳ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ସୁଦ୍ଧା ଉଚିତ୍ ସମୟରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇ ପାରିନାହାନ୍ତି। ବିଦର୍ଭ ବିପକ୍ଷରେ ଚୂଡାନ୍ତ ଏକାଦଶ ଗଠନ କରିବା ନେଇ ଓଡ଼ିଶା ଶିବିରରେ ଚିନ୍ତା ବଢ଼ିଥିବା କୁହାଯାଉଛି।

'ନନ୍ଦିଘୋଷ ଟିଭି'
ନନ୍ଦିଘୋଷ
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (0୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (0୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (0୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (0୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (0୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (0୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS